NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
SATURDAY
26 APRIL 2025
ଶନିବାର
୨୬ ଏପ୍ରିଲ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 336 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୩୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ବର୍ତ୍ତିପାରିବେନି ପହଲଗାମ୍ ଅପରାଧୀ, ଘରକୁ ଘର ଖୋଜୁଛନ୍ତି ସୁରକ୍ଷା ଯବାନ୍

# ସର୍ଚ୍ଚ ଅପରେସନ୍ ଜୋରଦାର୍

**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:**

ପହଲଗାମ ନିକଟସ୍ଥ ବୈସାରନ ଘାଟିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

### ସୀମାରେ ପହଞ୍ଚିଲେ ସ୍ଥଳ ସେନା ମୁଖ୍ୟ

### ସବୁ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

ବିଶେଷକରି ଆତଙ୍କବାଦୀ ପାକିସ୍ତାନ ପଟୁ ଅନୁପ୍ରବେଶ କରି ପହଲଗାମ୍‌ରେ ପ୍ରବେଶ କରିଥିବା ଜଣାପଡ଼ିବା ପରେ ଏହାକୁ ନେଇ ଭାରତ, ପାକିସ୍ତାନ ବିରୋଧରେ ଏକ ଉତ୍ତେଜକ ମୋର୍ଚ୍ଚା ଆରମ୍ଭ କରିଦେଇଛି। ୨୦୧୯ରେ ଧାରା ୩୭୦ ଉଚ୍ଛେଦ ପରେ ଏହି ଆତଙ୍କବାଦୀ ଆକ୍ରମଣ ସବୁଠାରୁ ଭୟଙ୍କର ଘଟଣା ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଉଥିବା ବେଳେ ଆତଙ୍କବାଦୀ ଗୋଷ୍ଠୀର କର୍ମୀ ଏବଂ ସମର୍ଥକମାନଙ୍କୁ ଆଶ୍ରୟ ଦେବାର ▶▶ ୫



### ୨ ଲସ୍କର ଆତଙ୍କୀଙ୍କ ଘରେ ବିସ୍ଫୋରଣ

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଥିବା ୨ ସ୍ଥାନୀୟ ଆତଙ୍କବାଦୀ ଆଦିଲ ହୁସେନ ଥୋକର ଏବଂ ଆସିଫ୍ ଶେଖ୍ ନାମକ ଆତଙ୍କୀଙ୍କ ଘର ବିସ୍ଫୋରଣରେ ଉଡିଯାଇଥିବା ସୂଚନା ମିଳିଛି। ଅନନ୍ତନାଗ ଜିଲ୍ଲାର ବିଜହେରା ଅଞ୍ଚଳରେ ରହୁଥିବା ଏମାନଙ୍କ ପରିବାର ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷାକର୍ମୀ ଏମାନଙ୍କ ଘରକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ୍ କରିଥିଲେ। ଏହି ସମୟରେ ଉଭୟଙ୍କ ଘରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମହଜୁଦ୍ ଥିବା ଦେଖିବାକୁ ମିଳିଥିଲା। ପରେ ବିସ୍ଫୋରକ ସାମଗ୍ରୀରେ ନିଆଁ ଲଗାଇଦେଇଥିଲା। ଦେଖୁଦେଖୁ ଏସବୁ ପ୍ରଚଣ୍ଡ ଶବ୍ଦ ସହ ବିସ୍ଫୋରିତ ହୋଇଥିଲା ଏବଂ ଘରଦ୍ୱାର ସବୁକିଛି ଜଳିପୋଡି ଛାରଖାର ହୋଇଯାଇଥିଲା।

### ଓଡ଼ିଶାରୁ ତଡ଼ା ଖାଇବେ ୧୨ ପାକିସ୍ତାନୀ ନାଗରିକ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**

ପହଲଗାମ ଆତଙ୍କୀ ହମଲା ପରେ ଭାରତ କଠୋର ହୋଇଛି। ପାକିସ୍ତାନ ସହ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଫଳରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ମୁତାବକ ଓଡ଼ିଶାରୁ ତଡ଼ା ଖାଇବେ ୧୨ ପାକିସ୍ତାନୀ ନାଗରିକ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସଂପୃକ୍ତ ପାକିସ୍ତାନ ନାଗରିକଙ୍କୁ ଦେଶ ଛାଡ଼ିବାକୁ ନୋଟିସ୍ ଜାରି ହୋଇଛି। ଭାରତ ସରକାର ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ରଦ୍ଦ କରିଦେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଏଥିପାଇଁ ସବୁ ▶▶ ୫

# ଚିରନିଦ୍ରାରେ କେ. କସ୍ତୁରିରଙ୍ଗନ୍

**ବେଙ୍ଗାଲୁରୁ,୨୫।୪/ଏଜେନ୍ସି:**



୮୪ ବର୍ଷ ବୟସରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପୂର୍ବତନ ମୁଖ୍ୟ ଡ. କେ. କସ୍ତୁରିରଙ୍ଗନଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ପୁରାନାମ କୃଷ୍ଣସ୍ୱାମୀ କସ୍ତୁରିରଙ୍ଗନ୍। ଶୁକ୍ରବାର ସକାଳେ ବେଙ୍ଗାଲୁରୁସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପରଲୋକଗତ ସମ୍ବାଦ ପରିବାର ପକ୍ଷରୁ ଦିଆଯାଇଛି। କସ୍ତୁରିରଙ୍ଗନ ଦୁଇବର୍ଷ ପୂର୍ବେ ହୃଦ୍‌ଘାତର ଶିକାର ହୋଇଥିଲେ। ସେବେଠାରୁ ସେ ଅସୁସ୍ଥ ଥିଲେ। ତେବେ ୨୭ ଏପ୍ରିଲ୍‌ରେ, ତାଙ୍କର ପାର୍ଥିବ ଶରୀରକୁ ସାଧାରଣ ଦର୍ଶନ ପାଇଁ ରମଣ ଗବେଷଣା ପ୍ରତିଷ୍ଠାନ (ଆର୍‌ଆର୍‌ଆଇ)ରେ ରଖାଯିବ ବୋଲି ସୂଚନା ମିଳିଛି। ୨୪ ଅକ୍ଟୋବର ୧୯୪୦ରେ ଏର୍ଣ୍ଣାକୁଲମ୍‌ଠାରେ ଜନ୍ମିତ ଏହି ମହାନ୍ ବୈଜ୍ଞାନିକ ତଥା ଶିକ୍ଷାବିତ୍‌ଙ୍କୁ ଭାରତ ସରକାର ୧୯୮୨ରେ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ଏତଦ୍‌ବ୍ୟତୀତ ମହାକାଶ ବିଜ୍ଞାନ ଉପରେ ଡ. କସ୍ତୁରିରଙ୍ଗନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ୨୦୦ରୁ ଅଧିକ ରିସର୍ଚ୍ଚ ପେପର୍ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଜର୍ଣ୍ଣାଲ୍‌ରେ ପ୍ରକାଶ ପାଇଥିଲା।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ପରଲୋକଗତ ସମ୍ବାଦରେ ଗଭୀର ଦୁଃଖ ତଥା ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କସ୍ତୁରୀରଙ୍ଗନ୍‌ଙ୍କ ସହ ତାଙ୍କର ଏକ ପୁରୁଣା ଫଟୋକୁ ମୋଦୀ ନିଜ ଏକ୍ସ ହ୍ୟାଣ୍ଡେଲ୍‌ରେ ସେୟାର୍ କରିବା ସହ ଏ ଦେଶ ଚିରଦିନ ପାଇଁ କସ୍ତୁରିରଞ୍ଜନଙ୍କ ଅବଦନା ପ୍ରତି କୃତଜ୍ଞ ରହିବ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପରିବାର, ଛାତ୍ର, ବୈଜ୍ଞାନିକ ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

### ଚନ୍ଦ୍ରାୟନ୍' ପ୍ରକଳ୍ପର ଥିଲେ ସୂତ୍ରଧର

### ନୂଆ ଜାତୀୟ ଶିକ୍ଷା ନୀତିର ଥିଲେ ବିନ୍ଧାଣୀ

କସ୍ତୁରୀରଙ୍ଗନ୍ ୧୯୯୪ ରୁ ୨୦୦୩ ▶▶ ୫

### ଆଜିଠୁ କାଳବୈଶାଖୀ ବର୍ଷା !

## ୫ ଦିନ ଯାଏ ଜାରି ରହିବ ଅସହ୍ୟ ତାତି

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**

ଜଳୁଛି ସାରା ଓଡ଼ିଶା। ଆହୁରି ୫ ଦିନ ଯାଏ ଅସହ୍ୟ ତାତି ଜାରି ରହିବ। ହେଲେ ଆସନ୍ତାକାଲିଠାରୁ କାଳବୈଶାଖୀ ବର୍ଷା ଆଣିପାରେ ତାତିରୁ ଆଶ୍ୱସ୍ତି। ଆସନ୍ତା ୨୪ଘଣ୍ଟା ପାଇଁ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗୀର ୪ ଜିଲ୍ଲାକୁ ଗ୍ରୀଷ୍ମପ୍ରବାହ ନେଇ ଅରେଞ୍ଜ ୱାର୍ଣ୍ଣିଙ୍ଗ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ସୋନପୁର, ବରଗଡ଼, ସୁନ୍ଦରଗଡ଼ ଓ ଅନୁଗୁଳକୁ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଙ୍ଗ, ଉଷ୍ମ ରାତ୍ରି ପାଇଁ ସମ୍ବଲପୁର ଓ ବଲାଙ୍ଗୀର ଅରେଞ୍ଜ୍ ୱାର୍ଣ୍ଣିଙ୍ଗ ଏବଂ ଉଷ୍ମ ଓ ଆର୍ଦ୍ର ସ୍ଥିତିକୁ ନେଇ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଙ୍ଗ ଜାରି ହୋଇଛି। ▶▶ ୫

## ଅଦିନିଆ ଝଡ଼ ନେଲା ୨ ଜୀବନ



**ବଲାଙ୍ଗୀର,୨୫।୪/ଏନ୍‌ଏନ୍‌ଏସ୍:**

କାଳବୈଶାଖୀ ନେଲା ଦୁଇ ଜୀବନ। କାଳବୈଶାଖୀ ପ୍ରଭାବରେ ଏକ ଅଟୋ ଉପରେ ଗଛ ଉପୁଡ଼ି ପଡ଼ିବାରୁ ଡ୍ରାଇଭର୍ ଓ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର - ଆଟଗାଁ ରାସ୍ତା କସାବାହାଲ ଗ୍ରାମ ନିକଟରେ। ମୃତକମାନେ ହେଲେ ଟଣ୍ଡାମୁଣ୍ଡା ଗ୍ରାମର ରବି ନନ୍ଦ ଓ ତରଭା ଥାନା ଝିଲିମୁଣ୍ଡା ଗ୍ରାମର ଅଟୋ ଡ୍ରାଇଭର୍ ଗୁଲାମ ମୁସ୍ତଫା ମହମ୍ମଦ। ସୂଚନା ମୁତାବକ ଅପରାହ୍ଣ ▶▶ ୫

# ଏମ୍‌ସରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**

ଏମ୍‌ସ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା। ଏହି ସୁବିଧା ପ୍ରଚଳନ ସହିତ ଏମ୍‌ସ ଭୁବନେଶ୍ୱର ଓଡ଼ିଶା ସମେତ ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି। ଏଥିସହିତ ପ୍ରଯୁକ୍ତିବିଦ୍ୟା ସହିତ ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ଲପଲବ୍ଧି ହାସଲ କରିଛି ଏହି ଜାତୀୟ ଅନୁଷ୍ଠାନ। ଏମ୍‌ସ ଭୁବନେଶ୍ୱର ଅର୍ଥୋପେଡିକ୍‌ସ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗର ଜଣେ ୬୬ ବର୍ଷିୟା ମହିଳା ରୋଗୀଙ୍କର ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାଯୁକ୍ତ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବେଶ୍ ସୁଗମ ଭାବରେ ସମ୍ପନ୍ନ ହୋଇଛି। ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ମାତ୍ର ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ



### ଓଡ଼ିଶା ସମେତ ପୂର୍ବ ଭାରତ ସରକାରୀ ପ୍ରତିଷ୍ଠାନରେ ପ୍ରଥମ

### 'ଖୁବ୍‌ଶୀଘ୍ର ରୋବୋଟିକ୍ ହିପ୍ ଅସ୍ତ୍ରୋପଚାର ସୁବିଧା ଆରମ୍ଭ'

ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ଭାବେ ଏହି ପ୍ରକ୍ରିୟା ସମ୍ପାଦନରେ ସଫଳତା ପାଇଁ ସେ ସମ୍ପୂର୍ଣ୍ଣ ଅର୍ଥୋପେଡିକ୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଘରୋଇ କ୍ଷେତ୍ରରେ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟୟବହୁଳ ହୋଇଥିଲେ ମଧ୍ୟ ଏମ୍‌ସରେ ଏହା ସମାଜର ସବୁବର୍ଗଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବାର ଉପଲବ୍ଧତାକୁ ସୁନିଶ୍ଚିତ କରି ରୋବୋ-ସହାୟିତ ଅସ୍ତ୍ରୋପଚାରଗୁଡ଼ିକୁ ସୁଗମ କରିଥିବା ଡ. ବିଶ୍ୱାସ କହିଛନ୍ତି। ତେବେ ଏମ୍‌ସରେ ପ୍ରଥମ ରୋବୋଟିକ୍ ଅସ୍ତ୍ରୋପଚାର ପ୍ରାୟ ୮୦ମିନିଟ୍ ସମୟ ନେଇଥିଲା। ଆଗକୁ ଏହି ସମୟ ଆହୁରି କମିବ। ସେହିପରି ଖୁବ୍‌ଶୀଘ୍ର ଏମ୍‌ସରେ ରୋବୋଟିକ୍ ହିପ୍ ଅସ୍ତ୍ରୋପଚାର ସୁବିଧା ମଧ୍ୟ ଆରମ୍ଭ କରାଯିବ ବୋଲି ଅର୍ଥୋପେଡିକ୍ସ ବିଭାଗର ମୁଖ୍ୟ ଡ. ବିଷ୍ଣୁ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। ଏନେଇ ଶୁକ୍ରବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ବିଶ୍ୱାସ, ବିଭାଗୀୟ ମୁଖ୍ୟ ଡ. ପାତ୍ରଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ସୁଜିତ ତ୍ରିପାଠୀ, ଡ. ଗୁରୁଦୀପ ଦାସ, ଡ. ମେଗାନାଥ ଭି ପାଓ୍ୱାର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗଠିତ ହେଲା ୪୬ ଜୁନିଅର୍ ସିଭିଲ୍ ଜଜ୍ କୋର୍ଟ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ଗଠିତ ହୋଇଛି ୪୬ ନୂଆ ଜୁନିଅର୍ ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡ଼ିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି।

କୋର୍ଟଗୁଡ଼ିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଲେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡ଼ା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୁରଭଞ୍ଜ ଜିଲ୍ଲାର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଠାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ. ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡ଼ି, ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଏବଂ ▶▶ ୫

# ଛୁଟିରେ ସ୍କୁଲ ଖୋଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ



**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**

ବେସରକାରୀ ସ୍କୁଲ ଓ କଲେଜକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି। ସରକାରଙ୍କ ଗ୍ରୀଷ୍ମ ପ୍ରବାହ ଏସ୍‌ଓପି ନ ମାନି ସ୍କୁଲ୍, କଲେଜ ଖୋଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମନ୍ତ୍ରୀ କହିଛନ୍ତି ଯେ ଏ ନେଇ ପଦକ୍ଷେପ ନିଆଯାଇଛି ଏବଂ ସ୍ଥିତି ନିୟନ୍ତ୍ରଣରେ ରହିଛି। ତେବେ ଅତି ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବାକୁ ସିଏଚ୍‌ସି ଏବଂ ପିଏଚ୍‌ସିକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ୨୩ ତାରିଖଠାରୁ ଅଙ୍ଗନବାଡ଼ି, ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁବାଟିକାଠାରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିଛି। ଏହି ସମୟ ମଧ୍ୟରେ ଅଙ୍ଗନବାଡ଼ି ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ସରକାରୀ ଓ ବେସରକାରୀ କଲେଜ ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହି ସମୟରେ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଦୋହରାଇଲେ ପଞ୍ଚାୟତିରାଜ ମନ୍ତ୍ରୀ

## ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ମିଳିବ ଘର

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**

ମେ ମାସ ଶେଷ ଯାଏ ଚାଲିବ ଆବାସ ସର୍ଭେ। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡ଼ି ହୋଇଛନ୍ତି। ଆସନ୍ତା ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ଘର ମିଳିବ। କେବଳ ମଇ ମାସରେ ଆଉ ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର।

ଶୁକ୍ରବାର ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଭଳି ଅନ୍ତ୍ୟୋଦୟ ଯୋଜନାରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ଅନ୍ୟୁନ ୨ ଲକ୍ଷ ୨୫ ହଜାର ନୂତନ ପକ୍କାଘର ନିର୍ମାଣ ହେବ। ଏନେଇ ଧାର୍ଯ୍ୟ ୩ ବର୍ଷରେ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ୨୫ ମିଟର ପରିଧି ବିଶିଷ୍ଟ ପ୍ରତି ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ ମିଳିବ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା। ଅନ୍ତ୍ୟୋଦୟ ପାଇଁ ୭ ହଜାର ୫୫୦ କୋଟି ଟଙ୍କା ବ୍ୟୟବରାଦ କରାଯିବ।

ମନ୍ତ୍ରୀ କହିଛନ୍ତି, ଅନ୍ତ୍ୟୋଦୟ ଯୋଜନାରେ ପରିବାରରେ ସଂଜ୍ଞାକୁ ସରଳୀକରଣ କରାଯାଇଛି। ଆଜବେଷ୍ଟସ୍, ଟିଣ, ଟାଇଲ୍ ଛାତ ଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡ଼େଇ କାନ୍ଥ ସହିତ ଆର୍‌ସିସି ଛାତକୁ ପକ୍କା ଘରର ମାନ୍ୟତା ପ୍ରଦାନ କରାଯାଇଛି। ସେମିତି ପରିବାର ସଜ୍ଞା ବି ବଦଳିଛି। ଏହା ଅର୍ଥ ସ୍ୱାମୀ, ସ୍ତ୍ରୀ ଓ ନିର୍ଭରଶୀଳ ପିତାମାତା ଓ ସନ୍ତାନ ରହିଛି। ଏହା ଦ୍ୱାରା ସୃଷ୍ଟି ହେଉଥିବା ନୂଆ ପରିବାର ଯୋଜନାରେ ଉପକୃତ ହେବେ। ଏହା ସହିତ ଶାରୀରିକ ଅକ୍ଷମ, ପ୍ରାକୃତିକ ବିପର୍ଯ୍ୟୟରେ



### ମେ' ଶେଷ ଯାଏ ଚାଲିବ ଆବାସ ସର୍ଭେ

କ୍ଷତିଗ୍ରସ୍ତ, ପଦ୍ମଶ୍ରୀ ଭଳି ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଉଛି। ସମାଜର ଦୁର୍ବଳଶ୍ରେଣୀ ବର୍ଗର ଲୋକମାନଙ୍କୁ ପକ୍କା ଘର ଯୋଗାଇ ଦେଇ ସେମାନଙ୍କ ଜୀବନଧାରଣର ମାନ ପରିବର୍ତ୍ତନ କରିବା ଅନ୍ତୋଦ୍ୱୟ ଗୃହ ଯୋଜନାର ମୂଳ ଲକ୍ଷ୍ୟ। କୌଣସି କାରଣରୁ ପିଏମ୍ ଆବାସରୁ ବଞ୍ଚିତ ହେଉଥିବା ଏହି ଯୋଗ୍ୟ ହିତାଧିକାରୀ ଘର ନଥିବା କାରଣରୁ ରାଜ୍ୟ ସରକାର ଅନ୍ତ୍ୟୋଦୟ ଯୋଜନାରେ ପକ୍କା ଘର ଯୋଗାଇଦେବେ। ଯେମିତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଗୁଆ ଘର ସାରିଲେ 'ବୋନସ୍' ବ୍ୟବସ୍ଥା ରହିଛି, ଅନ୍ତ୍ୟୋଦୟରେ ବି ମିଳିବ। ସରକାର ୪ ମାସ ମଧ୍ୟରେ ଘର କାର୍ଯ୍ୟ ସରିଲେ ୨୦ ହଜାର, ୬ ମାସରେ ଘର କଲେ ୧୦ ହଜାର ଟଙ୍କା ବୋନସ୍ ଦେବେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ଇଣ୍ଡିଆ ଷ୍ଟିଲ୍-୨୦୨୫ ବୈଠକରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ଏବେ ସର୍ବୋତ୍ତମ ସୁଯୋଗର ଭୂମି

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**


ଓଡ଼ିଶା ହେଉଛି ବର୍ତ୍ତମାନ ପାଇଁ ସର୍ବୋତ୍ତମ ସୁଯୋଗର ଭୂମି। ଡବଲ୍ ଇଞ୍ଜିନ୍ ସରକାର ଯୋଗୁ ତାହା ସମ୍ଭବ ହେବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସହିତ ୨୦୪୭ ସୁଦ୍ଧା ବିକଶିତ ଭାରତରେ ଓଡିଶା ଏକ ଗ୍ରୋଥ୍ ଇଞ୍ଜିନ୍ ହେବ। ଓଡ଼ିଶାରେ ପୂର୍ବରୁ ଆୟୋଜିତ 'ଉତ୍କର୍ଷ ଓଡ଼ିଶା କନକ୍ଲେଭ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଏଭଳି 'ମୋଦୀ ଗ୍ୟାରେଣ୍ଟି' ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟିକରିଛି। ତେଣୁ ପୁଞ୍ଜି ନିବେଶ ପାଇଁ ରାଜ୍ୟ ସରକାର ଭିଜନ୍ ୨୦୩୬ କାର୍ଯ୍ୟକାରୀ କରିଥିବାରୁ ଶିଳ୍ପାନୁଷ୍ଠାନଗୁଡ଼ିକ ଆଗେଇ ଆସିବା ଉଚିତ୍।

ଶୁକ୍ରବାର ଚେନ୍ନାଇରେ ଫିକି ସହଯୋଗରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଇଣ୍ଡିଆ ଷ୍ଟିଲ୍ -୨୦୨୫ର ଓଡ଼ିଶା ରାଜ୍ୟ ଗୋଲଟେବୁଲ୍ ବୈଠକରେ




ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜି ନିବେଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପୁଞ୍ଜିନିବେଶ ଅଧିକ ହେଲେ ସବୁ କାର୍ଯ୍ୟ କରିବା ସମ୍ଭବ ହୋଇପାରିବ। କାରଣ ବିଶ୍ୱ ନିବେଶ ମାନଚିତ୍ରରେ ଓଡ଼ିଶା ଏବେ ଆକର୍ଷଣୀୟ ସ୍ଥାନ। କେବଳ ଇସ୍ପାତ ଶିଳ୍ପ ନୁହେଁ, ରାଜ୍ୟରେ କେମିକାଲସ୍, ପେଟ୍ରୋକେମିକାଲ୍ସ ଟେକ୍ସଟାଇଲସ୍, ମାଇନିଂ ଓ ମେଟାଲିକ୍, ନବୀକରଣୀୟ ଶକ୍ତି, ଆଇଟି, ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ ପରି ବିବିଧ କ୍ଷେତ୍ରରୁ ପୁଞ୍ଜିନିବେଶର ବ୍ୟାପକ ସୁଯୋଗ ରହିଛି। କଞ୍ଚାମାଲ ଯୋଗାଣରେ କିଛି ସମସ୍ୟା ନାହିଁ। ରାଜ୍ୟ ସରକାର ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେବେ। ସେଥିପାଇଁ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ସେଥିରେ ଓଡ଼ିଶାର ବହୁତ ବଡ଼ ଯୋଗଦାନ ରହିବ। ୨୦୩୬ରେ ଯେବେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ, ସେବେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା' ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

# ଗର୍ଜୁଛନ୍ତି ରାଫେଲ୍, ସୁଖୋଇ, ମିଗ୍



**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଆକ୍ସନ ମୋଡକୁ ଆସିଯାଇଛି। ଗୋଟିଏ ପଟେ ଯେଉଁଠି ନୂଆଦିଲ୍ଲୀ ଏବେ ଘନଘନ ବୈଠକରେ ବ୍ୟସ୍ତ ରହିଛି ସେତେବେଳେ ଅନ୍ୟପକ୍ଷେ ଭାରତୀୟ ବାୟୁସେନାର ଲଢୁଆ ବିମାନଗୁଡ଼ିକ ଆକାଶମାର୍ଗରେ ଗର୍ଜନ କରିବା ଆରମ୍ଭ କରିଦେଇଛନ୍ତି। ଭାରତୀୟ ବାୟୁସେନା ମିଶନ୍ 'ଆକ୍ରମଣ' ଅନ୍ତର୍ଗତ ନିଜ ରାଫେଲ, ସୁଖୋଇ-୩୦ ଏବଂ ମିଗ-୨୯ ଭଳି ବିଧ୍ୱଂସୀ ଲଢୁଆ ବିମାନଗୁଡ଼ିକୁ ଯୁଦ୍ଧାଭ୍ୟାସ କରିବାକୁ ଅନୁମତି ଦେଇଛି। କ୍ରମାଗତ ୨ୟ ଦିନରେ ମଧ୍ୟ ଭାରତର ଏହି ଲଢୁଆ ବିମାନଗୁଡ଼ିକ ଶତ୍ରୁ ପକ୍ଷର ନିଦ ହଜାଇବା ଭଳି ଆକାଶମାର୍ଗରୁ ହୁଙ୍କାର ଦେଇଛନ୍ତି। ଏସବୁ ମଧ୍ୟରେ ଅମ୍ବାଲା ଓ ହସିମରା ଏୟାରବେସ୍‌ରୁ ଯୁଦ୍ଧାଭ୍ୟାସ ହେବା ସହ ପୂର୍ବ ଭାଗରେ ଥିବା ଏୟାରବେସ୍‌ରୁ ବାୟୁସେନାକୁ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି। ପାହାଡ଼ ପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ପହଞ୍ଚିବାକୁ ସମରାଭ୍ୟାସ କରାଯାଉଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ଏବଂ ବାୟୁସେନାର ଏପ୍ରକାର ସମରାଭ୍ୟାସ ପରେ ଆଗକୁ କିଛି ବଡ ଆଶଙ୍କାକୁ ଘନୀଭୂତ କରୁଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଏବେ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ କେବଳ ପ୍ରତିଶୋଧ ମନୋଭାବ ଦେଖିବାକୁ ମିଳୁଛି। କୌଣସି ପରିସ୍ଥିତିରେ ମଧ୍ୟ ପାକିସ୍ତାନ ଏବଂ ଆତଙ୍କବାଦୀଙ୍କୁ ମାଟିରେ ମିଶାଇଦେବାକୁ ସମସ୍ତେ ସରକାରଙ୍କୁ ନାରାବାଜି ମାଧ୍ୟମରେ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ପାକିସ୍ତାନ ସରକାର ମଧ୍ୟ ଭାରତକୁ ଗୋଟିଏ ପଟେ ଗୋଟିଏ ଚେତାବନୀ ଦେବାରେ ଲାଗିଛନ୍ତି। ଏସବୁ ମଧ୍ୟରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ଯୁଦ୍ଧ ବା ଡିପ୍ଲୋମାଟିକ୍ ୱାର୍ ଆରମ୍ଭ ମଧ୍ୟ ହୋଇସାରିଛି। ଗୋଟିଏପଟେ ଯେଉଁଠି ଦୁଇ ଦେଶ ଏବେ ଯୁଦ୍ଧର ଦ୍ୱାର ଦେଶରେ ଉପନୀତ ହୋଇଛନ୍ତି ସେଠାରେ ଭାରତର ଆକ୍ରମଣ ଆଶଙ୍କାରେ ପାକିସ୍ତାନ, ପାକିସ୍ତାନ ସେନା ଥରହର ହେବାରେ ଲାଗିଛନ୍ତି। ସେମାନଙ୍କ ଭୟ ଯେପରି ସାମ୍ନାକୁ ନଆସେ ସେନେଇ ପାକିସ୍ତାନ ସରକାର ଏବଂ ପାକିସ୍ତାନ ସେନା ପୁରା ଦମ୍‌ରେ ଚେଷ୍ଟା କରୁଛନ୍ତି, ମୁହଁ ବଡ଼ାଣିଆ ଭାବେ ଭାରତକୁ ପାଲଟା ଧମକ ମଧ୍ୟ ଦେଉଛନ୍ତି। କିନ୍ତୁ ସବୁଚେଷ୍ଟା ସତ୍ତ୍ୱେ ବାସ୍ତବତାକୁ ସେମାନେ ଲୁଚାଇପାରୁନାହାନ୍ତି।

### ଭୟଭୀତ ପାକିସ୍ତାନ୍, ଡରୁଛି ପାକ୍ ସରକାର, ଥରହର ପାକ୍ ସେନା
### ନିଜ ପରିବାରକୁ ବିଦେଶ ପଠାଇଦେଲେ ପାକ୍ ସେନା ମୁଖ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନିୟମିତ ଭାବେ ବୟାନ ଦେଇଆସୁଛନ୍ତି ଯେ, ପହଲଗାମ୍ ଦୋଷୀ ଏବଂ ସେମାନଙ୍କ ପଛରେ ଥିବା ବ୍ୟକ୍ତିବିଶେଷଙ୍କୁ କଦାପି ଛଡାଯିବ ନାହିଁ। ବିହାରର ମଧୁବନ୍ ଅଞ୍ଚଳରୁ ମଧ୍ୟ ଦିନକ ପୂର୍ବେ ମୋଦୀ ରଣହୁଙ୍କାର ଦେଇ କହିଥିଲେ ଯେ, ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ, ସେମାନଙ୍କ ସଂଗଠନ ଏବଂ ସେମାନଙ୍କ ପୃଷ୍ଠପୋଷକତାକାରୀଙ୍କୁ ମାଟିରେ ମିଶାଇ ଦିଆଯିବ। ମୋଦୀ କହିଥିଲେ ଯେ କେବଳ ପହଲଗାମ୍ ଆକ୍ରମଣର ଦୋଷୀ ମାନଙ୍କୁ ନୁହେଁ ସେମାନଙ୍କ ପ୍ରାୟୋଜକମାନଙ୍କୁ କଠୋର ଦଣ୍ଡ ଦିଆଯିବ। ତେବେ ସମସ୍ତେ ଜାଣିଛନ୍ତି ଯେ, ଆତଙ୍କବାଦର ପ୍ରାୟୋଜକ ଓ ପ୍ରୋତ୍ସାହକ ହେଉଛି ପାକ୍ ସେନା ଓ ଆଇଏସ୍‌ଆଇ୍। ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ୍ ଅସୀମ୍ ମୁନିର ନିଜ ପରିବାରକୁ ବିମାନ ଯୋଗେ ବିଦେଶ ପଠାଇ ଦେଇଛନ୍ତି। ସେ ଭୟଭୀତ ହୋଇ ଏପରି କରିଥିବା କେତେକ ବିଦେଶୀ ଗଣମାଧ୍ୟମ ସଂସ୍ଥା ରିପୋର୍ଟ କରିଛନ୍ତି। ଅସୀମ ମୁନିରଙ୍କୁ ପାକିସ୍ତାନର ସର୍ବେସର୍ବା ବିବେଚନା କରାଯାଏ କାରଣ ତାଙ୍କ କଥାରେ ପୁରା ପାକିସ୍ତାନ ଏବଂ ପାକିସ୍ତାନ ସରକାର ପରିଚାଳିତ ହୋଇଥାଏ। ତେବେ ପହଲଗାମ୍ ଆତଙ୍କୀ ଆକ୍ରମଣ ପଛରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ହାତ ଥିବା ଚର୍ଚ୍ଚା ହେଉଥିବା ବେଳେ ସେ ଭାରତ ପକ୍ଷରୁ ସମ୍ଭାବ୍ୟ ବିପଦକୁ ଆଶଙ୍କା କରୁଛନ୍ତି। ଭାରତ ଏବେ ଯେଉଁଭଳି ଆଭିମୁଖ୍ୟ ଗ୍ରହଣ କରୁଛି, ଯେକୌଣସି ସମୟରେ ବି ହମଲା କରିପାରେ। କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ, ସର୍ଜିକାଲ୍ ଷ୍ଟ୍ରାଇକ୍ କରିପାରେ ବୋଲି ହୁଏତ ମୁନିର ଭାବୁଛନ୍ତି। ତେବେ ତାଙ୍କର ଏପ୍ରକାର ଭାବନା ପାକିସ୍ତାନ ସେନାର ସାମର୍ଥ୍ୟକୁ ମଧ୍ୟ ପଦାରେ ପକାଇଦେଇଛି।

# ପହଲଗାମ୍ ନରସଂହାର ପଛରେ ହାଫିଜ୍ ସୟିଦ୍



**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପାଇଁ ନିଜକୁ ଦାୟୀ କରିଥିବା 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଟିଏଫ୍)'କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହି ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା ଭଳି ପାକିସ୍ତାନର ଏକ କୁଖ୍ୟାତ ଆତଙ୍କବାଦୀ ସଂଗଠନର ଏକ ଶାଖା (ଆତଙ୍କୀ ମଡ୍ୟୁଲ୍) ଭାବେ କାର୍ଯ୍ୟ କରୁଥିବା ଜଣାପଡିବା ପରେ ଏହାକୁ ନେଇ ପାକିସ୍ତାନ ବିରୋଧରେ ଭାରତର ପ୍ରତିକ୍ରିୟା ଉଗ୍ର ହୋଇଛି। ଏସବୁ ମଧ୍ୟରେ ଟିଟିଏଫ୍ ସମ୍ପୂର୍ଣ୍ଣ ରୂପେ ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ୍ ଏବଂ ଲସ୍କର ମୁଖ୍ୟ ହାଫିଜ୍ ସୟିଦ୍ ଏବଂ ତା'ର ଅନ୍ୟତମ ସହଯୋଗୀ ତଥା ଡେପୁଟି ସୈଫୁଲ୍ଲା ଦ୍ୱାରା ନିୟନ୍ତ୍ରିତ ହେଉଥିବା ଜଣାପଡ଼ିଛି। ଉଭୟ ପାକିସ୍ତାନରୁ କାର୍ଯ୍ୟ କରୁଥିବା ବିଶ୍ୱାସ କରାଯାଉଛି। ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଏହି ମଡ୍ୟୁଲ୍ କେବଳ ବୈଚାରିକ ନୁହେଁ ବରଂ ପାକିସ୍ତାନ ସେନା ଏବଂ ଏହାର ଗୁଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଠାରୁ ଲଜିଷ୍ଟିକ୍ ଏବଂ ରଣନୈତିକ ମାର୍ଗଦର୍ଶନ ମଧ୍ୟ ପାଇଥାଏ। ଏହାର ସିଧାସଳଖ ଅର୍ଥ ପହଲଗାମ୍ ଆତଙ୍କବାଦୀ ଘଟଣା ପଛରେ ହାଫିଜ୍ ସୟିଦ୍ ହିଁ ମାଷ୍ଟରମାଇଣ୍ଡ୍ ବୋଲି ସ୍ପଷ୍ଟ ହୋଇଯାଇଛି। ଟିଟିଏଫ୍ ଦୀର୍ଘଦିନ ଧରି କାଶ୍ମୀର ଉପତ୍ୟକାରେ ସକ୍ରିୟ ଅଛି। ଟିଟିଏଫ୍ ଆତଙ୍କୀ ସଂଗଠନରେ ଅଧିକାଂଶ ସଦସ୍ୟ ବିଦେଶୀ ଆତଙ୍କବାଦୀ ରହିଥିବା ବେଳେ ହାତଗଣତି କିଛି ସ୍ଥାନୀୟ ଆତଙ୍କବାଦୀ ରହିଥାନ୍ତି। ସେହିପରି କିଛି କାଶ୍ମୀରର କିଛି ସ୍ଥାୟୀ ବାସିନ୍ଦା (ଯେଉଁମାନେ ଆତଙ୍କବାଦୀଙ୍କ ସହାୟକ ଭାବେ କାମ କରନ୍ତି) ଏମାନଙ୍କୁ ସମର୍ଥନ ଏବଂ କଭର ଯୋଗାଇ ଦିଅନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକ ବିଶ୍ୱାସ କରନ୍ତି ଯେ ସୋନମାର୍ଗ, ବୁଟା ପାଥ୍ରୀ ଏବଂ ଗାଣ୍ଡେରବଲ ସମେତ ସମଗ୍ର ଅଞ୍ଚଳରେ ଅନେକ ହାଇ-ପ୍ରୋଫାଇଲ୍ ଆକ୍ରମଣ ପଛରେ ଏହା ହାତ ରଖିଛି। ଅକ୍ଟୋବର ୨୦୨୪ରେ, ବୁଟା ପାଥ୍ରିରେ ଏକ ଆତଙ୍କବାଦୀ ଆକ୍ରମଣରେ ୨ଜଣ ଭାରତୀୟ ସୈନିକଙ୍କ ସମେତ ୪ଜଣ ପ୍ରାଣ ହରାଇଥିଲେ। ସେହିମାସରେ, ସୋନମାର୍ଗରେ ସୁଡ଼ଙ୍ଗ ନିର୍ମାଣ ଶ୍ରମିକଙ୍କ ଉପରେ ଏକ ମରଣାତ୍ମକ ଆକ୍ରମଣ ହୋଇଥିଲା, ଯେଉଁଥିରେ ୬ ଶ୍ରମିକ ଏବଂ ଜଣେ ଡାକ୍ତରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ପହଲଗାମ ହତ୍ୟାକାଣ୍ଡର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହାସିମ ମୁସାଙ୍କୁ ଏହି ଆକ୍ରମଣର ସନ୍ଦିଗ୍ଧ ବ୍ୟକ୍ତି ଭାବରେ ବିବେଚନା କରାଯାଉଛି।

ପ୍ରକାଶ, ପହଲଗାମ ଆକ୍ରମଣରେ, ଆତଙ୍କବାଦୀମାନେ ବୈସାରନ ଘାଟି ମଧ୍ୟରେ ତିନୋଟି ଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ପୋଲିସ ସୂତ୍ର ଅନୁଯାୟୀ, ଗୋଟିଏ ସ୍ଥାନରେ ଏକକାଳୀନ ପାଞ୍ଚ ଜଣଙ୍କୁ ହତ୍ୟା କରାଯାଇଥିଲା, ଦୁଇଜଣଙ୍କୁ ଖୋଲା ପଡ଼ିଆରେ ଗୁଳି କରାଯାଇଥିଲା ଏବଂ ଅନ୍ୟମାନଙ୍କୁ ଘାଟି ଘେରି ରହିଥିବା ବାଡ଼ ନିକଟରେ ଟାର୍ଗେଟ୍ କରି ଗୁଳି କରାଯାଇଥିଲା। ଯେଉଁମାନେ ବାଡ଼ ଡେଇଁ ଖସି ପଳାଇବାରେ ସଫଳ ହୋଇଥିଲେ, ସେମାନେ ରକ୍ଷା ପାଇଗଲେ। ବଞ୍ଚିଯାଇଥିବା ଲୋକମାନେ କହିଛନ୍ତି ଯେ ଆକ୍ରମଣକାରୀମାନେ ଗୁଳି ଚଳାଇବା ପୂର୍ବରୁ ସେମାନଙ୍କ ସହିତ ସଂକ୍ଷିପ୍ତ କଥାବାର୍ତ୍ତା କରିଥିଲେ।

### ଆମେରିକାର ବଡ଼ ଘୋଷଣା
## ଆତଙ୍କୀଙ୍କୁ ଧରିବାରେ କରିବ ସହଯୋଗ

ଜମ୍ମୁ-କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ବହୁମାତ୍ରାରେ ସମର୍ଥନ ମିଳୁଛି। ଏହିକ୍ରମରେ ଆମେରିକା ଏକ ବଡ଼ ଘୋଷଣା କରିଛି। ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କୀମାନଙ୍କୁ ଧରିବାରେ ଭାରତକୁ ପୂର୍ଣ୍ଣ ସହଯୋଗ କରିବ ବୋଲି ଆମେରିକା କହିଛି। ଟ୍ରମ୍ପ ପ୍ରଶାସନରେ ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ଥିବା ତୁଳସୀ ଗବାର୍ଡ ଏହି ଘୋଷଣା କରିଛନ୍ତି। ପହଲଗାମ୍ ଆକ୍ରମଣକୁ ସେ କଡ଼ା ଶବ୍ଦରେ ନିନ୍ଦା କରିବା ସହିତ ଭାରତୀୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ତୁଳସୀ ନିଜ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟରେ ଲେଖିଛନ୍ତି, ଏହି ଭୟାବହ ଇସ୍‌ଲାମିକ ଆତଙ୍କୀ ଆକ୍ରମଣ ପରେ ଆମେ ଭାରତ ସହିତ ଛିଡ଼ା ହୋଇଛୁ। ଯେଉଁମାନେ ନିଜ ପ୍ରିୟଜନମାନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ଗଭୀର ସମବେଦନା ରହିଛି। ଆମେ ଆପଣଙ୍କ ସହିତ ରହିଛୁ ଏବଂ ଏହି ଘୃଣ୍ୟ ଆକ୍ରମଣ ପାଇଁ ଦାୟୀ ଆତଙ୍କୀଙ୍କୁ ଧରିବାରେ ଭାରତକୁ ସହଯୋଗ କରିବୁ।



ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପର୍ଯ୍ୟଟକଙ୍କ ବିନା ଖାଁ ଖାଁ ଡାଲ୍ ଲେକ୍

### ଆତଙ୍କବାଦୀଙ୍କୁ ସମର୍ଥନ, ତାଲିମ, ପାଣ୍ଠି ଦେବା କଥା ସ୍ୱୀକାର କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

# ଆମେରିକା ପାଇଁ ଆମେ ଏସବୁ ଘୃଣ୍ୟ କାମ କରିଛୁ



**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି କରିଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ଗତ ତିନି ଦଶନ୍ଧି ଧରି ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଏବଂ ତାଲିମ ପ୍ରଦାନ କରିଆସୁଛି। ମୁଖ୍ୟତଃ ଆମେରିକା ଏବଂ ପଶ୍ଚିମୀ ଦେଶଗୁଡ଼ିକଙ୍କ ସପକ୍ଷରେ ତଥା ଏସବୁ ରାଷ୍ଟ୍ରଙ୍କ ସ୍ୱାର୍ଥ ସାଧନ ଦିଗରେ ଏହି "ଘୃଣ୍ୟ କାମ" କରାଯାଉଛି। ଆସିଫଙ୍କ ଏହି ବୟାନ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାରେ ୨୭ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ଆସିଥିବା ବେଳେ ଏହାକୁ ନେଇ ବିଶ୍ୱସ୍ତରରେ ବୃହତ୍ ଆଲୋଡ଼ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଦିନକ ପୂର୍ବେ ଆସିଫ୍ ଖ୍ୱାଜା ଭାରତକୁ ମଧ୍ୟ ଚେତାବନୀ ଦେଇ କହିଥିଲେ ଯେ, ଯଦି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରେ କିମ୍ବା ପାକିସ୍ତାନୀ ନାଗରିକଙ୍କୁ ସାମାନ୍ୟତମ ଆଘାତ ମଧ୍ୟ ପହଞ୍ଚାଇବାକୁ ମଧ୍ୟ ଚେଷ୍ଟା କରେ ତେବେ ଭାରତ ପାଇଁ ଏହା ଘାତକ ସାବ୍ୟସ୍ତ ହେବ, ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ସେ ପାକିସ୍ତାନରେ ଘଟୁଥିବା ଆତଙ୍କବାଦୀ କାର୍ଯ୍ୟକଳାପ ପଛରେ ଭାରତର ହାତ ଥିବା ଅଭିଯୋଗ କରିଥିଲେ।

ରିପୋର୍ଟ ଅନୁସାରେ ପାକିସ୍ତାନର ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତକାର ଦେବା ଅବସରରେ ଆସିଫ୍‌ଙ୍କ ଏପ୍ରକାର ବୟାନ୍ ଆସିଛି। ସେ କହିଛନ୍ତି, ସୋଭିଏତ୍ ୟୁନିଅନ୍ ବିରୁଦ୍ଧରେ ଲଢ଼ିବା ପାଇଁ ସଶସ୍ତ୍ର ଆତଙ୍କବାଦୀମାନଙ୍କୁ ତାଲିମ୍ ଏବଂ ଆଶ୍ରୟ ଦେଇଥିଲା ପାକିସ୍ତାନ। ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠି ମଧ୍ୟ ଖର୍ଚ୍ଚ କରାଯାଇଥିଲା। ସେହିପରି ସୋଭିଏତ୍-ଆଫଗାନ ଯୁଦ୍ଧରେ ଆମେରିକାକୁ ପାକିସ୍ତାନ ସମର୍ଥନ କରିଥିଲା। ଆମେରିକା ଏବଂ ପାଶ୍ଚାତ୍ୟ ଦେଶଙ୍କ ପାଇଁ ପାକିସ୍ତାନ ଏହି ଘୃଣ୍ୟକାମ କରୁଥିବା କଥାକୁ ସ୍ୱୀକାର କରିଛନ୍ତି। ଏହି ଅବସରରେ ଆସିଫ୍ କହିଛନ୍ତି ଯେ, ପାକିସ୍ତାନକୁ ଏଥିପାଇଁ ବହୁମୂଲ୍ୟ ମଧ୍ୟ ଦେବାକୁ ପଡ଼ିଛି। ପାକିସ୍ତାନ ଅନେକ କ୍ଷତି ସହିଛି। ଆସିଫ୍‌ଙ୍କ କହିବାନୁସାରେ ଯଦି ସୋଭିଏତ୍-ଆଫଗାନ୍ ଯୁଦ୍ଧ ଏବଂ ୯/୧୧ ପରେ ତାଲିବାନ ବିରୁଦ୍ଧରେ ଆମେରିକାର ଯୁଦ୍ଧରେ ପାକିସ୍ତାନ ଯୋଗଦେଇନଥାନ୍ତା, ତେବେ ପାକିସ୍ତାନର ଟ୍ରାକ୍ ରେକର୍ଡ ନିଶ୍ଚିତ ଭଲ ହୋଇଥାନ୍ତା। ସେ ସୋଭିଏତ ଯୁଦ୍ଧ ଏବଂ ୯/୧୧ ପରେ ଆମେରିକାର ଆଫଗାନିସ୍ତାନ ଯୁଦ୍ଧରେ ପାକିସ୍ତାନର ସହଭାଗୀତାକୁ ଦୋଷାରୋପ କରିଛନ୍ତି।

ଆସିଫଙ୍କ ବୟାନ ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନର ଦୀର୍ଘ ଇତିହାସକୁ ପୁନର୍ବାର ଆଲୋକପାତ କରିଛି। ୧୯୮୦ ଦଶକରେ ସୋଭିଏତ-ଆଫଗାନ ଯୁଦ୍ଧ ସମୟରେ ପାକିସ୍ତାନ, ଆମେରିକାର ସମର୍ଥନରେ, ମୁଜାହିଦ୍ଦିନ୍‌ଙ୍କୁ ତାଲିମ ଓ ଅର୍ଥ ଯୋଗାଇଥିଲା। ଏହି ଗୋଷ୍ଠୀଗୁଡ଼ିକ ପରେ ଅଲ୍-କାଏଦା ଭଳି ସଂଗଠନରେ ରୂପାନ୍ତରିତ ହୋଇଥିଲେ। ପ୍ରକାଶ, ୨୦୧୯ରେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ମଧ୍ୟ ସ୍ୱୀକାର କରିଥିଲେ ଯେ ପାକିସ୍ତାନର ଗୁଇନ୍ଦା ବିଭାଗ ଆଇଏସ୍‌ଆଇ ଆଫଗାନିସ୍ତାନରେ ଯୁଦ୍ଧ ପାଇଁ ଅଲ-କାଏଦାକୁ ତାଲିମ ଦେଇଥିଲା। ଏହାସହିତ, ୨୦୦୮ରେ ମୁମ୍ବାଇ ଆକ୍ରମଣରେ ଲସ୍କର-ଏ-ତୋଇବାର ସମ୍ପୃକ୍ତି ଏବଂ ପାକିସ୍ତାନର ଭୂମିକା ମଧ୍ୟ ଅନେକ ଥର ଆଲୋଚନାର ବିଷୟ ହୋଇଛି।

# ଭାରତକୁ ମିଳିଲା ମୁସଲିମ୍ ରାଷ୍ଟ୍ରଙ୍କ ସମର୍ଥନ

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଭାରତ ପାକିସ୍ତାନ ଉପରେ କୌଣସି ମୁହୂର୍ତ୍ତରେ ମଧ୍ୟ ଆକ୍ରମଣ କରିପାରେ ବୋଲି ବିଶ୍ୱର ଅନେକ ଦେଶ ବିଶ୍ୱାସ କରୁଛନ୍ତି। ଏସବୁ ମଧ୍ୟରେ ଭାରତ ପ୍ରତି ଯେଉଁଠି ବିଶ୍ୱସ୍ତରରୁ ସମର୍ଥନ ମିଳିବା ଜାରି ରହିଛି, ପାକିସ୍ତାନକୁ କିନ୍ତୁ କେହି ଗୋଟିଏ ହେଲେ ଦେଶ ସମର୍ଥନ କରିନାହାନ୍ତି। ଏପରିକି ମୁସଲିମ୍ ବହୁଳ ଦେଶଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗରେ ଭାରତକୁ ସମର୍ଥନ କରିଛନ୍ତି। କେବଳ ଇରାନ୍ ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ଯୁଦ୍ଧ ପରିସ୍ଥିତିକୁ ଶାନ୍ତ କରିବାକୁ ମଧ୍ୟସ୍ଥତା ପାଇଁ ପ୍ରସ୍ତୁତ ଥିବା ପ୍ରସ୍ତାବ ଦେଇଛି। ତେବେ ଇରାନ୍ ମଧ୍ୟ ପହଲଗାମ୍ ଘଟଣାକୁ ଏବଂ ଆତଙ୍କବାଦକୁ ତୀବ୍ର ନିନ୍ଦା କରିଛି। ରିପୋର୍ଟ ଅନୁସାରେ ସାଉଦି ଆରବ, ୟୁଏଇ, ଇଣ୍ଡୋନେସିଆ, ଆଫଗାନିସ୍ତାନ ଏବଂ ଇଜିପ୍ଟ ଭଳି ଦେଶମାନେ ଆତଙ୍କବାଦ ବିରୋଧରେ ଭାରତର ପଦକ୍ଷେପକୁ କେବଳ ଯଥାର୍ଥ ବୋଲି ବିବେଚନା କରନ୍ତି ନାହିଁ ବରଂ ବିଶ୍ୱ ସୁରକ୍ଷା ପାଇଁ ଏହାକୁ ଆବଶ୍ୟକ ବୋଲି ମଧ୍ୟ ବିବେଚନା କରନ୍ତି। ଏହି ଦେଶଗୁଡ଼ିକର ସମର୍ଥନ କେବଳ କୂଟନୈତିକ ନୁହେଁ ବରଂ ରଣନୈତିକ ଏବଂ ଆର୍ଥିକ ସ୍ୱାର୍ଥ ସହିତ ମଧ୍ୟ ଜଡିତ। ତେବେ ବାଂଲାଦେଶ ଏବଂ ତୁର୍କୀ ଏହି ପ୍ରସଙ୍ଗରେ ଭାରତକୁ ଖୋଲାଖୋଲି ସମର୍ଥନ ବ୍ୟକ୍ତ କରିନାହାନ୍ତି।

# ବାନ୍ଦିପୋରାରେ ଏନ୍‌କାଉଣ୍ଟର: ଲସ୍କର କମାଣ୍ଡର ଅଲ୍‌ତାଫ୍ ଲାଲି ନିହତ



**ଶ୍ରୀନଗର,୨୫।୪/ଏଜେନ୍ସି:** ଜମ୍ମୁ-କାଶ୍ମୀରର ବାନ୍ଦିପୋରା ଅଞ୍ଚଳରେ ସୁରକ୍ଷା ଯବାନ୍‌ଙ୍କ ଗୁଳିରେ ଲସ୍କର-ଏ-ତୋଇବା ଆତଙ୍କବାଦୀ ସଂଗଠନର ଅନ୍ୟତମ ଶୀର୍ଷ କମାଣ୍ଡର ଅଲତାଫ୍ ଲାଲି ନିହତ ହୋଇଛି। ଏଠାରେ କିଛି ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ ଭାରତୀୟ ସେନା ଓ ଜମ୍ମୁ କାଶ୍ମୀର ପୁଲିସ୍ ଟିମ୍ ପକ୍ଷରୁ କରାଯାଇଥିବା ସର୍ଚ୍ଚ ଅପରେସନ୍ ସମୟରେ ଆତଙ୍କବାଦୀମାନେ ପ୍ରଥମେ ଗୁଳିମାଡ଼ କରିଥିଲେ। ଜବାବରେ ସୁରକ୍ଷା ଯବାନ୍‌ମାନେ ମଧ୍ୟ ଗୁଳିମାଡ଼ କରିଥିଲେ ଯେଉଁଥିରେ ଲାଲି ମୃତ୍ୟୁବରଣ କରିଛି। ଏହି ଏନ୍‌କାଉଣ୍ଟର ଘଟଣାରେ ଦୁଇ ପୁଲିସ କର୍ମଚାରୀ (ଉଭୟେ ଜଣେ ବରିଷ୍ଠ ଅଧିକାରୀଙ୍କ ବ୍ୟକ୍ତିଗତ ସୁରକ୍ଷା ଦଳର ସଦସ୍ୟ) ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏହି ସର୍ଚ୍ଚ ଅପରେସନ ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ଥିବା ଆତଙ୍କବାଦୀଙ୍କୁ ଖୋଜି ବାହାର କରିବା ପାଇଁ ଚାଲୁ ରହିଥିବା ପ୍ରୟାସର ଏକ ଅଂଶ ବିଶେଷ ବୋଲି କୁହାଯାଉଛି। ତେବେ କେବଳ ବାନ୍ଦିପୋରା ନୁହେଁ ବରଂ କାଠୁଆ ପ୍ରାନ୍ତରେ ମଧ୍ୟ ୪ ସନ୍ଦିଗ୍ଧଙ୍କ ଉପସ୍ଥିତି ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିବା ପରେ ଏଠାରେ ମଧ୍ୟ ସୁରକ୍ଷା ଯବାନ୍ ସର୍ଚ୍ଚ ଅପରେସନ୍‌କୁ ବ୍ୟାପକ କରିଛନ୍ତି।

### କାଠୁଆରେ ୪ ସନ୍ଦିଗ୍ଧଙ୍କ ଉପସ୍ଥିତି ସମ୍ପର୍କରେ ମିଳିଛି ସୂଚନା

# କୋଲ୍ ଇଣ୍ଡିଆର ଦୁଇଦିନିଆ ଏଚ୍‌ଆର୍/ଆଇଆର୍ କନ୍‌କ୍ଲେଭ୍ ୨୦୨୫

### ୨ ଦିନିଆ ଏହି କାର୍ଯ୍ୟକ୍ରମର ଆୟୋଜକ ସାଜିଛି ଏମ୍‌ସିଏଲ୍




**ଭୁବନେଶ୍ୱର,୨୫।୪/ଏଜେନ୍ସି:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଦ୍ୱାରା ଆୟୋଜିତ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଦ୍ୱିତୀୟ ଏଚ୍‌ଆର/ଆଇଆର୍ କନକ୍ଲେଭ୍ ୨୦୨୫ ଶୁକ୍ରବାର ଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଏବଂ ଏହାର ସମସ୍ତ ସହାୟକ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକ (ଏଚ୍‌ଆର୍) ଏବଂ ବରିଷ୍ଠ ଏଚ୍‌ଆର ପେଶାଦାରମାନେ ମାନବସମ୍ବଳ ରଣନୀତି, ଶିଳ୍ପ ସମନ୍ୱୟ ଏବଂ କର୍ମକ୍ଷେତ୍ର ପରିବର୍ତ୍ତନ ବିଷୟରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇଥିଲେ।

କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଶ୍ରୀ ପିଏମ୍ ପ୍ରସାଦ ଏହି କନକ୍ଲେଭକୁ ଭର୍ଚ୍ଚୁଆଲ୍ ମୋଡ୍‌ରେ ଉଦଘାଟନ କରିଥିଲେ। ସେ ନିଜ ଭାଷଣରେ, ମାନବ ସମ୍ବଳ ନେତୃତ୍ୱକୁ ଗୋଟିଏ ମଞ୍ଚରେ ଆଣିବାର ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କୋଲ୍ ଇଣ୍ଡିଆର ଉଲ୍ଲେଖନୀୟ ଅଭିବୃଦ୍ଧି ଯାତ୍ରା ଉପରେ ଆଲୋକପାତ କରିଥିଲେ। କମ୍ପାନୀର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏଜେଣ୍ଡାର ଅଂଶ ଭାବରେ କର୍ମଚାରୀ କଲ୍ୟାଣ ଏବଂ କର୍ମକ୍ଷେତ୍ର ଭିତ୍ତିଭୂମିରେ ଆହୁରି ଉନ୍ନତିର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ପ୍ରସାଦ କୋଲ୍ ଇଣ୍ଡିଆରେ ମାନବ ସମ୍ବଳ ବୃତ୍ତିଗତଙ୍କ ଭୂମିକା ଏବଂ ସିଏସଆର ଅଧୀନରେ ଲୋକମାନଙ୍କ ଜୀବନରେ, ବିଶେଷକରି ଦୂରବର୍ତ୍ତୀ କାର୍ଯ୍ୟକ୍ଷମ କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ କମ୍ପାନୀର ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ। କୋଲ୍ ଇଣ୍ଡିଆର ନିର୍ଦ୍ଦେଶକ (ଏଚ୍‌ଆର୍) ଡକ୍ଟର ବିନୟ ରଞ୍ଜନ ନିଜ ଭାଷଣରେ ଏଚ୍‌ଆର୍ କମ୍ୟୁନିଟି ମଧ୍ୟରେ ସୌହାର୍ଦ୍ଦ୍ୟ ଗଠନ, ସହାୟକ କମ୍ପାନୀଗୁଡିକ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବା ଏବଂ କର୍ମଚାରୀ-ଅନୁକୂଳ ନୀତି ମାଧ୍ୟମରେ କର୍ମଚାରୀ କଲ୍ୟାଣକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବ ସମ୍ବଳ ଗଠନ ଗଠନରେ ନିରନ୍ତର ଶିକ୍ଷା ଏବଂ ତାଲିମର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ, ଏମ୍‌ସିଏଲର ନିର୍ଦ୍ଦେଶକ (ମାନବ ସମ୍ପଦ) ଶ୍ରୀ କେଶବ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ସେ କୋଲ୍ ଇଣ୍ଡିଆର ସୌହାର୍ଦ୍ଦ୍ୟପୂର୍ଣ୍ଣ ଶିଳ୍ପ ସମ୍ପର୍କ ବଜାୟ ରଖିବାର ଐତିହ୍ୟ ଉପରେ ଗର୍ବ ପ୍ରକାଶ କରିଥିଲେ ଏବଂ ପ୍ରତିନିଧିମାନଙ୍କୁ ଓଡ଼ିଶାରେ ସ୍ୱାଗତ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଐତିହାସିକ ସ୍ଥାନଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ସମୟ ବାହାର କରିବାକୁ ଉତ୍ସାହିତ କରିଥିଲେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ଶିଳ୍ପ ଚିନ୍ତାଧାରା ନେତାମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହେବ, ଯାହା ନେତୃତ୍ୱ, ଡିଜିଟାଲ୍ ପରିବର୍ତ୍ତନ ଏବଂ ଅନ୍ତର୍ଭୁକ୍ତ କାର୍ଯ୍ୟଶକ୍ତି ରଣନୀତି ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ଏକ ପ୍ରଗତିଶୀଳ ଏବଂ ଲୋକକୈନ୍ଦ୍ରିକ ମାନବ ସମ୍ବଳ ଇକୋସିଷ୍ଟମ ପ୍ରତି କୋଲ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି କୁହାଯାଇଛି।

# 'କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ଶତ୍ରୁଙ୍କୁ ପରାଜିତ କର'

**ଚଣ୍ଡିଗଡ଼, ୨୫।୪/ଏଜେନ୍ସି:** 'ଗ୍ରାଉଣ୍ଡ ଜିରୋ' ତେଜସ୍ୱୀ ବିଜୟ ଦେଓସ୍କରଙ୍କ ନିର୍ଦ୍ଦେଶିତ ଏକ ଆକ୍ସନ୍ ଥ୍ରୀଲର୍ ପ୍ୟାକ୍‌ଡ୍ ହିନ୍ଦୀ ଚଳଚ୍ଚିତ୍ର। ଫିଲ୍ମରେ ଇମ୍ରାନ୍ ହାସମୀ, ସାଇ ତାମହଙ୍କାର ଏବଂ ଜୋୟା ହୁସୈନ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିବେ। ଫିଲ୍ମର କାହାଣୀ ବିଏସ୍‌ଏଫ ଅଧିକାରୀ ନରେନ୍ଦ୍ରନାଥ ଧର ଦୁବେଙ୍କ ଜୀବନୀ ଉପରେ ଆଧାରିତ। ଏହି ଫିଲ୍ମଟି ଦର୍ଶାଉଛି ଯେ କିପରି ଜଣେ ସାହସୀ ଅଧିକାରୀ ଦେଶର ସୁରକ୍ଷା ପାଇଁ ସବୁକିଛି ବାଜିରେ ଲଗାଇଦେଇଥିଲେ। ଗ୍ରାଉଣ୍ଡ ଜିରୋ' ଦେଖିବା ପରେ ହିଁ ଆପଣ ବୁଝିପାରିବେ ଯେ ଦେଶର ଶତ୍ରୁମାନଙ୍କ ସାମ୍ନା କରିବା ସମୟରେ ଜଣେ ପ୍ରକୃତ ରକ୍ଷକ କିପରି ସେମାନଙ୍କ ସମ୍ମୁଖରେ ଚଟାଣ ପରି ମଜବୁତ୍ ସହକାରେ ଛିଡା ହୋଇଥାଏ।

ଚଳଚ୍ଚିତ୍ରର ସଫଳତା ପାଇଁ ଶୁଭକାମନା ଜଣାଇ ବିଶିଷ୍ଟ ଉଦ୍ୟୋଗୀ ଏବଂ ନିବେଶକ ଡକ୍ଟର ସଞ୍ଜୀବ ଜୁନେଜା କିପରି ତାଙ୍କ ଆୟୁର୍ବେଦିକ ବ୍ରାଣ୍ଡ 'ପେଟ ସଫା' ଏବଂ ଚଳଚ୍ଚିତ୍ର ଗ୍ରାଉଣ୍ଡ ଜିରୋ' ପରସ୍ପରର ପରିପୂରକ ସେସମ୍ପର୍କରେ କହିଛନ୍ତି। ଫିଲ୍ମରେ ଯେପରି ଆତଙ୍କବାଦର ବିପଦକୁ ସାମ୍ନା କରାଯାଇଛି, ସେହିପରି 'ପେଟ ସଫା' ଗ୍ୟାସ୍, କୋଷ୍ଠକାଠିନ୍ୟ ଏବଂ ଏସିଡିଟି ଭଳି ଶାରୀରିକ ସମସ୍ୟା ସହିତ ଲଢ଼ିବାରେ ସାହାଯ୍ୟ କରେ। ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସିଇଓ କହିଛନ୍ତି ଯେ ଗ୍ରାଉଣ୍ଡ ଜିରୋ ଫିଲ୍ମର ଗଭୀରତା ଏବଂ ବାର୍ତ୍ତାକୁ ଧ୍ୟାନରେ ରଖି, ସେମାନେ ଫିଲ୍ମର ପ୍ରଚାର ପାଇଁ ସେମାନଙ୍କର ସର୍ବୋତ୍ତମ ଉତ୍ପାଦ 'ପେଟ୍ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଆଣ୍ଡ ଟାବଲେଟ୍ସ' ଚୟନ କରିଛନ୍ତି।

ଆୟୁର୍ବେଦିକ 'ପେଟ ସଫା' ପେଟ ସମ୍ବନ୍ଧୀୟ ରୋଗ ଯେପରିକି କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଦୂର କରେ ଏବଂ ଆପଣଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଖୁସିରେ ବଞ୍ଚିବାର ଅନୁଭବ ଦିଏ। ପେଟ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟାବ୍‌ଲେଟ୍ ହେଉଛି ଏକ ଆୟୁର୍ବେଦିକ ଔଷଧ ଯାହା ସୋନାମୁଖୀ, କଳା ଲୁଣ, ଆଜଓ୍ୱାଇନ, ହରିତାକି, ନିଶୋଥ, ସର୍ଜିକ୍ଷାର, ପଥର ଲୁଣ, ପାନମହୁରି ଏବଂ ଅଁଳା ଇତ୍ୟାଦି ୧୬ଟି ମୂଲ୍ୟବାନ ଔଷଧିକୁ ମିଶ୍ରଣ କରି ପ୍ରସ୍ତୁତ କରାଯାଏ। ଏହା ପ୍ରଥମ ରାତିରୁ ହିଁ ପ୍ରଭାବ ଦେଖାଏ ଏବଂ ଅଭ୍ୟାସରେ ମଧ୍ୟ ପଡିନଥାଏ। ଏହା ସମ୍ପୂର୍ଣ୍ଣ ଆୟୁର୍ବେଦିକ୍।

### ବଲିଉଡ୍ ଫିଲ୍ମ 'ଗ୍ରାଉଣ୍ଡ ଜିରୋ' ଏବଂ 'ପେଟ ସଫା' ମଧ୍ୟରେ ପ୍ରମୋସନାଲ୍ ଚୁକ୍ତିନାମା



# ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ



## ୨୫ କୋଟି ବିନିମୟରେ ହେବ ନିର୍ମାଣ

## ନିଗମର ମୁଖ୍ୟ ଦପ୍ତର ଭାବେ କରିବ କାର୍ଯ୍ୟ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ କରିଛନ୍ତି। ଏହି ନୂତନ ଭବନଟି ପ୍ରାୟ ୨୫ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବ। ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇ ଭବନଟିରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ଦପ୍ତର ଭାବେ କାର୍ଯ୍ୟ କରିବ। ବର୍ତ୍ତମାନ ନିଗମର ପରିସରରେ ଉକ୍ତ ନୂତନ ଭବନ ନିର୍ମାଣ କରାଯାଉଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ନିଗମର କାର୍ଯ୍ୟ ହେଉଥିବା ଭବନଟି ୩୭ ବର୍ଷ ପୁରୁଣା ଏବଂ ନିଗମର କାର୍ଯ୍ୟଭାର ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ଯୋଗୁଁ ଏକ ନୂତନ ଭବନର ଆବଶ୍ୟକତା ରହିଛି। ନିର୍ମାଣ ହେବାକୁ ଥିବା ଏହି ନୂତନ ଭବନଟି ପାଞ୍ଚମହଲା ବିଶିଷ୍ଟ ହେବ। ଏହାର ବେସ୍‌ମେଣ୍ଟରେ ଯାନ ରଖିବା ପାଇଁ ପାର୍କିଂ ସ୍ଥଳି ରହିବ। ନୂତନ ଭବନରେ ବରିଷ୍ଠ ଅଧିକାରୀ ମାନଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ପ୍ୟାଣ୍ଟ୍ରି, ପ୍ରତୀକ୍ଷାଳୟ, ନିରୀକ୍ଷଣ କକ୍ଷ ସମେତ ଅନ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ ଯଥେଷ୍ଟ କକ୍ଷ ଓ ସ୍ଥାନ ରହିବ।

ଏହି ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର, ନିର୍ମାଣକାରୀ ସଂସ୍ଥାର ପ୍ରତିନିଧି ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରବି ଋତୁ ଧାନ କିଣା ପାଇଁ ରାଜ୍ୟସ୍ତରୀୟ ଧାନସଂଗ୍ରହ କମିଟି ବୈଠକ

# ୧ରୁ ଧାନକିଣା, ୧୪ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ

## ପଞ୍ଜୀକରଣ କରିଛନ୍ତି ୩ ଲକ୍ଷ ୩୭ ହଜାର ଚାଷୀ

## ପ୍ରତ୍ୟେକ ମଣ୍ଡିରେ ରହିବେ ନୋଡାଲ୍ ଅଫିସର୍

## ମଣ୍ଡିରୁ ମିଲ୍‌କୁ ଯାଉଥିବା ଗାଡ଼ିରେ ଲାଗିବ ସିସିଟିଭି

## ୨୦ ଜିଲ୍ଲାରେ ହେବ ଧାନକିଣା



**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଚଳିତ ରବି ଋତୁ ପାଇଁ ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ। ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବାବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ। ଏଥିରେ ମଧ୍ୟ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରୁ ଏହା ଜଣାଯାଇଛି।

ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ।

ପ୍ରାରମ୍ଭରେ ଶ୍ରୀ ସିଂ କହିଲେ ଯେ, ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ। ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି।

ଯେଭଳି ଯୋଗ୍ୟ ଚାଷୀ ଧାନକିଣାରୁ ବଞ୍ଚିତ ନହୁଅନ୍ତି ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଦ୍ୱାରା ଉପଗ୍ରହ ଜରିଆରେ ଧାନଜମିର ଉତ୍ତୋଳିତ ଫଟୋ ଓ ଡିଜିଟାଲ ଶସ୍ୟ ସର୍ବେକ୍ଷଣକୁ ବ୍ୟବହାର କରି ଚାଷୀମାନଙ୍କୁ ଟୋକନ୍ ପ୍ରଦାନ କରାଯାଉଥିବାରୁ ଶ୍ରୀ ଆହୁଜା ଖୁସି ବ୍ୟକ୍ତ କରିଥିଲେ। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଫିସର ଓ ୩ରୁ ୪ଟି ମଣ୍ଡିକୁ ନେଇ ସୁପରଭାଇଜର ନିଯୁକ୍ତି ତୁରନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ମଣ୍ଡି ମନିଟରିଂ ଆପ୍ ମାଧ୍ୟମରେ ସେମାନଙ୍କର ପଞ୍ଜୀକରଣ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରି ସୁଖଦ ଅନୁଭବ ନେଇପାରିବେ ଏବଂ ଧାନକିଣା ସମ୍ପର୍କିତ ଅଭିଯୋଗ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

ଖରିଫ ଭଳି ଚଳିତ ରବିଋତୁରେ ମଧ୍ୟ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଭାବେ ମୋଟ୍ ୩୧୦୦ ଟଙ୍କା ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଭାବେ ପ୍ରଦାନ କରାଯିବ। ଏଥିପୂର୍ବରୁ ସଂପୃକ୍ତ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଆଧାର ସଂଯୋଗୀକରଣ ନେଇ ଯାଞ୍ଚ୍ କରାଯାଉଛି। ଏଥିସହ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ରକୁ ୧୯୬୭ ମାଧ୍ୟମରେ ଧାନକିଣା ନେଇ ଅଭିଯୋଗ କରିପାରିବେ। ଅଦିନିଆ ବର୍ଷା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିରେ ରଖାଯାଇଥିବା ଧାନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବାହାର ରାଜ୍ୟର ଧାନଗାଡ଼ି ଯେଭଳି ଆମ ରାଜ୍ୟ ଭିତରକୁ ନଆସେ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍କ୍ୱାଡ୍ ନିୟୋଜନ ପାଇଁ ପରାମର୍ଶ ଦିଆଯାଇଛି। ମଣ୍ଡିରୁ ମିଲ୍‌କୁ ଯାଉଥିବା ଧାନଗାଡ଼ିଗୁଡ଼ିକ ଉପରେ ସିସିଟିଭି ସଂଯୋଗ କରାଯିବ। ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ପରିବହନ କମିଶନର ଅମିତାଭ ଠାକୁର, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍‌ସେନା, ଭାରତୀୟ ଖାଦ୍ୟ ନିଗମ ଓ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ୨୮ରେ କଂଗ୍ରେସ ପାଳିବ ସମ୍ବିଧାନ ବଞ୍ଚାଅ ଦିବସ

## ■ ଓବିସିଙ୍କ ଅଧିକାର ପାଇଁ ଗାଁକୁ ଯିବ ଦଳ ■ ଘର ଘର ବୁଲିବେ ନେତା ଓ କର୍ମୀ


**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ସମ୍ବିଧାନ ବଞ୍ଚାଅ ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ। ଓବିସି ବର୍ଗଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ଘରକୁ ଘର ବୁଲିବ କଂଗ୍ରେସ । ଆସନ୍ତା ୨୮ ତାରିଖରେ ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ କରିବ କଂଗ୍ରେସ। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଛି।

ଦଳର ନିଷ୍ପତ୍ତି ଅନୁସାରେ ରାଜ୍ୟରେ ସମ୍ବିଧାନ ଦିବସ ପାଳନ କରିବା ପାଇଁ ରାଜଧାନୀରୁ ନେଇ ଗାଁ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାରେ ମୟୂରଭଞ୍ଜ ଜିଲ୍ଲା ସମେତ ଅନ୍ୟ ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ବିଜେପିର କମ୍ପାନୀ ପ୍ରୀତି ପାଇଁ ସାଧାରଣ ଆଦିବାସୀଙ୍କର ଭିଟାମାଟି ଏବଂ ଜଙ୍ଗଲ, ଜମି ହଡ଼ପ କରିବା ପାଇଁ କରାଯାଉଥିବା ଚକ୍ରାନ୍ତ ବିରୁଦ୍ଧରେ ରାଜ୍ୟ କଂଗ୍ରେସ ଜୋରଦାର ଆନ୍ଦୋଳନ ଆରମ୍ଭ କରିବ। ରାଜ୍ୟ ପ୍ରଭାରୀ କହିଥିଲେ ଯେ ଆସନ୍ତା ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବା ସହିତ ଆସନ୍ତା ମେ ୩ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏ କାର୍ଯ୍ୟକ୍ରମ କରାଯିବ। ମେ ୧୧ ତାରିଖରୁ ୧୭ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଏ କାର୍ଯ୍ୟକ୍ରମକୁ ପାଳନ କରାଯିବ ସହିତ ମେ ୨୦ ତାରିଖରୁ ୩୦ ତାରିଖ ଯାଏଁ କଂଗ୍ରେସ କାର୍ଯ୍ୟକର୍ତ୍ତା ଓଡ଼ିଶାର ପ୍ରତ୍ୟେକ ଗାଁର ଘରକୁ ଘର ଯାଇ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରିବା ସହିତ ଲୋକଙ୍କ ପାଖକୁ ଯାଇ ତାଙ୍କର ନ୍ୟାର୍ଯ୍ୟ ଦାବି ଏବଂ ଅଧିକାର ସମ୍ପର୍କରେ ସଚେତନ କରାଇବେ।



ବିଧାୟକ ଦଳ ନେତା ଶ୍ରୀ କାଡ଼ାମ କହିଲେ ଯେ ଓଡ଼ିଶାରେ ହବଲ ଇଞ୍ଜିନ ସରକାରରେ ଆଦିବାସୀମାନେ ସମ୍ପୂର୍ଣ୍ଣଭାବରେ ଅସୁରକ୍ଷିତ। ପେଷା ଆଇନ ସମଗ୍ର ଦେଶରେ ଅନେକ ରାଜ୍ୟରେ ଲାଗୁ ହୋଇସାରିଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ଜାଣିଶୁଣି ଏ ଆଇନକୁ ଲାଗୁ କରୁନାହିଁ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ହୋଇ ମଧ୍ୟ ଆଦିବାସୀମାନଙ୍କ ସ୍ୱାର୍ଥ ରକ୍ଷାପାଇଁ କୌଣସି କାର୍ଯ୍ୟ ହାତକୁ ନ ନେବା ଅତ୍ୟନ୍ତ ନିନ୍ଦନୀୟ। ଆଦିବାସୀଙ୍କ ଉପରେ ହେଉଥିବା ସରକାରୀ ଆକ୍ରମଣ ବିରୋଧରେ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବା ସହିତ ତାଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ସେ କହିଥିଲେ।

# ଶିମିଳିପାଳରେ ଅଛନ୍ତି ୪୦ ମହାବଳ



**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଶିମିଳିପାଳରେ ବଢୁଛି ମହାବଳ ବାଘ ବଂଶ। ବର୍ତ୍ତମାନ ଅଛନ୍ତି ୪୦ ମହାବଳ। ସେଥିମଧ୍ୟରୁ ୬ଟି ବାଘ ଶାବକ ଅଛନ୍ତି। ବର୍ଷକରେ ମହାବଳ ବାଘ ସଂଖ୍ୟା ୧୦ ବଢ଼ିଲା । ଚଳିତ ବର୍ଷ କ୍ୟାମେରା ଟ୍ରାପରୁ ଏହା ସ୍ପଷ୍ଟ ହୋଇଛି। ଶିମିଳିପାଳରେ ଥିବା ଆଡଲ୍ଟ ମହାବଳ ମଧ୍ୟରୁ ଯମୁନା ଓ ଜୀନତ ବ୍ୟତୀତ ୧୩ ଟି ପୁରୁଷ ମହାବଳ ଓ ୧୭ଟି ବାଘୁଣୀ ଅଛନ୍ତି। ଅନ୍ୟ ଦୁଇଟି ମହାବଳ ପୁରୁଷ ନା ବାଘୁଣୀ ତାହା ସ୍ପଷ୍ଟ ହୋଇପାରିନି। ସେହିପରି ଶିମିଳିପାଳରେ ଥିବା ମହାବଳ ମଧ୍ୟରୁ ୧୮ ଟି କଳା ମହାବଳ ଅଛି। ଆଗାମୀ ୧୦ ବର୍ଷ ମଧ୍ୟରେ ଏ ସଂଖ୍ୟା ୧୦୦କୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି ବନ ବିଭାଗ। ଏନେଇ କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ,୨୦୨୪ ମସିହାରେ ରାଜ୍ୟରେ ୩୦ ମହାବଳ ବାଘ ରହିଥିଲେ। ଯାହା ଶିମିଳିପାଳରେ ସର୍ବାଧିକ ମହାବଳ ରହିଥିଲା। ଏହା ସହ ୮ଟି ଶାବକ ମଧ୍ୟ ଚିହ୍ନଟ କରାଯାଇଥିଲା। ଏହାରି ମଧ୍ୟରେ ୧୪ଟି ବାଘୁଣୀ ରହିଥିଲେ। ରାଜ୍ୟରେ ଶିମିଳିପାଳରେ ସର୍ବାଧିକ ବାଘ ଚିହ୍ନଟ ହୋଇଥିଲା। ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ ଶାବକ ଚିହ୍ନଟ କରାଯାଇଥିଲା। ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ବାଘ ଏବଂ ହୀରାକୁଦ ବନଖଣ୍ଡରେ ଗୋଟିଏ ମାତ୍ର ବାଘ ରହିଥିଲେ। ଏହା ସହ କଳା ବାଘ ୪୦ ପ୍ରତିଶତ ରହିଥିଲେ ରାଜ୍ୟର ବିଭିନ୍ନ ଜଙ୍ଗଲରେ। କଳା ବାଘ କେବଳ ଶିମିଳିପାଳ ଡିଭିଜନରେ ୭ଟି ବାଘୁଣୀ ଓ ୬ଟି ବାଘ ଦେଖାଯାଇଥିଲା। ଗତକାଲି ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଥିଲା। ମୟୂରଭଞ୍ଜର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଥିଲେ ରାଜ୍ୟ ସରକାର।

## 'ଗଣମାଧ୍ୟମ ସହ କଥାବାର୍ତ୍ତା' କାର୍ଯ୍ୟକ୍ରମ

# ଗଣମାଧ୍ୟମ ଯୋଗୁ ଜନଆନ୍ଦୋଳନରେ ପରିଣତ ହୋଇଛି 'ସୁଭଦ୍ରା' ଯୋଜନା




## ୧.୦୯ କୋଟି ମହିଳା ଡିଜିଟାଲି ପଞ୍ଜିକୃତ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ସୁଭଦ୍ରା ଯୋଜନାର ଏସ୍‌ଓପି ତଥା ଗାଇଡ୍‌ଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମର ସହଯୋଗ ଯୋଗୁ 'ସୁଭଦ୍ରା' ଯୋଜନା ଏବେ ରାଜ୍ୟରେ ଆନ୍ଦୋଳନରେ ପରିଣତ ହୋଇଛି। ବର୍ତ୍ତମାନ ସୁଦ୍ଧା ୧,୦୯,୮୭,୮୯୪ ମହିଳା ଡିଜିଟାଲି ପଞ୍ଜିକୃତ ହୋଇଛନ୍ତି। ଏକ ଲକ୍ଷ ଦରଖାସ୍ତ ଖାରଜ ହେବା ସହିତ ୧.୪୨ ଲକ୍ଷ ଦରଖାସ୍ତ ଉପରେ ତଦନ୍ତ ଚାଲୁଛି। ୫,୧୮୯ ଦରଖାସ୍ତ ଇ-କେୱାଇସି ଯୋଗୁ ଲଟକି ରହିଛି। ଏହା ସତ୍ତ୍ୱେ ଯୋଜନା କାର୍ଯ୍ୟକରିତାରେ ସଂପୂର୍ଣ୍ଣ ସଫଳ ହୋଇଛି। ଆଗକୁ ବି ପ୍ରକ୍ରିୟା ଜାରି ରହିବ। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଆୟୋଜିତ "ଗଣମାଧ୍ୟମ ସହ କଥାବାର୍ତ୍ତା" କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି।ଏଥିସହ ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ସେମାନଙ୍କ ଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଥିଲେ। ଦଶ ମାସ ଭିତରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଖେ ସୁଭଦ୍ରା ପହଞ୍ଚିବା କିଛି କମ୍ କଥା ନୁହେଁ। ତେଣୁ ଭବିଷ୍ୟତରେ ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଓଡ଼ିଶା ସରକାର ରାଜ୍ୟର ଉତ୍ସାହୀ ମହିଳାଙ୍କୁ ଲକ୍ଷପତି ଦିଦି କରିବା ଲକ୍ଷ୍ୟରେ କାର୍ଯ୍ୟ କରିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଋଣ ଛାଡ଼ ବ୍ୟବସ୍ଥା ହୋଇଛି ଓ ମିଶନ ଶକ୍ତି ବିଭାଗ ସହ ୧୯ ବିଭାଗ ସଂଯୁକ୍ତ ରହିଛି। ଆଗାମୀ ଦିନରେ ଏହି ଲକ୍ଷ୍ୟ ନିଶ୍ଚିତ ଭାବରେ ପୂରଣ କରିବୁ। କ'ଣ ପାଇଁ କିଛି ମହିଳା ସୁଭଦ୍ରା କିସ୍ତି ପାଇବାକୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଆଧାର ସଂଯୋଗ ଥିବା ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା କିସ୍ତି ଯିବାରେ ସମସ୍ୟା ନାହିଁ। ତେଣୁ ହିତାଧିକାରୀ ଏଥିପ୍ରତି ଯତ୍ନଶୀଳ ହେବା ଦରକାର।ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ପରିଡ଼ା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖୁବ କମ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡ଼ି ଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ ସମେତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଓ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର କର୍ମକର୍ତ୍ତାଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ବରିଷ୍ଠ ସାମ୍ବାଦିକ ତଥା ବିଭିନ୍ନ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ । ଏହା ସହ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ ଶପଥ ଗ୍ରହଣ

## ୩ ରାଜ୍ୟ ସୂଚନା ଆୟୁକ୍ତ ବି ନେଲେ ଶପଥ




**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ୩ଜଣ ରାଜ୍ୟ ସୂଚନା ଆୟୁକ୍ତ ଶପଥ ଗ୍ରହଣ କରିଛନ୍ତି। ଆଜି ରାଜଭବନର ଅଭିଷେକ ହଲ୍ ଠାରେ ଏହି ଉପଲକ୍ଷେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ମନୋଜ କୁମାର ପରିଡ଼ା, ରାଜ୍ୟ ସୂଚନା ଆୟୁକ୍ତଭାବେ ପ୍ରାଣବନ୍ଧୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଯୁକ୍ତି ଆଜ୍ଞାପତ୍ର ପାଠ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାନସଭାର ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମାନବିକ ଅଧିକାର ଆୟୋଗର ଅଧକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଗୁର୍‌ବୀର ସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡେଭ୍‌ଲପ୍‌ମେଣ୍ଟ ଲିଡରସିପ୍‌ରେ ପୋଷ୍ଟଗ୍ରାଜୁଏଟ୍ ଡିପ୍ଲୋମା

# ନାମଲେଖା ଆରମ୍ଭ, ମେ ୩୧ ଆବେଦନର ଶେଷ ତାରିଖ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଡେଭ୍‌ଲପ୍‌ପେଣ୍ଟ ଲିଡରସିପ୍ ପ୍ରୋଗ୍ରାମରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ନିମନ୍ତେ ନାମଲେଖା ଆରମ୍ଭ ହୋଇଛି। ୧୧ ମାସ ଅବଧିର ଏହି ପାର୍ଟ-ଟାଇମ୍ ଡିପ୍ଲୋମା ପାଠ୍ୟକ୍ରମ ଏହାର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ବର୍ତ୍ତମାନର କାର୍ଯ୍ୟ ଓ ନିଯୁକ୍ତି ଜାରି ରଖି ସେହି ସମୟରେ ସେମାନେ ଏହି ପାଠ୍ୟକ୍ରମରେ ନାମଲେଖାଇବାକୁ ଅନୁମତି ପ୍ରଦାନ କରିଛି। ଏଥିରେ ତିନିଟି ଅବଧିରେ ଅନ୍-କ୍ୟାମ୍ପସ ଏବଂ ଅନ୍‌ଲାଇନ ଶିକ୍ଷା ଆହରଣ ପଦ୍ଧତିର ସମ୍ମିଶ୍ରଣ ରହିଛି। ଏହି ପାଠ୍ୟକ୍ରମ ମଧ୍ୟମରୁ ବରିଷ୍ଠ-ସ୍ତରର ବୃତ୍ତିଧାରୀଙ୍କ ନିମନ୍ତେ ଡିଜାଇନ କରାଯାଇଛି ଯେଉଁମାନଙ୍କର ବିକାଶମୂଳକ କ୍ଷେତ୍ରରେ ୮ବର୍ଷ କିମ୍ବା ତାହାଠାରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି ଏବଂ ଯେଉଁମାନେ ସେମାନଙ୍କ ସଂସ୍ଥାରେ ନେତୃତ୍ୱ ନେବା ଭୂମିକାରେ ରହିଛନ୍ତି ଅଥବା ଶୀଘ୍ର ସେହିଭଳି ଭୂମିକା ନେବାର ସମ୍ଭାବନା ରହିଛି। ଏହା ଏନଜିଓ, ସାମାଜିକ ଆନ୍ଦୋଳନ ଏବଂ ତୃଣମୂଳ ସ୍ତରର ସଂଗଠନଗୁଡ଼ିକରେ କାର୍ଯ୍ୟକରୁଥିବା ସମସ୍ତଙ୍କ ପାଇଁ ସହାୟକ ହେବ। ନାମଲେଖା ନିମନ୍ତେ ଆବେଦନ କରିବାର ଶେଷ ତାରିଖ ମେ ୩୧ ଧାର୍ଯ୍ୟ ହୋଇଥିବା ବେଳେ ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ଜୁନ-ଜୁଲାଇ ୨୦୨୫ ମଧ୍ୟରେ କରାଯିବ। ପାଠପଢ଼ା ଜାନୁଆରୀ, ୨୦୨୬ର ପ୍ରଥମ ସପ୍ତାହରେ ଆରମ୍ଭ ହେବ ବୋଲି ଏପିୟୁ ନିର୍ଦ୍ଦେଶକ ଅରିମା ମିଶ୍ର ସୂଚନା ଦେଇଛନ୍ତି।

## ଭାରତ ଇସ୍ପାତ - ୨୦୨୫ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

# 'ଇସ୍ପାତ୍' ଭାରତୀୟ ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ

**ମୁମ୍ବାଇ, ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଇସ୍ପାତ ହେଉଛି ଭାରତୀୟ ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଠିକ୍ ଇସ୍ପାତ ନୀତି ଯୋଗୁଁ ଭରତ ଆଜି ବିଶ୍ୱର ଦ୍ୱିତୀୟ ଇସ୍ପାତ ଉତ୍ପାଦନକାରୀ ଦେଶ ହୋଇଛି। ଇସ୍ପାତ କ୍ଷେତ୍ରର ବିକାଶ ହେଲେ ଯୁବପିଢି ନୂଆ ନୂଆ ଉଦ୍ଭାବନ କରିବା ପାଇଁ ସମର୍ଥ ହୋଇପାରିବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।ଶୁକ୍ରବାର ମୁମ୍ବାଇ ଠାରେ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଏବଂ ଫିକି ଇଣ୍ଡିଆ ଦ୍ୱାରା ଆୟୋଜିତ ଭାରତ ଇସ୍ପାତ୍ ସମ୍ମିଳନୀ ତଥା ପ୍ରଦର୍ଶନୀ - ୨୦୨୫ର ଷଷ୍ଠ ସଂସ୍କରଣରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି।




ଏହାଛଡ଼ା ସେ କହିଛନ୍ତି ଯେ ଇସ୍ପାତ କ୍ଷେତ୍ର କେବଳ ଭାରତର ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ ନୁହେଁ ଏହା ଭବିଷ୍ୟତ ଆକାଂକ୍ଷାର ମଧ ମେରୁଦଣ୍ଡ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଠିକ୍ ନୀତିର ସମର୍ଥନ ପୂର୍ବ ଭାରତର ସମ୍ଭାବନାକୁ ଚିହ୍ନଟ କରିବା ସହ ଇସ୍ପାତର ପେଣ୍ଟସ୍ଥଳୀ ହେବା ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ଏବଂ ଭାରତ ବିଶ୍ୱ ଇସ୍ପାତ୍ ବଜାରରେ ଷ୍ଟ୍ରାଟେଜିକ୍ ସ୍ଥିତି ମାଧ୍ୟମରେ ଏକ ନୂଆ ରୂପରେ ଉଭା ହେଉଛି। ଜାତୀୟ ଇସ୍ପାତ ନୀତି - ୨୦୧୭ ଇସ୍ପାତ ଶିଳ୍ପକୁ ତାହାର ପୂର୍ଣ୍ଣ ସମ୍ଭାବନା ସହିତ ମୂଲ୍ୟଯୁକ୍ତ ଏବଂ ସବୁଜ ଇସ୍ପାତ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି। ଆଗାମୀ ଦିନରେ ମୂଲ୍ୟଯୁକ୍ତ ଏବଂ ସବୁଜ ଇସ୍ପାତ ଉତ୍ପାଦନ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଶିଳ୍ପ ପରିବର୍ତ୍ତନକୁ ଏକ ପ୍ରତିଯୋଗିତାମୂଳକ ଲାଭରେ ପରିଣତ କରିବା ପାଇଁ ସବୁଜ ଇସ୍ପାତ ଏକ ସୁଯୋଗ ଦେଇଛି। ଯେତେବେଳେ ଆମେ ଇସ୍ପାତ କ୍ଷେତ୍ରର ପୁନଃକଳ୍ପନା କରିବା ସହ ଏହାକୁ ଅଧିକ

**ମୂଲ୍ୟଯୁକ୍ତ ଏବଂ ସବୁଜ ଇସ୍ପାତ ଉତ୍ପାଦନ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବ**

ଅଭିନବତା ଭିତ୍ତିକ କରିବା, ସେତେବେଳେ ଆମର ପ୍ରତିଭାବାନ ଯୁବକମାନଙ୍କ ପାଇଁ ଉଦ୍ଭାବନ ଏବଂ ଶିଳ୍ପ ସହିତ ସହଯୋଗ କରିବାର ସୁଯୋଗ ମଧ ସୃଷ୍ଟି କରିବା ଆବଶ୍ୟକ। ଆଗାମୀ ଦିନରେ ଇସ୍ପାତ କେବଳ ଶକ୍ତିଶାଳୀ ହେବ ନାହିଁ, ଏହା ସ୍ମାର୍ଟ ଓ ସବୁଜ ହେବ। ବିଭିନ୍ନ କ୍ଷେତ୍ରରେ ନବସୃଜନ ଏବଂ ସହଯୋଗ ପ୍ରଦର୍ଶନ କରିବା ପାଇଁ ଏହା ହେଉଛି ଭାରତର ଦଶନ୍ଧି। ଆମର ଇସ୍ପାତ ଶିଳ୍ପ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଶିଳ୍ପ ବିକାଶ ଏବଂ ନିରନ୍ତର ଓ ସମାବେଶୀ ପ୍ରଗତି ପାଇଁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।




ରୋଟାରୀ କଟକ ସେଣ୍ଟ୍ରାଲ ଆନୁକୂଲ୍ୟରେ ସଭାପତି ନଳିନୀ ମହାପାତ୍ରଙ୍କ ପୌରହିତ୍ୟରେ କଟକ ରାମକୃଷ୍ଣ ମିଶନ ପ୍ରାଙ୍ଗଣରେ ଏକ ଜଳ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ସତ୍ୟଗୋପାଳ ପରିଜା, ପ୍ରଶାନ୍ତ ମହାପାତ୍ର, ଦୀପକ ମହାନ୍ତି, ସୁବାଷ ପ୍ରଧାନ, ସିଦ୍ଧାର୍ଥ ମିଶ୍ର, ଶିବାଶିଷ ସୁର, ଦେବେନ୍ଦ୍ରନାଥ ପାଢ଼ୀ, ଦେବାଶିଷ ଆଚାର୍ଯ୍ୟ ଓ ପ୍ରଦୀପ କୁମାର ରାୟ ପ୍ରମୁଖ ସଭ୍ୟ ସହଯୋଗ କରିଥିଲେ।

# ୨୭ରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:**ଆସନ୍ତା ୨୭ ତାରିଖରେ 'ସଂଭାବନା' ପକ୍ଷରୁ ଓଡ଼ିଆ ସ୍ୱାଭିମାନ ସମାରୋହ ସହ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯିବ। ହଜିଯାଉଥିବା ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା,ଚଳଣୀ ଓ ପରିପାଟୀର ପ୍ରଦର୍ଶନ ଓ ସୁରକ୍ଷା ପାଇଁ ସଂଭାବନା ଆୟୋଜିତ ଏହି ମହା ଆନ୍ଦୋଳନର ଶେଷ ଓ ସର୍ବ ଶ୍ରେଷ୍ଠ ଆକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ। ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉପସ୍ଥିତିରେ ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀଙ୍କ ନାମ ଘୋଷଣା ମଧ କରାଯିବ। ଶ୍ରେଷ୍ଠ ଓଡ଼ିଆଣୀ ଓ କୃତୀ ଓଡ଼ିଆଣୀଙ୍କୁ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଓଡ଼ିଶୀ ପରିବେଷଣ କରିବେ ଗୁରୁ ଗଜେନ୍ଦ୍ର ପଣ୍ଡା। ସେହିଭଳି ମନଛୁଆଁ ଓଡ଼ିଆ ସଂଗୀତକୁ ନିଜ ସ୍ୱରରେ ସଜାଇ ସମ୍ମୋହିତ କରିବେ ଛନ୍ଦା ମିଶ୍ର ଓ ସିଦ୍ଧାନ୍ତ ଶତପଥୀ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାରେ ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିବା ସୁଶ୍ରୀ ସନାୟା ସୁନୟନାଙ୍କୁ ଓଡ଼ିଆ ମହୋତ୍ସବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଗୀତଗୋବିନ୍ଦ ସଦନରେ ୬ ଘଟିକା ସମୟରେ ଓଡ଼ିଆ ସ୍ୱାଭିମାନ ଦିବସର ସଂଜକୁ ମଧୁ ମହିମାରେ ମହକାଇବେ ବିଶିଷ୍ଟ ମଧୁ ବିଶାରଦ ଦାଶ ବେନ୍‌ହୁର। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଯୁବ ଉଦ୍ୟୋଗୀ ପିଙ୍କିଶ୍ ପ୍ରଧାନ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋତ୍ସ୍ନାମୟୀ ସେନାପତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସଂପାଦିକା ରେଖା ସାହୁ, ଯୁଗ୍ମ ସଂପାଦିକା ମୀନାକ୍ଷୀ ପଟ୍ଟନାୟକ, ସଂପାଦକା ରଶ୍ମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଆତଙ୍କୀ ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ଆରୋହଣ ଟ୍ରଷ୍ଟ ଓ ସହିଦ୍ ଭଗତ ସିଂ ଯୁବ ପରିଷଦ ପକ୍ଷରୁ ଆଜି ଏକ ବିଶାଳ ମହବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାଟି ଜୟଦେବ ବିହାର ଭଗବତୀ ମନ୍ଦିର ଠାରୁ ବାହାରି ବିଜୁପଟ୍ଟନାୟକ କଲେଜ ଦେଇ ଏନ୍ ୬ ସ୍ଥିତ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଅରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସହିଦ୍ ଭଗତ ସିଂ ଯୁବ ପରିଷଦର ସମ୍ପାଦକ ସ୍ୱପ୍ନେନ୍ଦୁ ମହାନ୍ତି। ଏହି ଶୋଭାଯାତ୍ରାରେ ଜୟଦେବ ବିହାର ଓ ଆଇ ଆରସି ଭିଲେଜ୍ ଅଞ୍ଚଳର ଅନେକ ନାଗରିକ, ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀ ସହଭାଗୀ ହୋଇ ଆତଙ୍କୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଭୁବନେଶ୍ୱରରେ ଆଲାନ୍ ୱାକର୍‌ଙ୍କ ସଙ୍ଗୀତ ପରିବେଷଣ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଆଲାନ୍ ୱାକର ସ୍ୱେସ୍‌ବାଉଣ୍ଡ ଜରିଆରେ ଭୁବନେଶ୍ୱରରେ ସଙ୍ଗୀତ ପରିବେଷଣ କରିଛନ୍ତି। ପ୍ରଥମ ଥର ପାଇଁ ସହରରେ ପରିବେଷଣ କରି ୱାକର ସଭିଙ୍କୁ ଚକିତ କରିଥିଲେ। ସ୍ୱେସ୍‌ବାଉଣ୍ଡର ସିଇଓ କରଣ ସିଂହ କହିଛନ୍ତି ଯେ, ଭୁବନେଶ୍ୱରରେ ଆମେ ଯେଉଁ ଅବିଶ୍ୱସନୀୟ ଭିଡ଼ ଦେଖିଛୁ ତାହା ସମଗ୍ର ଭାରତରେ ବିଶ୍ୱସ୍ତରୀୟ ଲାଇଭ୍ ମ୍ୟୁଜିକ୍ ଅନୁଭୂତିର ବଢୁଥିବା ଚାହିଦାର ପ୍ରମାଣ। ଏହି ସ୍ମରଣୀୟ ଆଲାନ୍ ୱାକର ୱାର୍ଲ୍ଡ ଇଣ୍ଡିଆ ଟୁର କେବଳ ଆଲାନ୍ ୱାକରଙ୍କ ଫ୍ୟାନବେସ୍‌ର ମାତ୍ରା ଉପରେ ଆଲୋକପାତ କରେ ନାହିଁ ବରଂ ଅନ୍ତର୍ଜାତୀୟ ପ୍ରତିଭାମାନଙ୍କୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ସ୍ୱେସ୍‌ବାଉଣ୍ଡର ପ୍ରତିବଦ୍ଧତାକୁ ମଧ ଆଲୋକପାତ କରେ। ଆମର ପହଞ୍ଚକୁ ବିସ୍ତାର କରିବା ଏବଂ ଅବିସ୍ମରଣୀୟ ସଙ୍ଗୀତ ମୁହୂର୍ତ୍ତକୁ ଦେଶବ୍ୟାପୀ ପ୍ରଶଂସକଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମେ ଗର୍ବ ଅନୁଭବ କରୁଛୁ। ବିଶେଷକରି ପ୍ରତ୍ୟେକ ଦର୍ଶକ ଯେପରି ପ୍ରଦର୍ଶନକୁ ଭଲ ପାଇବ ସେହିପରି କାର୍ଯ୍ୟକ୍ରମ ପରିବେଷଣ କରିବା ଉଚିତ ବୋଲି ସେ କହିଛନ୍ତି।

# ସିଆଇଆଇ ଓଡ଼ିଶା ପକ୍ଷରୁ ୨୦୨୫-୨୬ ପାଇଁ ନୂଆ ନେତୃତ୍ୱ ଘୋଷଣା

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ), ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ଏହାର ନୂଆ ନେତୃତ୍ୱ ଘୋଷଣା କରାଯାଇଛି। ବେଦାନ୍ତ ଲିମିଟେଡ, ଝାରସୁଗୁଡାର ଆଲୁମିନିୟମ ବିଜ୍‌ନେସ୍ ବିଭାଗର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ୨୦୨୫-୨୬ ବର୍ଷ ପାଇଁ ଏହାର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଏମ୍/ଏନଏସ ଇଣ୍ଡିଆର ଓଡିଶା ଆସେଟ୍‌ସ ଅପରେଶନ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜିଙ୍କୁ ସମାନ ଅବଧି ପାଇଁ ସିଆଇଆଇ, ଓଡିଶା ରାଜ୍ୟ ପରିଷଦର ଉପାଧକ୍ଷ ଭାବେ ନିର୍ବାଚିତ କରାଯାଇଛି। ଆଗାମୀ ବର୍ଷଗୁଡିକ ପାଇଁ ପ୍ରାଥମିକତା ସମ୍ପର୍କରେ ମତପ୍ରକାଶ କରି ଶ୍ରୀ ଗୁପ୍ତା ଏମ୍‌ଏସଏମଇ, ଧାତୁ ଓ ଖଣି, ସ୍ୱାସ୍ଥ୍ୟସେବା ଏବଂ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ଓଡିଶାର ବିକାଶକୁ ଆଗକୁ ପରିଚାଳନା କରିବା ଉପରେ ସିଆଇଆଇର ରଣନୈତିକ ମହତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ସିଆଇଆଇ ବିଶେଷ କରି ପଶ୍ଚିମ ଓଡ଼ିଶାରେ ସିଆଇଆଇ ପରିଚାଳନାଗୁଡ଼ିକୁ ବିସ୍ତାର କରି ଏବଂ ଶିଳ୍ପ, ଏମ୍‌ଏସ୍‌ଏମଇ, କୃଷି, ପରିବେଶ, ପର୍ଯ୍ୟଟନ ଓ ଦକ୍ଷତା ବିକାଶ ଭଳି ବିଭାଗ ଉପରେ ଓଡ଼ିଶା ସରକାରଙ୍କ ସହ ମିଳିତ ଭାବେ ସହଭାଗିତା କରି ରାଜ୍ୟରେ ସମାବେଶୀ ଆର୍ଥିକ ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଲକ୍ଷ୍ୟ ରଖିଛି। ସିଆଇଆଇ ମଧ ଗ୍ରୀନ ବିଲ୍ଡିଂ ସାର୍ଟିଫିକେଶନକୁ ପ୍ରୋତ୍ସାହିତ, ରପ୍ତାନୀ କ୍ଷମତା ବୃଦ୍ଧି ଏବଂ ସବୁଜ ପ୍ରକଳ୍ପଗୁଡିକ ମାଧ୍ୟମରେ ଭିତ୍ତିଭୂମିକୁ ଉନ୍ନତ କରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେବ। ସେହିପରି ସୁରେଶ ଜି ଓଡ଼ିଶାକୁ କ୍ଷେତ୍ରୀୟ ବିଶେଷଜ୍ଞତା ଆଣିବା ପାଇଁ ସିଆଇଆଇର ସେଣ୍ଟର୍ସ ଅଫ ଏକ୍ସିଲେନ୍ସକୁ ଉପଯୋଗ କରିବା ପାଇଁ ପରିଷଦର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ ଆମେ ଜିଏସ୍‌ଟି, ଜିଇଏମ, ଟିକ୍ୟୁଏମ ଓ ଏକ୍ସପୋର୍ଟ ଡକ୍ୟୁମେଣ୍ଟେଶନ ଉପରେ ତାଲିମ ପ୍ରଦାନ କରି ନିଯୁକ୍ତି ସୃଷ୍ଟି ଓ ଉତ୍ପାଦକତାକୁ ସମର୍ଥନ କରିବୁ। ବ୍ୟାପକ ବିକାଶମୂଳକ ଏଜେଣ୍ଡାର ଅଂଶ ଭାବେ ସିଆଇଆଇ ଓଡ଼ିଶା ପର୍ଯ୍ୟଟନ, ଉଦ୍ଭାବନ, ସହରୀକରଣ, ପରିବହନ ଓ ମଲ୍ଟି-ମୋଡାଲ ଲଜିଷ୍ଟିକ୍ସ, ମତ୍ସ୍ୟ ଓ ଜଳୀୟ କୃଷି, ଜଳବାୟୁ ସ୍ଥିରତା, ଶକ୍ତି ରୂପାନ୍ତରଣ ଏବଂ ଓଡିଶାର ସମୃଦ୍ଧ କଳା, ଐତିହ୍ୟ ଓ କ୍ରୀଡା କ୍ଷେତ୍ରର ସଂରକ୍ଷଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପକୁ କାର୍ଯ୍ୟକାରୀ କରିବ।

# ଆତଙ୍କୀ ଆକ୍ରମଣ ପୀଡ଼ିତଙ୍କ ପାଇଁ ୧କୋଟିର ସହାୟତା

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଜମ୍ମୁ ଓ କଶ୍ମୀରର ପହଲଗାମ ଠାରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୂରା ଦେଶକୁ ସ୍ତବ୍ଧ କରିଦେଇଛି । ଯେଉଁଥିରେ ଅନେକ ନୀରିହ ଲୋକଙ୍କ ଜୀବନ ଚାଲିଯାଇଛି। ଏଭଳି ପରିସ୍ଥିତିରେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ (ଏନଏସଇ) ଏହି ଆକ୍ରମଣରେ ପୀଡ଼ିତଙ୍କ ପ୍ରତି ସମର୍ଥନ ପାଇଁ ଆଗେଇ ଆସିଛି । ଏହି ହିଂସାକାଣ୍ଡରେ ମୃତକଙ୍କ ପରିବାରକୁ ସହାୟତା କରିବା ପାଇଁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ଦେବାକୁ ପ୍ରତିଶ୍ରୁତି ଦେଇଛି ଏନଏସଇ। ଏନେଇ ଏନଏସଇର ଏମଡି ଏବଂ ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ। ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି ଏବଂ ଆମେ ଆଶା କରୁଛୁ ଯେ ସେମାନଙ୍କୁ ଯଥାସମ୍ଭବ ସହାୟତା ମିଳିବ।

# ବେସରକାରୀ ସ୍କୁଲ୍‌ରେ ଲଟେରୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଚୟନ

**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅନ୍ତର୍ଗତ ଧାରା ୧୨(୧)ଗ ଅନୁଯାୟୀ, ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାମାନେ ବେସରକାରୀ ସ୍କୁଲଗୁଡ଼ିକରେ ପ୍ରବେଶ ସ୍ତରରେ ନିଃଶୁଳ୍କ ଶିକ୍ଷା ପାଇବେ। ଏଥିପାଇଁ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲର ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୧୮ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୨୦ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏହି ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିଲେ। ୩୯୯୩ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦୨୨୫ ସିଟ୍ ପାଇଁ ମୋଟ୍ ୩୬୬୯୫ଅନ୍‌ଲାଇନ୍ ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ଲକଶିକ୍ଷା ଅଧିକାରୀମାନେ ମୂଳ ପ୍ରମାଣ ପତ୍ର ଯାଞ୍ଚ କରି ୨୭୦୮୨ ଆବେଦନପତ୍ରକୁ ଯୋଗ୍ୟ ବିବେଚିତ କରିଥିଲେ। ଯୋଗ୍ୟ ଆବେଦନପତ୍ରଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ଲଟେରୀ ମାଧ୍ୟମରେ ଆଜି ସନ୍ଧ୍ୟା ୫ଟାରେ ପ୍ରାଥମିକ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିଲା। ସେଥିରୁ ୨୧୮୪୩ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଲଟେରୀ ମାଧ୍ୟମରେ ଚୟନ କରାଯାଇଛି। ବର୍ତ୍ତମାନ ବ୍ଲକଶିକ୍ଷା ଅଧୀକାରୀମାନେ ସମ୍ପୃକ୍ତ ବେସରକାରୀ ସ୍କୁଲଗୁଡିକୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ପ୍ରଦାନ କରିବେ। ବେସରକାରୀ ସ୍କୁଲଗୁଡିକରେ ଏପ୍ରିଲ୨୬ରୁ ଜୁନ ୧୦ତାରିଖ ମଧ୍ୟରେ ନାମଲେଖା ହେବ। ଏହି ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ। ଯଦି ଏହାକୁ କୌଣସି ବିଦ୍ୟାଳୟ ଖିଲାପ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# କିଟ୍‌ରେ ଫେସନ୍ ଶୋ' କୀର୍ତ୍ତି କଳ୍ପନା




**ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** କିଟ୍ ବିଶ୍ୱବିଦ୍ୟାଳୟର ଫେସନ୍ ଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଫେସନ୍ ଶୋ' 'କୀର୍ତ୍ତି କଳ୍ପନା'ର ୧୩ତମ ସଂସ୍କରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଫେସନ୍ ଶୋ'କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳ ସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍, ଫିଲ୍ମ ଆଣ୍ଡ ମିଡିଆ ଷ୍ଟଡିଜ୍ ସ୍କୁଲ୍ ଏବଂ ମାସ୍ କମ୍ୟୁନିକେଶନ ସ୍କୁଲ୍‌ର ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଫେସନ୍ ଟେକ୍ନୋଲୋଜିରେ ୨୦୨୫ ବର୍ଷର ପାସ୍‌ଆଉଟ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସାମନ୍ତ କହିଥିଲେ, ଭାରତ ସମେତ ସମଗ୍ର ବିଶ୍ୱରେ କିଟ୍‌ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କର ବିଭିନ୍ନ କ୍ଷେତ୍ରରେ ଗ୍ରହଣୀୟତା ମଧ ରହିଆସିଛି। କିଟ୍ ଫେସନ୍ ଟେକ୍ନୋଲୋଜିର ପାସ୍‌ଆଉଟ୍ ଛାତ୍ରଛାତ୍ରୀ ଫେସନ୍ ଏବଂ ଟେକ୍ସଟାଇଲ୍ ଟେକ୍ନୋଲୋଜି ଏବଂ ଡିଜାଇନ୍ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ଓ ସର୍ଜନାଶୀଳତାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ତେବେ ଜୀବନରେ ଯେଉଁଠି ଥାଅ,ଯେତେ ଉପରକୁ ଉଠ ସବୁବେଳେ ଜଣେ ଭଲ ମଣିଷ ହେବାକୁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଫେସନ୍ ଶୋ'ରେ ୨୦୨୫ ପାସ୍‌ଆଉଟ୍ ବ୍ୟାଚର ଛାତ୍ରଛାତ୍ରୀ ସେମାନଙ୍କ ପରିକଳ୍ପନା ଓ ସର୍ଜନାର ପରିପ୍ରକାଶ କରିଥିଲେ। ବିଭିନ୍ନ ପାରମ୍ପରିକ ଓ ଆଧୁନିକ ଫେସନ୍‌କୁ ନେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନର ପୋଷାକରେ ମଡେଲମାନଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ବିଭିନ୍ନ ପରମ୍ପରା,କଳାର ଝଲକ ରହିଥିଲା। ଏହି ଅବସରରେ ଫେସନ୍ ଟେକ୍ନୋଲୋଜି ସ୍କୁଲ୍ ପକ୍ଷରୁ ଫେସନ୍ ଡିଜାଇନ୍ ଉପରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ତାରକା ସୂର୍ଯ୍ୟମୟୀ ମହାପାତ୍ର, ଲିକୁନ୍ ଚୌଧୁରୀ, ଦୀପନ୍ୱିତ୍ ଦାସମହାପାତ୍ର ଏବଂ ଦେବସ୍ମିତା ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍‌ର ଉପନିର୍ଦ୍ଦେଶିକା ଜିପ୍‌ସିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲର ଡିନ୍ ପ୍ରଫେସର ବାଉରି ରାଉଳ ଧନ୍ୟବାଦ ଦେଇଥିଲେ।

## ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଜିଓ ପ୍ଲାଟ୍‌ଫର୍ମସର ନେଟ୍ ଲାଭ

# ୨୫.୭ ପ୍ରତିଶତ ବୃଦ୍ଧି ପାଇ ହୋଇଛି ୭,୦୨୨ କୋଟି

**ମୁମ୍ବାଇ, ଭୁବନେଶ୍ୱର,୨୫।୪/ଏନ୍‌ଏନ୍‌ଏସ୍:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ୍ ଉଦ୍ୟୋଗ ଜିଓ ପ୍ଲାଟଫର୍ମସ ଆଜି ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ବା ଶେଷ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରିଛି। ଜାନୁୟାରୀରୁ ମାର୍ଚ୍ଚ ୨୦୨୫ ଯାଏଁ ରହିଥିବା ଏହି ତ୍ରୟମାସରେ ଜିଓ ପ୍ଲାଟଫର୍ମସର ନେଟ ଲାଭ ୨୫.୭ ପ୍ରତିଶତ ବୃଦ୍ଧି ପାଇ ୭,୦୨୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। କମ୍ପାନୀ ଗତ ବର୍ଷ ସମାନ ସମୟରେ ୫,୫୮୭ କୋଟି ଟଙ୍କାର ନେଟ ଲାଭ ହାସଲ କରିଥିଲା।




ମାର୍ଚ୍ଚ ୨୦୨୫ ତ୍ରୈମାସିକରେ ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ରାଜସ୍ୱ ୧୩.୫ ପ୍ରତିଶତ ବୃଦ୍ଧି ପାଇ ୨୦୬.୨ ଟଙ୍କା ହୋଇଛି, ଯାହା ମାର୍ଚ୍ଚ ୨୦୨୪ ତ୍ରୈମାସିକରେ ୧୮୧.୭ ଟଙ୍କା ରହିଥିଲା। ଏହି ତ୍ରୈମାସିକରେ ଜିଓ ୬୧ ଲକ୍ଷରୁ ଅଧିକ ଉପଭୋକ୍ତା ଯୋଡ଼ିବା ସହିତ ମାର୍ଚ୍ଚ ୩୧ ସୁଦ୍ଧା ଜିଓର ମୋଟ ଉପଭୋକ୍ତା ସଂଖ୍ୟା ୪୮.୮୨ କୋଟି ରହିଥିଲା। ଜିଓର ୫ଜି ଉପଭୋକ୍ତା ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧୯ କୋଟିରୁ ଅଧିକ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ଡାଟା ବ୍ୟବହାର ୩୩.୬ ଜିବି ହୋଇଥିବା ବେଳେ ମୋଟ ଡାଟା ଟ୍ରାଫିକ ଗତ ବର୍ଷ ତୁଳନାରେ ୧୯.୬ ପ୍ରତିଶତ ବୃଦ୍ଧି ପାଇ ଚତୁର୍ଥ ତ୍ରୈମାସିକରେ ୪୮.୯ ବିଲିଅନ ଜିବି ହୋଇଥିବା ଜଣାପଡ଼ିଛି। ମାର୍ଚ୍ଚ ୩୧, ୨୦୨୫ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ, ଜିଓର ନେଟ୍ ଲାଭ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇ ୨୬,୧୨୦ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷ ଏହି ଅବଧିରେ ୨୧,୪୩୪ କୋଟି ଟଙ୍କା ଥିଲା। ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଓ ପ୍ଲାଟଫର୍ମସର ପରିଚାଳନାଗତ ରାଜସ୍ୱ ପ୍ରାୟ ୧୭ ପ୍ରତିଶତ ବୃଦ୍ଧି ପାଇ ୧,୨୮,୨୧୮ କୋଟି ଟଙ୍କା ହୋଇଛି ଯାହା ଆର୍ଥିକ ବର୍ଷ ୨୦୨୩-୨୪ ରେ ୧,୦୯,୫୫୮ କୋଟି ଟଙ୍କା ରହିଥିଲା।

# ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ କୃଷି ବିଭାଗ ପ୍ରମୁଖ ସଚିବ



**ପୁରୀ,୨୫।୪/ଏନ୍ଏନ୍ଏସ୍:** କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଆଜି ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ, ସଫଳତା ଓ ହିତାଧିକାରୀଙ୍କ ସମ୍ପର୍କରେ ଡ. ପାଢ଼ୀ ଅନୁଧ୍ୟାନ କରିଥିଲେ। ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତରେ ପ୍ରଣୟନ କରାଯାଇଥାଏ। ଏହାର ସୁବିଧା ଓ ସୁଯୋଗ ଯେପରି ଉପଯୁକ୍ତ ହିତାଧିକାରୀ ସଠିକ୍ ଭାବେ ପାଇ ପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରତିବଦ୍ଧତା ଓ ଉତ୍ତରଦାୟୀ ଭାବେ କାର୍ଯ୍ୟ କାରି ନିଜର ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେବା ସହ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଶୁକ୍ରବାର ଆମ ଓଡ଼ିଶାର ଗୌରବ ସମ୍ବଲପୁରୀ ବସ୍ତ୍ର ପରିଧାନ ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିରରେ ଜୈବିକ ସାରରେ ପ୍ରସ୍ତୁତ ପନିପରିବା, ଚାଉଳ ବ୍ୟବହାର ପାଇଁ ଓରମାସ ପ୍ରସ୍ତୁତ ଥିବା ବୈଠକରେ ସୂଚନା ମିଳିଥିଲା। ସେହିପରି ହସ୍ତଶିଳ୍ପ ବିଭାଗ ପକ୍ଷରୁ ମାଟିପାତ୍ର ବା କୁଡୁଆ ଯୋଗାଇବା ବ୍ୟବସ୍ଥା କରାଯାଉଛି। ଲକ୍ଷ ପତି ଦିଦି ସୃଷ୍ଟିରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ହୋଇଥିବାରୁ ସେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ମାସରେ ଭଲ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବା ଉଚିତ ବୋଲି ଡ. ପାଢ଼ୀ ପରାମର୍ଶ ଦେବା ସହ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କଲେ ଅନ୍ୟ ମାନଙ୍କୁ ଅନୁପ୍ରାଣିତ କରାଯାଇପାରିବ ବୋଲି ସେ ମତ ଦେଇଥିଲେ। ଜଙ୍ଗଲ ବିଭାଗ, ଚିଲିକା ଉନ୍ନୟନ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃର୍ତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଜଳ ଯୋଗାଣ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସମାଜ କଲ୍ୟାଣ, ଓ୍ୱାଟ୍‌କୋ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ସମବାୟ, ଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଇତ୍ୟାଦି ବିଭାଗ ସମ୍ପର୍କରେ ସମୀକ୍ଷା କରିବା ସହ ଡ. ପାଢ଼ୀ ବିବିଧ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ୍ ଦେଇଥିଲେ। ପୁରୀ ଡିଏଫ୍ଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ୍ ନୀଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଚିଲିକା ଡିଏଫ୍ଓ ଅମ୍ଳାନ ନାୟକ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମନିର୍ଦ୍ଦେଶକ ଶ୍ରୀଧର ସେଠୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନରେ ପ୍ରମୁଖ ସଚିବ ଡ. ପାଢ଼ୀ ନିମାପଡ଼ା, ଗୋପ, କାକଟପୁର ଓ ପୁରୀ ସଦର ବ୍ଲକର ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ରଙ୍ଗଣିପାଟଣା ପଞ୍ଚାୟତରେ କ୍ୟାମ୍ପ୍ କୋର୍ଟ



**ଓଡ଼ଗାଁ,୨୫।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ରଙ୍ଗଣିପାଟଣା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମାମଲାର ଶୁଣାଣି କରାଯାଇଥିଲା। ମାମଲାଗୁଡ଼ିକ ମଧ୍ୟରୁ ୭ଟି ମୋକଦ୍ଦମାର ବିଚାର କରାଯାଇଥିବାବେଳେ ବାକି କିଛି ମାମଲା ବିଚାରାଧିନ ରହିଥିଲା। ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ର ଗ୍ରାମ ନ୍ୟାୟାଧିକାରୀ ସୌମ୍ୟାଶ୍ରୀ ମହାପାତ୍ର ମାମଲାଗୁଡ଼ିକର ଶୁଣାଣିକରି ଫଇସଲା କରିଥିବାବେଳେ ସରକାରୀ ଓକିଲ ପ୍ରମୋଦ କୁମାର ବିଶ୍ୱାଳ, ରାଣୀ ସସ୍ମିତା ଯୋଗଦେଇ ମାମଲାର ସମାଧାନ କରିଥିଲେ। ସେହିପରି କ୍ୟାମ୍ପ କୋର୍ଟରେ ଆଇନଜୀବୀ ଅମରେନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ଦାସ, ମନୋଜ ପଟ୍ଟନାୟକ, ନାରାୟଣ ନାୟକ ପ୍ରମୁଖ ମାମଲାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ର ଉପସ୍ଥିତରହି ସହଯୋଗ କରିଥିବା ଜଣାପଡ଼ିଛି।

## ମା’ ଶାରଳା ମହୋତ୍ସବ



**ସାଲେପୁର,୨୫।୪/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ରୋଧପୁର ମା’ ଶାରଳା ମନ୍ଦିର ପରିସରରେ ମା’ ଶାରଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ଆରମ୍ଭରେ କଳସ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ପାଲଟିଥିଲା। ପଶ୍ଚିମବଙ୍ଗର ଅଘୋରୀ ନୃତ୍ୟ ରେ କମ୍ପିଥିଲା ସମଗ୍ର ଅଞ୍ଚଳ। ଏହି ନୃତ୍ୟ କୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ରୋଧପୁରସ୍ଥିତ ଶାରଳା ମନ୍ଦିର ପରିସରରେ ମା’ ଶାରଳାଙ୍କ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଥିଲା। ଏହି ଶୋଭାଯାତ୍ରାରେ ରୂପଯାତ୍ରା, ଦଶ ଅବତାର ନୃତ୍ୟ, ପାଟୁଆ ନୃତ୍ୟ ସମେତ ବିଶେଷ ଆକର୍ଷଣ ପଶ୍ଚିମବଙ୍ଗର ଅଘୋରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଶୋଭାଯାତ୍ରାଟି ଶାରଳା ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ଚିତ୍ରୋତ୍ପଳା ଗୁପ୍ତ ଗଙ୍ଗାରୁ କଳସରେ ପାଣି ଉଠାଇଥିଲେ। ସେଠାରୁ ବିଭିନ୍ନ ଗ୍ରାମ ପରିକ୍ରମା କରି ଶାରଳା ମନ୍ଦିରରେ କଳସ ସ୍ଥାପନ ପରେ ମା’ଙ୍କ ମେଳା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ସହ ସନ୍ଧ୍ୟାରେ ସୁନାମ ଧନ୍ୟ କଣ୍ଠଶିଳ୍ପୀ କୁମାର ବାପି ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସମସ୍ତ ଗ୍ରାମବାସୀ ଓ କର୍ମକର୍ତ୍ତାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ସଂଘର ନିର୍ବାଚନ ସ୍ୱୀକୃତିପ୍ରାପ୍ତ ପତ୍ର ପ୍ରଦାନ

**ଖୋର୍ଦ୍ଧା,୨୫।୪/ଏନ୍ଏନ୍ଏସ୍:** ପ୍ରାଥମିକ ଶିକ୍ଷକ ସଂଘ (ଏୟୁପିଟିଏଫ୍) ଏକ ସ୍ୱୀକୃତିପ୍ରାପ୍ତ ଶିକ୍ଷକ ସଂଘ, ଯାହାକି ଓଡ଼ିଶା ସରକାରଙ୍କର ଗୃହ ବିଭାଗ ଅନୁମୋଦନ ଲାଭ କରିଛି। ଆଜି ଅପରାହ୍ନ ୪୧ଟିକା ସମୟରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଦାୟିତ୍ୱରେ ଥିବା ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁ ଓ ଜଟଣୀ ବ୍ଲକ ସଭାପତି ଜିତ୍ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ବ୍ଲକର ନବ ନିର୍ବାଚିତ ସଂଘ କର୍ମକର୍ତ୍ତାମାନଙ୍କୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଆଜି ଭେଟି ରାଜ୍ୟ ସଂଘର ନିର୍ବାଚନ ସ୍ୱୀକୃତିପ୍ରାପ୍ତ ପତ୍ର ପ୍ରଦାନ କରାଯାଇଛି। ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ସହଯୋଗ, ସମାନୁବର୍ତ୍ତିତା ଓ ବିଦ୍ୟାଳୟକୁ ଏକ ପରିବାର ଭାବି ଶିକ୍ଷାର ପ୍ରଗତିରେ ସହାୟକ ହେବା ପାଇଁ ଶ୍ରୀମତୀ ରାୟ କହିଛନ୍ତି। ତିନିଜଣ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ଡ. ପ୍ରଜ୍ଞା ପରମିତା ଜେନା, ବିଜୟ କୁମାର ବେହେରା କାର୍ଯ୍ୟରେ ଯୋଗଦାନ ଦେବା ପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇପଡ଼ିଛି। ଖାଲି ପଡ଼ିଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପଦ ସରକାର ପୂରଣ କରିଥିବାରୁ ସଂଘ ଧନ୍ୟବାଦ ଜଣାଇଛି। ଶିକ୍ଷକମାନଙ୍କର ସମସ୍ୟା ସମାଧାନ ଖୁବ୍ ଶୀଘ୍ର ହେବ ଓ ଶିକ୍ଷକମାନଙ୍କର କୌଣସି କାର୍ଯ୍ୟ ଦପ୍ତରରେ ପଡ଼ିରହିବ ନାହିଁ ବୋଲି ସଂଘ ଆଶାବାଦୀ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକ ସଭାପତି ପ୍ରଭାତ କୁମାର ସେନାପତି, ସମ୍ପାଦକ କିଶୋର ନାୟକ, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା, ଜଟଣୀ ବ୍ଲକ ସମ୍ପାଦକ ଆକାଶ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ମୋହନ କିଶାନ୍, ମାନସ କୁମାର ମହାପାତ୍ର, ଫୟାଜ୍ ଉଦ୍ଦିନ୍ ଖାଁ, ସତ୍ୟ ନାରାୟଣ ମଲ୍ଲିକ୍, ସୁରେଶ ସ୍ୱାଇଁ, ରଶ୍ମି ଦାସ, ପ୍ରତାପ ସ୍ୱାଇଁ ଓ ମାଧବ ଚନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ।

## ମା’ ରତ୍ନମାଳାଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ଶରଣକୁଳ,୨୫।୪/ଏନ୍ଏନ୍ଏସ୍:** ଶରଣକୁଳ ନିକଟସ୍ଥ ଚଢ଼ୟାପଲ୍ଲୀ ଗ୍ରାମର ମା’ ରତ୍ନମାଳାଙ୍କ ପୀଠରେ ଥିବା ଚଣ୍ଡୀମଠ ଆଶ୍ରମର ନାଗା ବାବା ମହନ୍ତ ଦାମୋଦରଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଠାକୁରଙ୍କ ଅଧିବାସ ସହିତ ପୂଜାର୍ଚ୍ଚନା କରାଯାଇ ଅପରାହ୍ଣରେ ସାଧୁ ସମ୍ମିଳନୀ ଏବଂ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଭୋର୍‌ରୁ ପୀଠରେ ପୂଜାର୍ଚ୍ଚନା କରାଯାଇ ଘୃତଯଜ୍ଞ ଏବଂ ଅହୋରାତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି ଅଷ୍ଟପ୍ରହର ନାମ ଯଜ୍ଞରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବିଭିନ୍ନ ଗ୍ରାମର ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି। ମା’ଙ୍କ ପୀଠରେ ସକାଳ ଠାରୁ ଦୀର୍ଘ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ବେଳେ ଆଶ୍ରମ ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ଶତାଧିକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଶୁକ୍ରବାର ସକାଳେ ଘୃତଯଜ୍ଞ, ନାମଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇ ନଗର ପରିକ୍ରମା କରାଯାଇ ଦହିହାଣ୍ଡି ଭଙ୍ଗା କାର୍ଯ୍ୟ କରାଯାଇଥିଲା।

## ୨ ଗ୍ରାମକୁ ଟ୍ୟାଙ୍କର୍ ଯୋଗେ ଜଳ ଯୋଗାଣ



**ଖଣ୍ଡପଡ଼ା,୨୫।୪/ଏନ୍ଏନ୍ଏସ୍:** ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖଣ୍ଡପଡା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଖଣ୍ଡପଡା ବ୍ଲକର ସିଧାମୂଳା ପଞ୍ଚାୟତ ଅଧିନ ଘୋଡାମାରୀଦ୍ୱାର ଗ୍ରାମ ସମେତ ନିକଟସ୍ଥ ଖଳିସାହି ଗ୍ରାମର ପୃଷ୍ଟିସାହି, ବଡସାହି, କୋଟପୋଖରୀ ବାସିନ୍ଦାଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି। ଉକ୍ତ ୨ଟି ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ଅସୁବିଧାର ସମ୍ମୁଖିନ ହେଉଥିବା ନେଇ ଜଣାପଡ଼ିବା ପରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଥିବା ବିଭାଗୀୟ କନିଷ୍ଠଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କଠାରୁ ପ୍ରକାଶ। ସେହିପରି କିଆଝର ପଞ୍ଚାୟତ ଅଧିନ ଗୋଛାବାରୀ ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଉକ୍ତ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲଘୁ ଖଣିଜ ସମ୍ପଦ ଲୁଟ୍ ରୋକି ପାରୁନି ପ୍ରଶାସନ

**ଖଣ୍ଡପଡ଼ା,୨୫।୪/ଏନ୍ଏନ୍ଏସ୍:** ଲଘୁ ଖଣିଜ ସମ୍ପଦରେ ଭରପୁର ଖଣ୍ଡପଡ଼ା ତହସିଲ ଅଞ୍ଚଳର ବିଭିନ୍ନ ଇଲାକାରେ ମାଫିଆମାନେ ବର୍ଷ ବର୍ଷ ଧରି ରାଜ ଚଳାଇଛନ୍ତି। ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାଠାରୁ ଆରମ୍ଭ କରି ପଥର ଖଣି ଖାଦାନ, ମୋରମ ଖଣିରେ ମାଫିଆମାନେ କଳେ ବଳେ କୌଶଳେ ଲଘୁ ଖଣିଜ ସମ୍ପଦ ଲୁଟ କରି ଚାଲିଛନ୍ତି। ଫଳରେ ରାଜ୍ୟ ସରକାର ପ୍ରତିବର୍ଷ ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଗତ ୨ମାସ ଧରି ପୁଲିସ ଓ ଖଣି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଲଘୁ ଖଣିଜ ସମ୍ପଦ ଚାଲାଣ କରୁଥିବା ହାଇଓ୍ୱାଗୁଡ଼ିକୁ ଜବତ କରାଯାଇ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇଥିବା ତହସିଲ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ତେବେ ପ୍ରଶାସନ ପକ୍ଷରୁ ଘନ ଘନ ଚଢ଼ଉ ସତ୍ତ୍ୱେ ମଧ୍ୟ ଲଘୁ ଖଣିଜ ସମ୍ପଦର ଅବାଧ ଲୁଟକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ପ୍ରଶାସନକୁ ଚ୍ୟାଲେଞ୍ଜ କରି ମାଫିଆମାନେ ଅସତ୍ ଉପାୟରେ ଲଘୁ ଖଣିଜ ସମ୍ପଦ ଲୁଟ କରିବାରେ ସଫଳ ହେବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଖଣ୍ଡପଡ଼ା ତହସିଲ ଅଧିନ ବିଭିନ୍ନ ଉତ୍ସରୁ ମାଫିଆମାନେ ଲଘୁ ଖଣିଜ ସମ୍ପଦ ଲୁଟ କରିବା ପଛରେ କିଛି ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀମାନଙ୍କର ପ୍ରଚ୍ଛନ୍ନ ହାତ ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଲଘୁ ଖଣିଜ ସମ୍ପଦ ଲୁଟ କରୁଥିବା ମାଫିଆମାନଙ୍କ କାର୍ଯ୍ୟକଳାପ ପ୍ରତି ରାଜସ୍ୱ ବିଭାଗ ଓ ଖଣି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବୋଲେରୋ ଧକ୍କାରେ ନାବାଳକ ମୃତ



**ପୁରୀ,୨୫।୪/ଏନ୍ଏନ୍ଏସ୍:** ଅଧା ରହିଗଲା ଜଗା ଦର୍ଶନ। ଦୁର୍ଘଟଣାରେ ଚାଲିଗଲା ଜଣେ ନିରୀହ ନାବାଳକର ଜୀବନ। ପୁରୀ ଆରଟିଓ ସମ୍ମୁଖରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ନାବାଳକକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନାବାଳକର ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ମୃତ ନାବାଳକ ଜଣକ ହେଉଛନ୍ତି ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ସୂର୍ଯ୍ୟକାନ୍ତ ଦାସଙ୍କ ଚାରିବର୍ଷର ପୁଅ ଆଶୁ ଦାସ। ମୃତ ନାବାଳକର ସମ୍ପର୍କୀୟଙ୍କ କହିବାନୁଯାୟୀ ଆଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଟ୍ରେନ୍‌ରେ ପରିବାର ଲୋକଙ୍କ ସହ ପୁରୀ ଆସିଥିଲା ଆଶୁ। ମହାପ୍ରଭୁଙ୍କ ଦର୍ଶନ ପୂର୍ବରୁ ଆରଟିଓ ନିକଟରେ ଥିବା ତାଙ୍କ ବନ୍ଧୁଙ୍କ ଘରକୁ ପରିବାର ସହିତ ଆଶୁ ଆସିଥିଲା। ଜଣେ ସମ୍ପର୍କୀୟଙ୍କ ସହ ନାବାଳକ ଜଣକ ମୃଦୁପାନୀୟ ପିଇବା ପାଇଁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଗାଡ଼ି ନାବାଳକକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରକୁ ପୁଲିସ ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ପରିବାର ଲୋକେ। ସେପଟେ ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡ଼ିକୁ ଜବତ ସହ ସମ୍ପୃକ୍ତ ଚାଳକକୁ ଅଟକ ରଖି ପଚରାଉଚରା କରୁଛି। ଶବ ବ୍ୟବଚ୍ଛେଦ ପରେ ନାବାଳକର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ସବୁଠାରୁ ବଡ଼କଥା ହେଉଛି ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡ଼ିଟି ଇଷ୍ଟକୋଷ୍ଟ ରେଲୱେର ବୋଲି ଜଣାପଡିଛି। ଗାଡ଼ି ଆଗରେ ଇଷ୍ଟକୋଷ୍ଟ ରେଲୱେ ଅନ୍ ଡ୍ୟୁଟି ଲେଖାଥିବା ବେଳେ ଗାଡ଼ିଟି ଦ୍ରୁତ ଗତିରେ ଆସୁଥିବା ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଛି ବୋଲି କହିଛନ୍ତି ପ୍ରତ୍ୟକ୍ଷଦର୍ଶୀ। ଏହି ଘଟଣାକୁ ନେଇ ଆରଟିଓ ରବିନ୍ ପଟ୍ଟନାୟକ କହିଛନ୍ତି ପୁଲିସ ଘଟଣାର ତଦନ୍ତ କରୁଛି। ବେପରୁଆ ଗାଡ଼ି ଚଳାଉଥିବା ବ୍ୟକ୍ତି ବିଶେଷଙ୍କ ଉପରେ ପୁରୀ ଆରଟିଓ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚେକିଙ୍ଗ କରାଯାଇ ଫାଇନ୍ ପକାଯାଉଛି। ସେହିପରି ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି ଯେ ପୁରୀ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକା ଲଗାଯାଇ ଚେକିଙ୍ଗ୍ କରାଯାଉଛି। ନାବାଳକ ମୃତ୍ୟୁ ଘଟଣାର ତଦନ୍ତ ଚାଲିଥିବା ବେଳେ ଖୁବଶୀଘ୍ର ଚାର୍ଜସିଟ୍ ପ୍ରସ୍ତୁତ କରାଯାଇ କୋର୍ଟରେ ଦାଖଲ କରାଯିବ।

### ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

## ‘ସହଭାଗିତା ଓ ଆନ୍ତରିକତା ନେଇ କାର୍ଯ୍ୟକଲେ ବିକଶିତ ଭାରତ ସ୍ୱପ୍ନ ସାକାର ହେବ’



**ଖୋର୍ଦ୍ଧା,୨୫।୪/ଏନ୍ଏନ୍ଏସ୍:** ଆଜି ଆମେ ଆମର ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ଦ୍ରୁତ ଗତିରେ ଏକ ବିକାଶଶୀଳ ଗ୍ରାମ, ପଞ୍ଚାୟତ, ଜିଲ୍ଲା, ରାଜ୍ୟ ଓ ଦେଶ ଗଠନ ପାଇଁ ଆମେ ଆଗେଇ ଚାଲିଛେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ସମସ୍ତ କୋଣ ଅନୁକୋଣରେ ଆଜି ସହଭାଗିତା, ସଚେତନତା ଓ ବିଚାର ଧାରାରେ ପରିବର୍ତ୍ତନ, ସାମୂହିକ ଉନ୍ନତିରେ ପରିବର୍ତ୍ତନ, ଜାତି, ଧର୍ମ ଲିଙ୍ଗ ଭିତ୍ତିରେ ସମସ୍ତଙ୍କ ଦାୟିତ୍ୱବୋଧ ରହିଛି। ଯଦି ପ୍ରକୃତ ଜନପ୍ରତିନିଧି କର୍ତ୍ତବ୍ୟନିଷ୍ଠ ହୁଏ ତେବେ ନିଦ ହଜିଯାଏ। ଉଦ୍ଦେଶ୍ୟ ମହତ ଥିଲେ ସବୁ କାର୍ଯ୍ୟ ସମ୍ପାଦନ ସହଜ ହୋଇଥାଏ। ଖୋର୍ଦ୍ଧା ଜିଲ୍ଲାରେ ୨୦ ହଜାର କୋଟି ଶିଳ୍ପ ବିକାଶ ପାଇଁ ନିୟୋଜିତ ହେଉଛି। ପ୍ରତ୍ୟେକ ନାଗରିକଙ୍କ ଜାତୀୟତା ଭାବ ରହିଲେ ରାଷ୍ଟ୍ର ବିକଶିତ ହୋଇ ପାରିବ। ବର୍ତ୍ତମାନ ସମସ୍ତ ନାଗରିକଙ୍କ ଆତ୍ମ ଅବଲୋକନ କରିବାର ସମୟ ଆସିଯାଇଛି। ଏଣୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଊର୍ଦ୍ଧ୍ୱକୁ ଯାଇ ସଚେତନତା, ସହଭାଗିତା ଏବଂ ଆନ୍ତରିକତା ନେଇ କାର୍ଯ୍ୟ କଲେ ବିକଶିତ ଭାରତ ବିକଶିତ ଖୋର୍ଦ୍ଧା ଏବଂ ରାମରାଜ୍ୟ ସ୍ୱପ୍ନ ସାକାର ହେବ ବୋଲି ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ସଦରମହକୁମା ହାବେଳୀ ପଡ଼ିଆରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବ ପ୍ରକାଶ କରିଛନ୍ତି।


ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ସମାରୋହରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀରାଣୀ ଗୁମାନ ସିଂହ ଯୋଗଦେଇ କହିଲେ ଯେ ଗାଁ ଓ ଗ୍ରାମ ପଞ୍ଚାୟତର ଉନ୍ନତିରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଂକୀର୍ଣ୍ଣତା ଭୁଲି କର୍ତ୍ତବ୍ୟ ଦାୟିତ୍ୱ ବୁଝି ଗ୍ରାମ ପଞ୍ଚାୟତ ଉନ୍ନତିରେ ସମସ୍ତେ ସାରଥୀ ହେବାକୁ ସେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି, ଜିଲ୍ଲା ପରିଷଦ ଗୋପୀନାଥ ମହାରଣା ଯୋଗଦେଇ କହିଲେ ଯେ ଶତକଡା ୮୦ ଭାଗ ଲୋକ ଗ୍ରାମରେ ରୁହନ୍ତି। ଏଣୁ ଗାଁର ବିକାଶ ହେଲେ ରାଷ୍ଟ୍ରର ବିକାଶ ହେବ। ସମ୍ମାନିତ ଅତିଥି ରୂପେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଆଜି ଜାତୀୟ ପଞ୍ଚାୟତିରାଜ ଦିବସରେ ନୂତନ ରାସନ କାର୍ଡ ବଣ୍ଟନ, ଅର୍ଥ କମିଶନ କାର୍ଯ୍ୟରେ ପାରଦର୍ଶିତା ଦେଖାଇଥିବା ପଞ୍ଚାୟତକୁ ସମ୍ମାନିତ କରିବା, ଲକ୍ଷପତି ଦିଦି, ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ କି କି କାର୍ଯ୍ୟକରିବାକୁ ଅଛି ସେଗୁଡ଼ିକର ସଠିକ୍ ମାର୍ଗରେ ଅନୁଧ୍ୟାନ କରି କାର୍ଯ୍ୟ ସମ୍ପାଦନ କଲେ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ସହଜରେ ସମାଧାନ କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ଯେ ପାଶ୍ଚାତ୍ୟ ସଭ୍ୟତାରେ ଗ୍ରାମ ସଭାର ମଧ୍ୟ ପରମ୍ପରା ଥିଲା। ଗ୍ରାମସଭା ହେଉଛି ତୃଣମୂଳସ୍ତରର ବିଧାନ ସଭା ସ୍ୱରୂପ। ପ୍ରତ୍ୟେକ ନାଗରିକ ଏବଂ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ସଚେତନ ଓ ଜାଗ୍ରତ ହେଲେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ଅଧିକରୁ ଅଧିକ ସରଳୀକରଣ ହୋଇପାରିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ଶ୍ରୀ ପ୍ରକାଶ ଚନ୍ଦ୍ର ସାମନ୍ତରାୟ କହିଲେ ଯେ ପଞ୍ଚାୟତର ବିକାଶ ହେଲେ ଓଡ଼ିଶାର ବିକାଶ ହେବ। ଶେଷରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ପଲାତୋଟାପଡ଼ା ଜିପିର ଭଗବାନ ଜେନା, କୁରଧମାଳ ଜିପିର ଜଗନ୍ ପ୍ରଧାନ, ଖୋର୍ଦ୍ଧା ପୌର ପରିଷଦ ଓ୍ୱାଡ ନ.୧ ର ଶୁଭାଶିଷ ଚାନ୍ଦ, ଓ୍ୱାର୍ଡ ନ.୧୩ର ସତ୍ୟଭାମା ବେହେରାଙ୍କୁ ଉତ୍ତରୀୟ ପ୍ରଦାନ ସ୍ୱରୂପ ମୁଖ୍ୟଅତିଥି ବିଧାୟକ ଶ୍ରୀ ଜଗଦେବ ରାସନ କାର୍ଡ ବଣ୍ଟନ ଶୁଭାରମ୍ଭ କରିଥିଲେ। ସେହିପରି ରାଜ୍ୟ ପଞ୍ଚମ ଅର୍ଥ କମିଶନର ସଦ୍ରୂପ ବିନିଯୋଗକରିଥିବା ୩୩ଟି ପଞ୍ଚାୟତକୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ସମ୍ମାନିତ କରିଥିଲେ। ଲକ୍ଷ ପତି ଦିଦି ଯୋଜନାରେ ସଂଗୀତା ଗୁମାନ ସିଂହ, ଦୀପାଞ୍ଜଳି ଛୋଟରାୟ, ଅନିତା ନରେନ୍ଦ୍ର, ଯମୁନା ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସୁଭଦ୍ରା ଯୋଜନାରେ ଅହଲ୍ୟା ସାହୁ, ତରୁଲତା ନାୟକ, ଗୌରୀ ଓଝା, ରଜନୀ ଜେନା, ମନୋରମା ଗୁମାନ ସିଂହ, ରେଖା ମହାପାତ୍ର, ଶ୍ରୀମନ୍ତି ମହାପାତ୍ର ଏବଂ ସବିତା ଶ୍ରୀଚନ୍ଦନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ, ଉପସଭାପତି ଗୋପୀନାଥ ମହାରଣା, ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟଙ୍କୁ ମୁଖ୍ୟଅତିଥି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଧନ୍ୟବାଦ୍ ଦେଇଥିଲେ।

ନିତି ଭାରତୀ | ନିରବତା ଏବଂ ଆତ୍ମସଂଯମ ହେଉଛି ଅହିଂସା । - ମହାବୀର ଜୈନ

NITIDIN
ନିତିଦିନ
ଶନିବାର, ୨୬ ଏପ୍ରିଲ୍, ୨୦୨୫

# ନ୍ୟାୟପାଳିକାର ସ୍ୱଚ୍ଛତା

ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବାସଗୃହରୁ ବିପୁଳ ପରିମାଣର ନଗଦ ଅର୍ଥ ମିଳିବା ଘଟଣାର ତଦନ୍ତ କରୁଥିବା ହିମାଚଳ ପ୍ରଦେଶ, ପଞ୍ଜାବ ଓ ହରିୟାନା ଏବଂ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ତଦନ୍ତ ଶେଷ କରି ନିଜ ନିଜ ଅଦାଲତ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଘଟଣାର ଆଭ୍ୟନ୍ତରୀଣ ତଦନ୍ତ ନିମନ୍ତେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଏହି ୩ ସଦସ୍ୟ ବିଶିଷ୍ଟ କମିଟି ନିଯୁକ୍ତ କରିଥିଲେ । ତେଣେ ବିଚାରପତି ବର୍ମା ଆହ୍ଲାବାଦ ହାଇକୋର୍ଟକୁ ବଦଳି ହୋଇ ଶପଥ ଗ୍ରହଣ କରିଛନ୍ତି । କିନ୍ତୁ ଅଦାଲତ କାର୍ଯ୍ୟରୁ ତାଙ୍କୁ ବାରଣ କରାଯାଇଛି । ସମଗ୍ର ଘଟଣାଟି ନ୍ୟାୟପାଳିକା ପ୍ରତି ସାଧାରଣରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରିଛି । ଧର୍ମଦଣ୍ଡ ଧରିଥିବା ହାଇକୋର୍ଟର ଜଣେ ବିଚାରପତିଙ୍କ ଘରୁ ଏତେ



**ସୌଭାଗ୍ୟ ସୁନ୍ଦରରାୟ**

ପରିମାଣର ଅର୍ଥ ଠାବ ହେବା ଘଟଣାକୁ ସାଧାରଣରେ ଭିନ୍ନ ଦୃଷ୍ଟିରେ ଦେଖାଯିବା ସ୍ୱାଭାବିକ । ଘଟଣାରେ ଅଦ୍ୟାବଧି ଏଫ୍‌ଆଇଆର ଦାୟର ହୋଇନାହିଁ । ଅତୀତରେ ମଧ୍ୟ ଏପରି କିଛି ଘଟଣା ଘଟିଛି ଯାହା ନ୍ୟାୟପାଳିକାର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଏହି ଘଟଣା ପରେ ସୁପ୍ରିମ୍‌କୋର୍ଟ ବିଚାରପତି ନିଜ ସଂପତ୍ତି ତାଲିକା ସାର୍ବଜନୀନ କରିଛନ୍ତି, ଯାହା ଏକ ଭଲ ସଙ୍କେତ ।

ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଜଣେ ସାମାଜିକ କର୍ମୀ ଭାବେ ଦେଶରେ ଜଣାଶୁଣା । ଏବେ ସେ ଅଧିକ ଲୋକଲୋଚନରେ ଅଛନ୍ତି ଅଦାଲତ ଅବମାନନା କାରଣ ପାଇଁ । ସୁପ୍ରିମ୍‌କୋର୍ଟ କାର୍ଯ୍ୟଧାରା ସଂପର୍କରେ ମନ୍ତବ୍ୟ ଦେଇ ଭୂଷଣ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ନ୍ୟାୟପାଳିକାର 'ସମ୍ମାନ ଓ ପ୍ରତିଷ୍ଠା'ର ସୁରକ୍ଷା ପାଇଁ ଦେଶର ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ସମ୍ବିଧାନ ପ୍ରଦତ୍ତ ଅଦାଲତ ଅବମାନନା କରି ଏକ ନିରଙ୍କୁଶ କ୍ଷମତା ରହିଛି, ତାହା ଏବେ ଦେଶବାସୀ ଜାଣି ପାରିଲେ । ଏହାଦ୍ୱାରା ଅଦାଲତ ପ୍ରତି ଜନସାଧାରଣଙ୍କ ଅନ୍ତତଃ ଭୟ ରହି ପାରିବ । ଏହି ଘଟଣାରେ ଦେଶର ସାଧାରଣ ନାଗରିକ ମଧ୍ୟ ଅଦାଲତ ଅବମାନନା କ'ଣ, ଏହା କେଉଁ କାରଣରୁ ହୁଏ, ସେ ସଂପର୍କରେ ଅବଗତ ହୋଇ ପାରିଲେ ।

ଏବେ ଆସିବା ଦୁଇ ବର୍ଷ ପୂର୍ବକୁ । ୨୦୧୮ ମସିହା ଜାନୁଆରୀ ମାସରେ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ଖୋଲିଖୋଲି ଅଭିଯୋଗ ଆଣିଲେ ସୁପ୍ରିମ୍‌କୋର୍ଟର ୪ ବରିଷ୍ଠ ବିଚାରପତି ଜେ ଚେଲାମେଶ୍ୱର, ରଞ୍ଜନ ଗୋଗୋଇ, ମଦନ ଲୋକୁର ଓ କୁରିଏନ ଜୋସେଫ । ଏମାନଙ୍କର ଅଭିଯୋଗ ଥିଲା ବରିଷ୍ଠତା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକୁ ସେମାନଙ୍କୁ ଦିଆଯାଉ ନାହିଁ । ମାମଲା ଆବଣ୍ଟନରେ ପକ୍ଷପାତିତା କରାଯାଉଛି । ନିଜକୁ ସୁହାଇଲା ପରି କନିଷ୍ଠ ବିଚାରପତିଙ୍କୁ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ପାଇଁ ପ୍ରଦାନ କରାଯାଉଛି । ସାମ୍ବାଦିକ ସମ୍ମିଳନୀରେ ୪ ବରିଷ୍ଠ ବିଚାରପତିଙ୍କ ଏହି ଖୋଲାଖୋଲି ଅଭିଯୋଗକୁ ସେତେବେଳେ ଅସାଧାରଣ ବୋଲି କୁହାଗଲା । ଏହି ଘଟଣା ପରିପ୍ରେକ୍ଷୀରେ ପ୍ରଧାନ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଧ୍ୟ ଆସିଲା । ସେହି ବର୍ଷ ନଭେମ୍ବରରେ ଜଷ୍ଟିସ ଜୋସେଫ କୁରିଏନ ଅବସର ଗ୍ରହଣ କରିବା ଦିନ ପୁଣିଥରେ 'ବ୍ୟବସ୍ଥାରେ ସ୍ୱଚ୍ଛତା' ଓ 'ମହତ୍ ଉଦ୍ଦେଶ୍ୟ' ନେଇ ପୂର୍ବ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା ବୋଲି କହିଥିଲେ । ଏହି ଘଟଣାରେ କାହାରି ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଆସିପାରି ନଥିଲା ।

ଏହି ଘଟଣା ପରେ ନ୍ୟାୟପାଳିକାରେ ସବୁକିଛି ଠିକ୍ ଚାଲିନାହିଁ ବୋଲି ସେ ଦେଶବାସୀଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା । ସେହି ବର୍ଷ ଜୁନ୍ ମାସରେ ଅବସର ଗ୍ରହଣ କରିଥିବା ଚେଲାମେଶ୍ୱର ମଧ୍ୟ ଅବସର ଗ୍ରହଣ ଦିନ ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ବିଚାରପତି ନିଯୁକ୍ତିରେ ସ୍ୱଚ୍ଛତା ନଥିବା କହିବା ସହ ଦେଶବାସୀଙ୍କୁ ସମସ୍ତ ବିଷୟ ଜଣାଇବା ପାଇଁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା ବୋଲି ସ୍ପଷ୍ଟୀକରଣ ଛଳରେ କହିଥିଲେ ।

ସେହି ବର୍ଷ ସିବିଆଇର ବରିଷ୍ଠ ଅଧିକାରୀଙ୍କୁ ନେଇ ବିଚାରପତିଙ୍କ ମଧ୍ୟରେ ମତଭେଦ ଦେଖା ଦେଇଥିଲା । ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କ ମଧ୍ୟରେ ବିବାଦ ଯୋଗୁଁ ସରକାର ଉଭୟଙ୍କୁ ନିଜ ପଦବୀରୁ ଅପସାରିତ କଲେ । ଏହା ବିରୁଦ୍ଧରେ ଅନୀଲ ବର୍ମା ସୁପ୍ରିମ୍‌କୋର୍ଟ ଗଲେ । ଅଦାଲତ ତାଙ୍କ ଅପସାରଣ ଉପରେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରହିତାଦେଶ ଜାରି କରି ଏ ସଂପର୍କରେ ନିଯୁକ୍ତି କମିଟି ନିଷ୍ପତ୍ତି ଗ୍ରହଣ କରିବ ବୋଲି କହିଲେ । ନିଯୁକ୍ତି କମିଟି ବସିଲା, କିନ୍ତୁ ପ୍ରଧାନ ବିଚାରପତି କମିଟିକୁ ନଯାଇ ଅନ୍ୟତମ ବିଚାରପତି ଏକେ ସିକ୍ରିଙ୍କୁ ପଠାଇଲେ । କମିଟି ୨:୧ ମତରେ ସିବିଆଇ ମୁଖ୍ୟ ଅନୀଲ ବର୍ମାଙ୍କୁ ହଟାଇ ମଧ୍ୟବର୍ତ୍ତୀ ନିର୍ଦ୍ଦେଶକ ଭାବେ ନାଗେଶ୍ୱର ରାଓଙ୍କୁ ଅବସ୍ଥାପିତ କରିଥିଲେ । ସିବିଆଇ ମୁଖ୍ୟଙ୍କୁ ହଟାଇବା ସପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ସହ ଜଷ୍ଟିସ ସିକ୍ରି ଭୋଟ୍ ଦେଇଥିଲେ । କିନ୍ତୁ ଏହାକୁ ଖୋଲା ବିରୋଧ କଲେ ଅବସରପ୍ରାପ୍ତ ସୁପ୍ରିମ୍‌କୋର୍ଟ ବିଚାରପତି ଅଙ୍ଗନ କୁମାର ପଟ୍ଟନାୟକ । ଉଭୟ ଅନୀଲ ଓ ଆସ୍ଥାନଙ୍କ ବିରୋଧରେ ସିଭିସି ଯେଉଁ ତଦନ୍ତ କରୁଥିଲେ, ତାହାର ତଦାରଖ ଦାୟିତ୍ୱ ଜଷ୍ଟିସ ପଟ୍ଟନାୟକଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଅନୀଲ ବର୍ମାଙ୍କ ବିରୋଧରେ ଆଗତ ଅଭିଯୋଗର ତଦନ୍ତ କରି ସିଭିସି ଯେଉଁ ରିପୋର୍ଟ ଦେଇଛନ୍ତି ତାହାର ଆବଶ୍ୟକ ତର୍ଜମା ନକରି ଅନୀଲ ବର୍ମାଙ୍କୁ ହଟାଇବା ନେଇ ତରବରିଆ ନିଷ୍ପତ୍ତି ନିଆଯାଇଛି ବୋଲି ଜଷ୍ଟିସ ପଟ୍ଟନାୟକ କହିଲେ । ଏହି ଅଭିଯୋଗ ଆସିବା ଫଳରେ ପରବର୍ତ୍ତୀ ସମୟରେ ରାଜ୍ୟ ଗୋଷ୍ଠୀ ଆର୍ବିଟ୍ରେସନାଲ ଟ୍ରିବ୍ୟୁନାଲକୁ ପଠାଇବା ନେଇ ସରକାରଙ୍କ ପ୍ରସ୍ତାବରୁ ସିକ୍ରିଙ୍କୁ ଓହରିବାକୁ ପଡ଼ିଥିଲା । କାରଣ ପ୍ରସ୍ତାବିତ ନୂଆ ନିଯୁକ୍ତିକୁ ସରକାରୀ ଅନୁକମ୍ପା ବୋଲି ବିବେଚନା କରାଗଲା । ପରେ ପରେ ନାଗେଶ୍ୱର ରାଓଙ୍କ ନିଯୁକ୍ତିକୁ ବିରୋଧ କରି ଆଗତ ମାମଲା ଶୁଣାଣିରୁ ମଧ୍ୟ ସେ ଓହରି ଗଲେ । ପୂର୍ବରୁ ଏହି ମାମଲାରୁ ପ୍ରଧାନ ବିଚାରପତି ମଧ୍ୟ ଓହରି ଥିଲେ । ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାମଲାରୁ ୨ ଜଣ ବିଚାରପତି ଓହରିବା ଅସ୍ୱାଭାବିକ ଥିଲା । ଏ କ୍ଷେତ୍ରରେ କିଛି ଗୁପ୍ତ ଉଦ୍ଦେଶ୍ୟ ବା ବାହ୍ୟ ଚାପ ରହୁଥିବା ମନେ କରାଯାଇଥିଲା । ଯେଉଁ ଅଦାଲତ ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳ ୨ ବର୍ଷ ଧାର୍ଯ୍ୟ କଲେ, ସେହି ଅଦାଲତ ଧାର୍ଯ୍ୟ ସମୟ ପୂର୍ବରୁ ସିବିଆଇ ମୁଖ୍ୟଙ୍କୁ ହଟାଇବା ପାଇଁ କିପରି ଏକ ଗଳାବାଟ ପ୍ରସ୍ତୁତ କଲେ ? ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀର ମନୋନୟନ କମିଟିକୁ ପ୍ରଧାନ ବିଚାରପତି ନିଜେ ନଯାଇ ପ୍ରତିନିଧି ପଠାଇବା ଆଦୌ ସ୍ପୃହଣୀୟ ହେଲାନାହିଁ । ଏହି ଘଟଣା ନ୍ୟାୟପାଳିକାର ସାଧୁତା ଓ ନିରପେକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ।

ସେହିପରି ସୁପ୍ରିମ୍‌କୋର୍ଟରେ ଥିବା ଅଯୋଧ୍ୟା ମାମଲାକୁ ଆସିବା । ଏହି ବେଞ୍ଚରେ ଥିବା ଜଷ୍ଟିସ ୟୁୟୁ ଲଳିତ ବାବ୍ରି ମସଜିଦ୍ ଭଙ୍ଗା ଘଟଣାରେ ଉତ୍ତରପ୍ରଦେଶର ବିଜେପି ସରକାରଙ୍କ ପକ୍ଷରୁ ଓକିଲାତି କରିଥିଲେ । ପରେ ସେ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ସୁପ୍ରିମ୍‌କୋର୍ଟର ଅଯୋଧ୍ୟା ମାମଲା ଶୁଣାଣି ଆରମ୍ଭରେ ଓକିଲ ଏ ବିଷୟରେ ଦୃଷ୍ଟି ଆକର୍ଷଣ କରିବାରୁ ସେ ଶୁଣାଣିରୁ ଓହରି ଯାଇଥିଲେ । ଅଯୋଧ୍ୟା ମାମଲାରେ ପୂର୍ବରୁ ସେ ପକ୍ଷଭୁକ୍ତ ଓକିଲ ଥିଲେ ବୋଲି କ'ଣ ଜଷ୍ଟିସ ଲଳିତଙ୍କର ମନେ ନଥିଲା ? ଏହି ମାମଲା ଶୁଣାଣି ପାଇଁ ବେଞ୍ଚ୍ ଗଠନ ସମୟରେ ଏଥିରୁ ସେ ଓହରି ପାରିଥାନ୍ତେ । କିନ୍ତୁ ଘଟଣା ସାର୍ବଜନୀନ ଭାବେ ଜଣା ପଡ଼ିବା ପରେ ମାମଲାରୁ ଓହରି ଥିଲେ । ଏହା ଦେଶବାସୀଙ୍କୁ ନକରାତ୍ମକ ସଙ୍କେତ ପ୍ରଦାନ କରିଥିଲା ।


ଉପରୋକ୍ତ ଘଟଣାଗୁଡ଼ିକରୁ ଏକଥା ପ୍ରତିଫଳିତ ହୋଇଛି ଯେ ଦେଶର ନ୍ୟାୟପାଳିକାରେ ସବୁକିଛି ଠିକ୍ ଚାଲିନାହିଁ । ଏ ପ୍ରକାର କେତେଗୁଡ଼ିଏ ପ୍ରସଙ୍ଗକୁ ନେଇ ଟ୍ୱିଟ୍ କରିବା ଯୋଗୁଁ ଅତୀତରେ ପ୍ରଶାନ୍ତ ଭୂଷଣ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଜଷ୍ଟିସ ବର୍ମାଙ୍କ ତଦନ୍ତ ରିପୋର୍ଟ ତୁରନ୍ତ ସାର୍ବଜନୀନ ହେବା ଆବଶ୍ୟକ । ଏଥି ସହ ଆଭ୍ୟନ୍ତରୀଣ ତଦନ୍ତ ବ୍ୟତିରେକେ ଘଟଣାର ଏକ ସ୍ୱାଧୀନ ତଦନ୍ତ ହୋଇ ପାରିଲେ ନ୍ୟାୟପାଳିକା ଲୌହ ପରଦା ଆବରଣରୁ ମୁକ୍ତ ହୋଇ ପାରନ୍ତା ।



**ବରିଷ୍ଠ ସାମ୍ବାଦିକ, ମୋ: ୯୪୩୭୨୨୯୨୩୩**

# ଗୁଜବ, ଗଣ ଆଚରଣ ଓ ଗଣମାଧ୍ୟମ

ଗୁଜବ ହେଲା ଏମିତି ଖବର, ଯାହା ଅସମର୍ଥିତ । ଯାହା ସତ୍ୟ ହୋଇପାରେ, ନ ହୋଇପାରେ । ସତ୍ୟର ଛିଟା ଥାଇ କଳ୍ପନା ହୋଇଥାଇ ପାରେ ବା ସମ୍ପୂର୍ଣ୍ଣ କଳ୍ପନା-ପ୍ରସୂତ ହୋଇଥାଇ ପାରେ । ଏହା କୌତୁକରେ ରଚନା କରାଯାଇ ଥାଇପାରେ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ । ଗଣଯୋଗାଯୋଗ ବିଶେଷଜ୍ଞମାନଙ୍କ ମତରେ, ଯେ କୌଣସି ସମାଜରେ ଗୁଜବ ରଚନା ହେଇପାରେ । ସଠିକ୍ ଏବଂ ବିଶ୍ୱସନୀୟ



**ଡ. ମୃଣାଳ ଚାଟାର୍ଜୀ**

ସୂତ୍ରରୁ ସମର୍ଥିତ ତଥ୍ୟ ଲୋକଙ୍କ ପାଖରେ ଶୀଘ୍ର ଏବଂ ଠିକ୍ ସମୟରେ ନ ପହଞ୍ଚିଲେ ଗୁଜବ ଅଧିକ ବ୍ୟାପେ ଏବଂ ଏପରି ସ୍ଥିତିରେ ଗୁଜବ ଉପରେ ଲୋକ ଅଧିକ ବିଶ୍ୱାସ ବି କରନ୍ତି ।

ଗୁଜବ ପ୍ରେକ୍ଷୀରେ ଗଣ ଆଚରଣ: ଗୁଜବ ପ୍ରେକ୍ଷୀରେ ଗଣ ଆଚରଣର କେତେଗୁଡ଼ିଏ ସୋପାନ ରହିଛି । ପ୍ରଥମ ହେଲା, ଗୁଜବର ବିସ୍ତାର ଓ ବିଶ୍ୱସନୀୟତା । ଗୁଜବଟି କ'ଣ, କେଉଁ ମାଧ୍ୟମ ଏବଂ ସମାଜର କେଉଁ ବର୍ଗରୁ ଆସୁଛି, ସମାଜର ବର୍ତ୍ତମାନ ସ୍ଥିତି - ଏ ସବୁକିଛି ଉପରେ ଏହାର ବିଶ୍ୱସନୀୟତା ନିର୍ଭର କରୁଛି । ବିଶ୍ୱସନୀୟ ଗଣମାଧ୍ୟମ ଏହା ବିଷୟରେ କଣ କହୁଛନ୍ତି- ତାହା ମଧ୍ୟ ଏକ ଫାକ୍ଟର ।

ଗୁଜବ ଯଦି ବିଶ୍ୱସନୀୟ ନ ହେଲା, ତେବେ ଖୁବ୍ ଶୀଘ୍ର ଏହା ଜନମାନସରୁ ପୋଛି ହୋଇଯିବ । କିନ୍ତୁ ଗୁଜବଟି ଯଦି କୌଣସି କାରଣରୁ (ତାହା ସତ୍ୟ ହେଉ ବା ନ ହେଉ) ବିଶ୍ୱସନୀୟ ହେଲା, ତେବେ ଲୋକେ ଏଥିକୁ ପ୍ରତିକ୍ରିୟା ପ୍ରକାଶ କରିବେ । ଯଦି ଗୁଜବଟି କୌଣସି ବ୍ୟକ୍ତି, ଜାତି, ଗୋଷ୍ଠୀ ବା ସମ୍ପ୍ରଦାୟ ବିରୁଦ୍ଧରେ ହିଂସାର ଅଭିଯୋଗ-କୈନ୍ଦ୍ରିକ ହୁଏ, ତେବେ ଏହା ଏକ ଉନ୍ମାଦନା ଏବଂ ତା' ପରେ ଗଣ ବିକାର ସୃଷ୍ଟି କରିପାରେ । ଗଣ ବିକାରକୁ ଇଂରାଜୀରେ 'ମାସ୍ ହିଷ୍ଟିରିଆ' କୁହାଯାଏ । ଗଣ ବିକାର ହେଲା, ଏକ ପ୍ରକାର ଭାବାବେଗପୂର୍ଣ୍ଣ ଆଚରଣ, ଯାହା ସହିତ ବୁଦ୍ଧି ଓ ଯୁକ୍ତିର ସମ୍ପର୍କ ଖୁବ୍ କମ୍ । ଏ ଆଚରଣ ଏକା ସାଙ୍ଗରେ ଅନେକ ଲୋକଙ୍କ ଭିତରେ ଦେଖାଯାଏ । ଭାବାବେଗରେ ନିଜକୁ ଭସେଇ ଦେଲେ ମଣିଷ ଏ ପ୍ରକାର ଗଣ ବିକାରଗ୍ରସ୍ତ ଅବସ୍ଥା ଭୋଗେ । ଗଣ ବିକାର ହେଲେ ମଣିଷ ଭିତରେ ପ୍ରବଳ ଉତ୍ତେଜନା ଦେଖାଯାଏ ଏବଂ ସେ ଉତ୍ତେଜନାର ବଶବର୍ତ୍ତୀ ହୋଇ ଏପରି କାର୍ଯ୍ୟ କରିବସେ, ଯାହା ହୁଏତ ସାଧାରଣ ଅବସ୍ଥାରେ ସେ କରିପାରି ନଥାନ୍ତା । ଦଙ୍ଗା ବେଳେ ଅତ୍ୟନ୍ତ ସାଧାରଣ ଶାନ୍ତିକାମୀ ମଣିଷ ବି ଅତ୍ୟନ୍ତ ହିଂସ୍ର ହୋଇଉଠେ, ତାହା ଏଇଥି ପାଇଁ ।

ଗୁଜବର ବିସ୍ତାର: ଗୁଜବ ମଣିଷ ସଭ୍ୟତାର ଆରମ୍ଭରୁ ରହିଛି । ଏବେ ତଥ୍ୟ ସଂପ୍ରସାରଣର ମାଧ୍ୟମଗୁଡ଼ିକ ଦ୍ରୁତ । ବିଶେଷକରି ଇଣ୍ଟରନେଟ୍‌ଭିତ୍ତିକ ସାମାଜିକ ଗଣମାଧ୍ୟମ ପାଇଁ ବିଶ୍ୱବ୍ୟାପି ତଥ୍ୟ ସଂପ୍ରସାରଣ ତତ୍‌କ୍ଷଣାତ୍ ହୋଇ ଯାଉଛି । ତେଣୁ ଗୁଜବଟି ସଂପ୍ରସାରିତ ହେବା ପାଇଁ ବେଶି ସମୟ ଲାଗୁନାହିଁ । ଆଉ ଲୋକ କେତେକ ପରିସ୍ଥିତିରେ ସତ୍ୟଠୁ ଗୁଜବ ଉପରେ ବେଶି ବିଶ୍ୱାସ କରନ୍ତି । କେତେକ କୁହନ୍ତି, 'ସତ୍ୟ ଯେତେବେଳେ ଜୋତାରେ ପାଦ ପୂରାଉଛି, ଗୁଜବ ସେତେବେଳେ ସାରା ଦୁନିଆ ବୁଲି ସାରିଲାଣି ।' ଗୋଟେ ପରିସଂଖ୍ୟାନ କୁହେ, ସତ୍ୟଠୁ ଗୁଜବ ଅନ୍ତତଃ ୮ ଗୁଣ ଅଧିକ ବେଗରେ ଧାବମାନ ହୁଏ । ବିଭିନ୍ନ ଦେଶରେ ଏ ଗୁଜବ ବର୍ତ୍ତମାନ ସାମାଜିକ ଏବଂ ଆଇନ ଶୃଙ୍ଖଳାଗତ ସମସ୍ୟା ସୃଷ୍ଟି କରୁଛି ।

ଭାରତର ବିଭିନ୍ନ ପ୍ରାନ୍ତରେ ୨୦୧୮ ମେ', ଜୁନ୍ ମାସରେ ପିଲା ଚୋରିର ଗୁଜବ ପ୍ରସାରିତ ହେଲା । ଲୋକେ ପିଟି ପିଟି ଅନ୍ତତଃ ୧୯ ଜଣଙ୍କୁ ହତ୍ୟା କଲେ । ତା' ପୂର୍ବରୁ ଉତ୍ତରପୂର୍ବ ପ୍ରଦେଶଗୁଡ଼ିକର ପିଲାମାନଙ୍କୁ ଦକ୍ଷିଣ ଭାରତର ବିଭିନ୍ନ ସହରରେ ପିଟାମରା କରାଯାଉଛି- ଏ ଗୁଜବ ଚାରିଆଡ଼େ ବିଛେଇ ହୋଇଗଲା । ତା' ଫଳରେ ହଜାର ହଜାର ସେଠି କାମ କରୁଥିବା ଉତ୍ତରପୂର୍ବର ଲୋକମାନେ ଫେରି ଆସିବା ପାଇଁ ଚାହୁଁଥିଲେ । ସେହି ସମୟରେ ବେଶ୍ କିଛି ଅସୁବିଧା ହେଲା ।

ମାଇକ୍ରୋସଫ୍ଟର ଏକ ରିପୋର୍ଟ କହୁଛି, ଭାରତରେ ୫୪ ପ୍ରତିଶତ ଲୋକ ଗୁଜବର ଶିକାର ହୁଅନ୍ତି । ସାରା ପୃଥିବୀରେ ଏ ସଂଖ୍ୟା ୫୦ ଶତାଂଶ ପାଖାପାଖି । ବିଭିନ୍ନ ଦେଶରେ ଏହା ହେଉଛି । ଗୁଜବ ଏବଂ ଏହାଦ୍ୱାରା ଉତ୍ତେଜିତ ଗଣ ଆଚରଣ ଫଳରେ ସମାଜରେ ବଡ଼ ସମସ୍ୟା ସୃଷ୍ଟି ହେଉଛି ।

ଏ କ୍ଷେତ୍ରରେ ଗଣମାଧ୍ୟମର ଏକ ବଡ଼ ଭୂମିକା ରହିଛି । ତା'ର କାରଣ, ଗଣମାଧ୍ୟମ ସତ୍ୟକୁ ଅନୁସନ୍ଧାନ କରି କେଉଁଟା ଠିକ୍, କେଉଁଟା ଭୁଲ୍, କେଉଁଟି ସତ୍ୟ- ସେଇଟା ଲୋକମାନଙ୍କ ସାମ୍ନାକୁ ଆଣି ପାରିବ ଏବଂ ଗଣମାଧ୍ୟମ ହିଁ ତାହା କରି ପାରିବ । କାରଣ, ଗଣମାଧ୍ୟମରେ ଯାହା କୁହାଯାଉଛି, ତା' ଉପରେ ଲୋକମାନଙ୍କର ଏ ପର୍ଯ୍ୟନ୍ତ ବିଶ୍ୱାସ ରହିଛି । ସାମାଜିକ ଗଣମାଧ୍ୟମରେ ଯେଉଁ ଗୁଜବ ଯାଉଛି, ତା'ର ସତ୍ୟାସତ୍ୟ ଅନୁସନ୍ଧାନ କରିବା ପାଇଁ ଉପାୟ ରହିଛି, ସଫ୍ଟୱେର ରହିଛି, ପ୍ରକ୍ରିୟା ରହିଛି । କିନ୍ତୁ ସମସ୍ୟାଟା ହେଉଛି, ଏ ପ୍ରକ୍ରିୟାରେ ସତ୍ୟଟା ଜାଣିବା କିଛିଟା ସମୟସାପେକ୍ଷ । ସେଇ ସମୟ ଭିତରେ ଗୁଜବ ତା'ର କାମ କରି ସାରିଥାଏ ।

ତେଣୁ ଗୁଜବକୁ ରୋକିବା ପାଇଁ ଉଭୟ ଜନସାଧାରଣ ଏବଂ ଗଣମାଧ୍ୟମ ଆହୁରି ସଚେତନ ଓ ସକ୍ରିୟ ଭାବେ କାମ କରିବା ଦରକାର । ଜନସାଧାରଣ ଗୁଜବକୁ ବିଶ୍ୱାସ ନ କରିବା ପାଇଁ ନିଜର ସାଧାରଣ ବୁଦ୍ଧି ପ୍ରୟୋଗ କରିବା ଦରକାର । ଆଉ ଗଣମାଧ୍ୟମ କେତେ ଶୀଘ୍ର ସତ୍ୟକୁ ସାମ୍ନାକୁ ଆଣିହେବ, ସେ ଦିଗରେ ଆହୁରି ଚିନ୍ତା ଏବଂ ଚେଷ୍ଟା କରିବା ଦରକାର ।

**ସଂଚାର ମାର୍ଗ, ଢେଙ୍କାନାଳ**

## ସମ୍ପାଦକଙ୍କୁ ପତ୍ର

# ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବାର ସମୟ ଆସିଛି

ମଙ୍ଗଳବାର ଦିନ ଜାମ୍ମୁ କାଶ୍ମୀରର ପହଲଗାଓଁ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଚିନ୍ତାର ବିଷୟ । ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତ ଗସ୍ତରେ ଅଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦି ଆରବ ଗସ୍ତରେ ଅଛନ୍ତି । ଆତଙ୍କବାଦୀମାନେ ସେନା ଏବଂ ପୁଲିସ ପରି ପୋଷାକ ପିନ୍ଧିଥିଲେ । ସେମାନଙ୍କ ସମସ୍ତଙ୍କ ପାଖରେ (ଏକେ -୪୭) ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଥିଲା । ଆତଙ୍କବାଦୀ ଆକ୍ରମଣ ପରେ ସାମ୍ନାକୁ ଆସିଥିବା ଭିଡିଓରୁ ସ୍ପଷ୍ଟ ହୋଇଛି ଯେ ସଶସ୍ତ୍ର ଆକ୍ରମଣକାରୀମାନେ ନାମ ପଚାରି ଗୁଳି ଚଳାଇ ଥିଲେ । ଏହା କେବଳ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ପର୍ଯ୍ୟଟନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ମଧ୍ୟ ଆକ୍ରମଣ । ନିର୍ବାଚିତ ସରକାର କ୍ଷମତାକୁ ଆସିବା ପରେ ଦେଖା ଯାଉଥିଲା ଯେ କାଶ୍ମୀରର ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି । କିନ୍ତୁ ମଝିରେ ମଝିରେ ବିକ୍ଷିପ୍ତ ଆତଙ୍କବାଦୀ ଘଟଣା ସୂଚାଉ ଥିଲା ଯେ ଆତଙ୍କବାଦୀମାନେ ସୁଯୋଗ ଖୋଜୁଛନ୍ତି । ସମ୍ପ୍ରତି ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନୀରଙ୍କ ବୟାନ ମଧ୍ୟ ଆତଙ୍କବାଦୀଙ୍କ ମନୋବଳକୁ ବୃଦ୍ଧି କରିଛି । ସେ କାଶ୍ମୀରକୁ ପାକିସ୍ତାନର 'ଗଳାର ଶିରା' ବୋଲି ବର୍ଣ୍ଣନା କରିଥିଲେ । ହିନ୍ଦୁମାନଙ୍କ ବିରୁଦ୍ଧରେ ଘୃଣା ଭାଷଣ ଦେବା ସମୟରେ ସେ 'ଦ୍ୱିତୀୟ ରାଷ୍ଟ୍ର ତତ୍ତ୍ୱ'ର ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ପାକିସ୍ତାନୀମାନେ ଭୁଲିଯିବା ଉଚିତ୍ ନୁହେଁ ଯେ ଆମେ ସେମାନଙ୍କଠାରୁ ଭିନ୍ନ । ଅନେକ ସ୍ଥାନରେ ଦୁଃଖ ଏବଂ ବିଦ୍ରୋହର ସମ୍ମୁଖୀନ ହେଉଥିବା ପାକିସ୍ତାନର ଏକତା ରଖିବା ପାଇଁ, ଜେନେରାଲ ମୁନୀର ଘୃଣାତ୍ମକ ଭାଷଣ ଦେବାର ଆବଶ୍ୟକତା ଅନୁଭବ କରିଥିବେ, କିନ୍ତୁ ପାକିସ୍ତାନର ଏକ ବଡ଼ ଗୋଷ୍ଠୀ ତାଙ୍କ କଥା ସହ ସହମତ ନ ହୋଇ ପାରନ୍ତି । ଏହା ସତ୍ତ୍ୱେ, ଜେନେରାଲ ମୁନୀରଙ୍କ କଥାରୁ ମୌଳବାଦୀମାନେ ନିଶ୍ଚିତ ଭାବରେ ଶକ୍ତି ପାଇଥିବେ ଏବଂ ସେମାନେ ଭାରତ ବିରୁଦ୍ଧରେ ପ୍ରକ୍ସି ଯୁଦ୍ଧକୁ ତୀବ୍ର କରିବା ପାଇଁ ଜଣାଶୁଣା ଜେନେରାଲ ମୁନୀରଙ୍କ ବୟାନ ଯୋଗୁଁ ଆତଙ୍କବାଦୀଙ୍କ ସାହସ ନିଶ୍ଚିତ ଭାବରେ ବୃଦ୍ଧି ପାଇଛି, ଯାହାର ପ୍ରମାଣ ହେଉଛି କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ । ପ୍ରକୃତରେ ବାଂଲାଦେଶରେ ବିଦ୍ରୋହ ଏବଂ ସେଠାରେ ଭାରତ ବିରୋଧୀ ଭାବନା ବୃଦ୍ଧି ପରେ, ପାକିସ୍ତାନର ମନ୍ଦ ଆଖିରେ ଚମକ ଦେଖାଯାଉଛି । ଏହା ଅନୁଭବ କରୁଛି ଯେ ଏବେ ଏହାକୁ ବାଂଲାଦେଶର ମଧ୍ୟ ସମର୍ଥନ ମିଳିବ । ପାକିସ୍ତାନ ପୂର୍ବରୁ ଚୀନ୍ ସହିତ ସମ୍ପର୍କ ମଜଭୁତ କରି ଆମେରିକାର ଅନୁପସ୍ଥିତି ପୂରଣ କରିବାରେ ନିୟୋଜିତ ଅଛି । କାଶ୍ମୀର ଦଖଲ କରିବା ସହିତ ଏହା ୧୯୭୧ର ପ୍ରତିଶୋଧ ନେବା ପାଇଁ ଭାରତରେ ଅଶାନ୍ତି ପ୍ରସାର କରିବାକୁ ଏକ ନୂତନ ପ୍ରୟାସ କରି ପାରିବ । ଏହା ସ୍ପଷ୍ଟ ହୋଇଯାଇଛି ଯେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ସହିତ ଭାରତରେ ଧାର୍ମିକ ବିଚ୍ଛେଦ ସୃଷ୍ଟି କରିବାକୁ ଚାହୁଁଛି । ପାକିସ୍ତାନର ଏହି କୁକର୍ମକୁ ବୁଝି ଦେଶରେ ଶାନ୍ତି ବଜାୟ ରଖିବା ପ୍ରଥମ ପ୍ରାଥମିକତା ହେବା ଉଚିତ । ଦେଶର ବାତାବରଣ ଯେପରି ଖରାପ ନ ହୁଏ, ତାହା ସୁନିଶ୍ଚିତ କରିବା ସମସ୍ତ ସମ୍ପ୍ରଦାୟର ଦାୟିତ୍ୱ । ସରକାର ନିଶ୍ଚିତ ଭାବରେ ଆତଙ୍କବାଦୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସୁରକ୍ଷା ଏଜେନ୍ସିଗୁଡ଼ିକ ସଜାଗ ଅଛନ୍ତି ଏବଂ ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ପାଇଁ ଯଥା ସମ୍ଭବ ପ୍ରୟାସ କରାଯିବ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସମଗ୍ର ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏହି ସମ୍ବେଦନଶୀଳ ମୁହୂର୍ତ୍ତରେ ସମସ୍ତ ରାଜନୈତିକ ଦଳକୁ ଏକତା ଦେଖାଇବାକୁ ପଡ଼ିବ । ପାକିସ୍ତାନର ଯୋଜନାକୁ ବିଫଳ କରିବା ଏବଂ ତାକୁ ଉଚିତ ଜବାବ ଦେବା ପାଇଁ ଏକ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ ।

**ମାନସ କୁମାର କର**
**କୋଟାଙ୍ଗ, କୋଣାର୍କ**

# କୂଟନୀତିକ ଲଢ଼େଇ

ମଙ୍ଗଳବାର ଦିନ ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀମାନଙ୍କ ଆକ୍ରମଣ ଓ ସେମାନଙ୍କ ଗୁଳିରେ ୨୬ ଜଣଙ୍କ ପ୍ରାଣହାନି ପ୍ରତି ଭାରତୀୟଙ୍କୁ ଗଭୀର ଭାବରେ ମର୍ମାହତ କରିଛି । ତୀବ୍ର ପ୍ରତିକ୍ରିୟାଶୀଳ କରିଛି ପାକ୍-ସମର୍ଥିତ ଆତଙ୍କୀଙ୍କ ପ୍ରତି; ପାକିସ୍ତାନ ପ୍ରତି, କାରଣ ଏହି ଆକ୍ରମଣ ହେଉଛି ସମ୍ଭବତଃ ଏକ ଶତାବ୍ଦୀର ତିନି ଭାଗରୁ ଭାଗେ ସମୟ ଭିତରେ ସର୍ବାଧିକ ଭୟାବହ ଆକ୍ରମଣ । ପରିଣତିରେ ଭାରତ ପ୍ରତିଶୋଧ ପରାୟଣ ହେବାକୁ ଏକ ପ୍ରକାର ବାଧ୍ୟ ହୋଇଛି । ଆଉ ଏହି କାରଣରୁ ବୁଧବାର ଦିନ ଭାରତ ୧୯୬୦ ମସିହାରେ ହୋଇଥିବା ଇଣ୍ଡସ ୱାଟର ଟ୍ରିଟି ବା ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତିରେ ଅଂଶଗ୍ରହଣକୁ ବାତିଲ କରିଛି, ଦୁଇ ଦେଶ ମଧ୍ୟରେ ଚଳପ୍ରଚଳ ନିମନ୍ତେ ଉନ୍ମୁକ୍ତ ରଖା ଯାଇଥିବା ଏକମାତ୍ର ୱାଘା-ଅଟ୍ଟାରୀ ସୀମାକୁ ବନ୍ଦ କରିଛି, ନୂଆଦିଲ୍ଲୀରେ ଏହାର ହାଇ କମିଶନଠାରୁ ପାକିସ୍ତାନର ସାମରିକ ସମ୍ପର୍କକୁ ବହିଷ୍କାର କରିଛି, ଏବଂ ନୂଆଦିଲ୍ଲୀ ଓ ଇସଲାମାବାଦଠାରେ ଥିବା ଏହାର କୂଟନୀତିକ ଉପସ୍ଥିତିକୁ ଛିନ୍ନ କରିଛି । ଆହୁରି ମଧ୍ୟ ନୂଆଦିଲ୍ଲୀ ସ୍ୱତନ୍ତ୍ର ଭିସା ବଳରେ ଭାରତ ଆସିଥିବା ପାକିସ୍ତାନୀମାନଙ୍କୁ ୪୮ ଘଣ୍ଟା ଭିତରେ ଦେଶ ଛାଡ଼ି ଚାଲିଯିବାକୁ ଆଦେଶ ଦେଇଛି । ଏହିସବୁ ପଦକ୍ଷେପଗୁଡ଼ିକ ମଧ୍ୟରେ ସିନ୍ଧୁ ନଦୀର ଜଳ ଚୁକ୍ତି ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ: ପାକିସ୍ତାନ ପର୍ଯ୍ୟାପ୍ତ ପରିମାଣରେ ଏହି ନଦୀର ଜଳ ଉପରେ ନିର୍ଭର କରିଥାଏ ଏବଂ ଭାରତ ଏହି ଚୁକ୍ତିରୁ ଓହରି ଯିବାର ଅର୍ଥ, ପାକିସ୍ତାନକୁ ପ୍ରବାହିତ ହେଉଥିବା ଏହି ନଦୀର ଜଳ ପରିମାଣକୁ ଭାରତ ହ୍ରାସ କରିପାରେ । ସିନ୍ଧୁ ନଦୀ ବ୍ୟବସ୍ଥାରୁ ପଶ୍ଚିମକୁ ପ୍ରବାହିତ ନଦୀଗୁଡ଼ିକରୁ ପାକିସ୍ତାନ ୩୯ ବିଲିଅନ୍ ଘନ ମିଟର ଜଳ ପାଇଥାଏ ।

ଏହି ଚୁକ୍ତିରୁ ଭାରତ ଓହରିବାର ଏକ ସଂକେତ ହେଉଛି, ଭାରତ ପୂର୍ବାବସ୍ଥାକୁ ଫେରିବ ଏବଂ ଏହାର ମଧ୍ୟ ଯଥାର୍ଥତା ରହିଛି କାରଣ ସେମାନଙ୍କର ଧୃଷ୍ଟତାର ସୀମା ଲଂଘନ ପାଇଁ ଭାରତ କେତେଦୂର ଗତି କରିପାରେ, ତାହା ପାକିସ୍ତାନର ସେନାବାହିନୀ ଏବଂ ବେସାମରିକ ସରକାରଙ୍କୁ ସୂଚାଇ ଦେବା ନିମନ୍ତେ ଏହା ସର୍ବାଧିକ ଉତ୍କୃଷ୍ଟ କୂଟନୀତିକ ପଦକ୍ଷେପ । ପରନ୍ତୁ, ଭାରତ ଯଦି ବାସ୍ତବରେ ଜଳର ପ୍ରବାହରେ ହସ୍ତକ୍ଷେପ କରିବାକୁ ନିଷ୍ପତ୍ତି ନିଏ, ତା'ହେଲେ ପଶ୍ଚିମ ପାକିସ୍ତାନ ଜଳ ଯୋଗାଣରେ ସଂକଟଜନକ ପରିସ୍ଥିତିକୁ ସାମ୍ନା କରିବା ସହିତ ଏହାର ଶକ୍ତି ଉତ୍ପାଦନ କ୍ଷେତ୍ର ଘୋର ବ୍ୟାଘାତପ୍ରାପ୍ତ ହେବ ଏବଂ ଏହାର କୃଷି କ୍ଷେତ୍ର ସିନ୍ଧୁ ନଦୀ ବ୍ୟବସ୍ଥା ଉପରେ ଅଧିକାଂଶ ପରିମାଣରେ ନିର୍ଭରଶୀଳ । ଯେଉଁ ରାଷ୍ଟ୍ର ଆତଙ୍କୀକୁ ରାଷ୍ଟ୍ରର ଏକ ସର୍ବାଧିକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବିବେଚନା କରେ, ଏହି ପଦକ୍ଷେପ ସେହି ରାଷ୍ଟ୍ର ନିମନ୍ତେ ଭାରତ ପାଇଁ ଏକ ଅମୋଘ ଅସ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଆତଙ୍କୀମାନଙ୍କୁ ବନ୍ଧୁକ ଗୁଳିରେ ନିରୀହ ଲୋକଙ୍କ ଜୀବନ ନେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଏହି ରାଷ୍ଟ୍ର ପାଇଁ ପ୍ରାରମ୍ଭିକ ପ୍ରତିକ୍ରିୟା ଭାବରେ କ୍ୟାବିନେଟ୍ ନିର୍ଦ୍ଦିଷ୍ଟ କେତେକ ପ୍ରତିଶୋଧମୂଳକ ପଦକ୍ଷେପ ନେବାକୁ ସ୍ଥିର କରିଥିଲା । ଏହା ବାଦ୍ ମଧ୍ୟ ଖୁବ୍ ଶୀଘ୍ର ଭାରତ ଆହୁରି କେତେକ ପଦକ୍ଷେପ ନେଇପାରେ । ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ୍ କମିଟି ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରୁ ଏକଥା ସ୍ପଷ୍ଟ ଯେ ଏହା ନିକଟରେ ପାଞ୍ଚରୁ ଛଅ ଜଣ ଆତଙ୍କବାଦୀ ପାକିସ୍ତାନର ହୋଇଥିବା ବେଳେ ନିହାତି କମ୍‌ରେ ଉପରୋକ୍ତ ଆକ୍ରମଣରେ ନିହାତି କମ୍‌ରେ ତିନି ଜଣ ସମ୍ପୃକ୍ତ ଥିବାର ବିଶ୍ୱସନୀୟ ସୂଚନା ରହିଛି । ଏଥିରେ ମଧ୍ୟ ବିସ୍ମିତ ହେବାର କିଛି ନାହିଁ ଯେ ଗୁରୁବାର ଦିନ ପାକିସ୍ତାନ ଭାରତର ପଦକ୍ଷେପଗୁଡ଼ିକ ପ୍ରତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ବର୍ତ୍ତମାନ ଏକ ପ୍ରକାର ଶୀତଳ ଭଣ୍ଡାରକୁ ଚାଲି ଯାଇଥିବା ୧୯୭୧ର ସିମ୍ଲା ଚୁକ୍ତି ପରେ ଏହା ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ସମସ୍ତ ପ୍ରକାରର ଦ୍ୱିପାକ୍ଷିକ ଚୁକ୍ତିକୁ କାର୍ଯ୍ୟକାରୀ କରିବାର ଅଧିକାର ବହନ କରୁଥିବା ବେଳେ ପହଲଗାମ୍ ଆକ୍ରମଣରେ ଏହାର ଆଦୌ ହାତ ନାହିଁ ବୋଲି କହି ଆରୋପକୁ ପ୍ରତ୍ୟାଖ୍ୟାନ କରିଛି । ଏହା ପାକିସ୍ତାନୀ ବିମାନ ବନ୍ଦରଗୁଡ଼ିକରେ ଭାରତୀୟ ବିମାନଗୁଡ଼ିକର ପ୍ରବେଶକୁ ବନ୍ଦ କରିଛି ଏବଂ ସ୍ୱତନ୍ତ୍ର ଭିସା ଯୋଗେ ସେଠାରେ ଥିବା ଭାରତୀୟମାନଙ୍କ ଦେଶ ଛାଡ଼ି ଯିବା ପାଇଁ କହିଛି ।

ଏହିଭଳି ଭାବରେ ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାବପ୍ରବଣତାରେ ଭାସିଯିବା ଅପେକ୍ଷା ଏକ ଚିନ୍ତାଶୀଳ ଢଙ୍ଗରେ କାର୍ଯ୍ୟ କରିବା ଉଚିତ । ଶ୍ରୀଯୁକ୍ତ ମୋଦୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ପ୍ରାଥମିକତା ଦେବା ଉଚିତ । ଉଦାହରଣ ସ୍ୱରୂପ, ଭାରତର ନିଜସ୍ୱ ସୀମା ଭିତରେ କେତେକ ଘଟଣା ରହିଛି, ଯେଉଁଗୁଡ଼ିକ ଉପରେ ସରକାର ପ୍ରଥମେ ନିଜର ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି । ଯେଉଁ କମାଣ୍ଡଧାରୀମାନେ ଆକ୍ରମଣକୁ ସଂଘଟିତ କରିଛନ୍ତି, ସେମାନେ ଏବେ ବି ଖୋଲାରେ ବୁଲୁଛନ୍ତି; ସେମାନଙ୍କ ମଧ୍ୟରୁ କାହାକୁ ବି ହେଲେ ଜୀବନ୍ତ ଅବସ୍ଥାରେ ଗିରଫ କରିବା ଏକ ବଡ଼ ଧରଣର ଗୁଇନ୍ଦା ବିଜୟର ପ୍ରତିନିଧିତ୍ୱ କରିବ । ସଙ୍ଗେ ସଙ୍ଗେ ଭାରତର ବିଭିନ୍ନ ଭାଗରେ ରହୁଥିବା କାଶ୍ମୀରବାସୀଙ୍କୁ ସ୍ଥାନ ଛାଡ଼ି ଚାଲିଯିବାକୁ କୁହାଯିବା ସମ୍ପର୍କରେ ଯେଉଁ ସମ୍ବାଦମାନ ପ୍ରକାଶ ପାଉଛି, ତାକୁ ଅତ୍ୟଧିକ ଚିନ୍ତାର କାରଣ ଭାବରେ ବିବେଚନା କରି ସେଥି ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ କରାଯିବା ଉଚିତ । ଅନ୍ୟ ଭାରତୀୟମାନଙ୍କ ଭଳି କାଶ୍ମୀରବାସୀ ମଧ୍ୟ ସୀମାପାର ପ୍ରାୟୋଜିତ ଆତଙ୍କବାଦର ଶିକାର । ଏହି କଥା ସରକାରୀ ଭାବରେ ଘୋଷଣା କରିବା ସହିତ କାଶ୍ମୀରବାସୀଙ୍କ ବିପଦ ସମୟରେ ସେମାନଙ୍କ ନିକଟରେ ଛିଡ଼ା ହେବା ଶ୍ରୀଯୁକ୍ତ ମୋଦୀ ଏବଂ ତାଙ୍କ ସରକାରର ସର୍ବାଧିକ ପ୍ରାଥମିକତା ହେବା ଉଚିତ । ଭାରତ ଯଦି ନିଜର ନାଗରିକମାନଙ୍କୁ ଅଜ୍ଞାତ ଜନ ଭୀତିରୁ ରକ୍ଷା କରି ନପାରେ, ତା'ହେଲେ ଏହା ଅର୍ଥପୂର୍ଣ୍ଣ ଭାବରେ ଏକ ବାହ୍ୟ ଶତ୍ରୁ ବିରୁଦ୍ଧରେ ଏହାର ଜାତୀୟ ସୁରକ୍ଷାକୁ କ୍ୱଚିତ୍ ପ୍ରତିରୋଧ କରି ପାରିବ । ଯେତେଦୂର ପାକିସ୍ତାନର କଥା ଆସେ, ଭାରତ ପ୍ରଥମେ ଆକ୍ରମଣକାରୀଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟକୁ ପୁଷ୍ଟ କରିବା, ଘଟଣା ପଛର ମାଷ୍ଟରମାଇଣ୍ଡ୍ ସମ୍ପର୍କରେ ଜାଣିବା, ସେମାନଙ୍କ ସହିତ ଇସଲାମାବାଦର ସମ୍ପର୍କ ଏବଂ ସେମାନଙ୍କର ଉଦ୍ଦେଶ୍ୟଗୁଡ଼ିକୁ ଭଲ ଭାବରେ ଜାଣିବା ଉଚିତ । ଏହିସବୁ ତଥ୍ୟକୁ ଭାରତ ସମଗ୍ର ବିଶ୍ୱବାସୀଙ୍କ ସମ୍ମୁଖକୁ ଆଣିବା ବିଧେୟ । ଏକ ସଶସ୍ତ୍ର ସଂଗ୍ରାମ ଭାରତର ସ୍ୱାର୍ଥ ପ୍ରତି ହିତକର ନୁହେଁ । ଶ୍ରୀଯୁକ୍ତ ମୋଦୀ ଯେପରି ଆଗରୁ କହି ସାରିଛନ୍ତି- ଏହା ଯୁଦ୍ଧର ଯୁଗ ନୁହେଁ, ସେହି ଅନୁସାରେ କାମ କରିବା ସହିତ ସମସ୍ତଙ୍କ ନିକଟରେ ପ୍ରତିଷ୍ଠିତ ସୂଚନା ହିଁ ଭାରତ ନିମନ୍ତେ ସମଗ୍ର ବିଶ୍ୱବାସୀଙ୍କ ସ୍ୱତଃସ୍ଫୂର୍ତ୍ତ ସହାନୁଭୂତିକୁ ଆକର୍ଷିତ କରିବ ।

# ସାକ୍ଷୀ ଦେଲେ ଶ୍ୟାମସୁନ୍ଦର

ସେଦିନ ପ୍ରଶ୍ନ ଥିଲା- ସତରେ କ'ଣ ଈଶ୍ୱର ଡାକ ଶୁଣନ୍ତି ? ଏହାର ପ୍ରମାଣ କିଛି ଅଛି ? ସନ୍ଥ କହିଲେ- 'ଆଧ୍ୟାତ୍ମିକତା ଓ ବିଜ୍ଞାନ ଉଭୟଙ୍କ ଭିତରେ ସାମଞ୍ଜସ୍ୟ ରହିଛି । ହେଲେ ଟିକିଏ ପାର୍ଥକ୍ୟ । କୌଣସି ବିଷୟରେ ପରୀକ୍ଷା ନିରୀକ୍ଷା ସାରି ପ୍ରଥମେ ପ୍ରମାଣ ଦେଲା ପରେ ବିଶ୍ୱାସ ଆସେ ବିଜ୍ଞାନରେ । କିନ୍ତୁ ଆଧ୍ୟାତ୍ମିକତାରେ ପ୍ରଥମେ ବିଶ୍ୱାସର ସହିତ କର୍ମ କଲା ପରେ ସତ୍ୟତା ପ୍ରମାଣିତ ହୁଏ । ବିଜ୍ଞାନ ଯେମିତି ସତ୍ୟ, ଆଧ୍ୟାତ୍ମିକତା ବି ସେମିତି ସତ୍ୟ । ଏହାର ଏକ ଉଦାହରଣ ।

ବେଶୀ ବର୍ଷ ତଳର କଥା ନୁହେଁ । ଭାରତବର୍ଷର ଏ ଘଟଣା । ଅନ୍ୟ ଦିନ ଅପେକ୍ଷା ସେଦିନ ବିଚାରାଳୟରେ ବହୁ ଲୋକଙ୍କ ଭିଡ଼ । ସାକ୍ଷୀ ପ୍ରମାଣ ନଥାଇ ନିରୀହ, ନିର୍ଦ୍ଦୋଷ ବ୍ରାହ୍ମଣଙ୍କୁ କି ନ୍ୟାୟ ମିଳିବ ! ଏ ବିଷୟ ଜାଣିବାକୁ ଲୋକଙ୍କର ଥିଲା ଅଧିକ ଆଗ୍ରହ ।

ବିଚାରପତି ଗୋଟିଏ ପରେ ଗୋଟିଏ ମାମଲା ଶୁଣାଣି କରୁ ଥାଆନ୍ତି । ଉତ୍କଣ୍ଠାର ସହିତ ଚାହିଁଥିଲେ ଦର୍ଶକ । ନ୍ୟାୟ କାହା ସପକ୍ଷରେ ଯିବ ? ହରନାରାୟଣ ବିଜୟ ଜଣେ ମହାଜନ । ଦେବବ୍ରତ ପଣ୍ଡିତ ଶ୍ରୀକୃଷ୍ଣ ମନ୍ଦିରର ପୂଜକ । ଅତୀତରେ ଦେବବ୍ରତ ପଣ୍ଡିତ ମହାଜନ ହରନାରାୟଣଙ୍କଠାରୁ କିଛି ଅର୍ଥ କରଜ ଆଣି ଶୁଝି ଦେଇଥିଲେ । କିନ୍ତୁ ଅର୍ଥ ପୈଠ କରିଥିବାର କିଛି ପ୍ରମାଣ ରଖି ନଥିଲେ । ହରନାରାୟଣଙ୍କ ଅଭିଯୋଗ ଥିଲା ଯେ ଦେବବ୍ରତ କରଜ ନ ଶୁଝି ମିଛ କହୁଛନ୍ତି । ଉଭୟଙ୍କୁ ଡକରା ହେଲା । ଚଢ଼ାଗଳାରେ ପେସ୍‌କାର ଦେବବ୍ରତଙ୍କୁ ପଚାରିଲେ- 'ତୁମ ପକ୍ଷର ସାକ୍ଷୀ କିଏ ? ସେ କାହାନ୍ତି ?'

ଋଷିଶତ

ପଦାରବିନ୍ଦ

ନମ୍ରସ୍ୱରରେ କହିଲେ ପୂଜକ ଦେବବ୍ରତ- 'ଆଜ୍ଞା, ଶ୍ୟାମ ମୋର ସବୁକିଛି । ତାକୁ ଛାଡ଼ିଦେଲେ ମୋର ସାକ୍ଷୀ- ପ୍ରମାଣ କିଛି ନାହିଁ ।' ଏତିକି ବେଳେ ଜଣେ ଯୁବକ ଦେବବ୍ରତଙ୍କ ସପକ୍ଷରେ ସାକ୍ଷୀ ଦେବାକୁ ପହଞ୍ଚି ଗଲା । ପେସ୍‌କାର ପଚାରିଲେ- 'ଦେବବ୍ରତ ଟଙ୍କା ଦେଲାବେଳେ ତୁମେ ଦେଖିଛ ?'

ଯୁବକ ଉତ୍ତର ଦେଲା- 'ମୋ ପୂଜକ କରଜ ଆଣିଲା ବେଳେ ଓ ପରିଶୋଧ କଲା ବେଳେ ମୁଁ ଦେଖିଛି । ମହାଜନ ହରନାରାୟଣଙ୍କ ଦ୍ୱିତୀୟ ବଖରା ଘରେ ଥିବା ତୃତୀୟ ସିନ୍ଦୁକର ପୂର୍ବ କୋଣରେ ଥୁଆ ହୋଇଛି ସେହି ଧନରାଶି ।' ଯେତେ ଟଙ୍କା ଦେଇଥିଲେ, ସମସ୍ତ ବିବରଣୀ କହିଲେ ଯୁବକ ।

ଆଶ୍ଚର୍ଯ୍ୟରେ ଚାହିଁଥିଲେ ମହାଜନ ହରନାରାୟଣ । କାରଣ ପୂଜକ ଦେବବ୍ରତ ଓ ହରନାରାୟଣଙ୍କ ବ୍ୟତୀତ ଅନ୍ୟ କେହି ଜାଣି ନଥିଲେ କରଜ ପୈଠ କଲାବେଳେ । ସତ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ ହେଲେ ହରନାରାୟଣ । ଲମ୍ବ ହୋଇ ପଡ଼ିଗଲେ ଦେବବ୍ରତଙ୍କ ଚରଣରେ । ପୂଜକଙ୍କ ପାଇଁ ସାକ୍ଷୀ ଦେଇଥିବା ଶ୍ୟାମସୁନ୍ଦରଙ୍କୁ ଦର୍ଶନ କରିବା ପାଇଁ ଚାହିଁଲା ବେଳକୁ ସେ ଆଉ ସେଠାରେ ନଥିଲେ । ମନ୍ଦିରକୁ ଆସିଲେ । ମୂର୍ତ୍ତି ନିକଟରେ ତାଙ୍କ ଅଙ୍ଗଲାଗି ଫୁଲହାର ବିକ୍ଷିପ୍ତ ହୋଇ ପଡ଼ିଥିଲା । ପୂଜକ ଦେବବ୍ରତ ବିଳମ୍ବରେ ପହଞ୍ଚି ଶ୍ୟାମସୁନ୍ଦରଙ୍କୁ ଚାହିଁ କେବଳ ଲୁହ ଗଡ଼ାଉ ଥିଲେ ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଏନ୍ଏସି କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ

**ହିନ୍ଦୋଳ,୨୫ା୪/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲାର ବହୁଚର୍ଚ୍ଚିତ ହିନ୍ଦୋଳ ଏନ୍ଏସିର ନୂତନ କାର୍ଯ୍ୟାଳୟ ଓ ସଭାଗୃହ ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ ଏବଂ ଏହାକୁ ବିରୋଧ କରିଛନ୍ତି କାଉନସିଲରମାନେ। ପ୍ରକାଶ, ହିନ୍ଦୋଳ ଏନ୍ଏସିର ନୂତନ କାର୍ଯ୍ୟାଳୟ, ଷ୍ଟାଫ କ୍ୱାଟର ଓ ସଭାଗୃହ ନିର୍ମାଣ ନିମନ୍ତେ ପୂର୍ବରୁ ୱାର୍ଡନଂ ୧୨ସ୍ଥିତ ତାରିଣୀବିହାର ଅଞ୍ଚଳରେ ଚିନ୍ହଟ ହୋଇଥିଲା। ସ୍ଥାନ କାରଣ ନିକଟରେ ନିର୍ମାଣ ହେଉଛି ନୂତନ କୋର୍ଟ। ତେବେ ଏନ୍ଏସି କର୍ତ୍ତୃପକ୍ଷ ହିନ୍ଦୋଳ ସହରଠାରୁ ଜନବସତିରୁ ଦୂର ଜଙ୍ଗଲଜନ୍ତୁ ପରିପୂର୍ଣ୍ଣ, ଅପରାଧୀକ କାର୍ଯ୍ୟକଳାପ ପୂର୍ଣ୍ଣ କଟକ ହିନ୍ଦୋଳ ସୀମାନିକଟ ଏକ ନିକଞ୍ଚନ ସ୍ଥାନ ଯେଉଁଠି ଏକ ଦେଶୀ ମଦଭାଟି ରହିଅଛି। ସେହିଠାରେ ପାଞ୍ଚ ଏକର ସ୍ଥାନ ଚିହ୍ନଟ କରାଯାଇଛି ସେଠାରେ ନିର୍ମାଣ ମସୁଧା ଚାଲିଛି।



ଏହାକୁ ନେଇ ଦେଖାଦେଇଛି ବିବାଦ ଏବଂ ଏଥିପାଇଁ ପ୍ରାୟ ୧୩ଟି ୱାର୍ଡର ଜନସାଧାରଣଙ୍କ ସମେତ ସଂଖ୍ୟାଧିକ କାଉନସିଲର ଅସନ୍ତୁଷ୍ଟ ହୋଇ ସହର ମଝିରେ ଏକ ସୁରକ୍ଷିତ ସ୍ଥାନରେ ନୂତନ କାର୍ଯ୍ୟାଳୟ ଓ ସଭାଗୃହ ସହିତ କର୍ମଚାରୀ କ୍ୱାଟର ନିର୍ମାଣ ପାଇଁ ସ୍ଥାନ ଠିକ କରିବାପାଇଁ ହିନ୍ଦୋଳ ଏନ୍ଏସି ୮୦ଭାଗ ଜନସାଧାରଣଙ୍କ ପକ୍ଷରୁ ଉପାଧ୍ୟକ୍ଷା ପ୍ରତିମା ରାଉତ, ୱାର୍ଡନଂ ୫ କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ତୃପ୍ତିମୟୀ ବେହେରା ୱାର୍ଡ ନଂ ୬, ଶରତ ଭୁଟିଆ ୱାର୍ଡନଂ୧୨,ପ୍ରତିମା ନାଏକ ୱାର୍ଡନଂ୧୩, ଅନୁପମା ସାହୁ ୱାର୍ଡନଂ୧୫, ଶୁଭଲକ୍ଷ୍ମୀ ଦେହୁରୀ ୱାର୍ଡନଂ୧୧, ରିତାରାଣୀ ବେହେରା ୱାର୍ଡନଂ୪, ସୁମତି ଦେହୁରୀ ୱାର୍ଡନଂ୧୪ ପ୍ରମୁଖ ଲିଖିତ ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି। ଏ ସମ୍ପର୍କରେ ଉପାଧ୍ୟକ୍ଷା ଓ ଉଭୟ ବିଜେପି ଓ ବିଜେଡି କାଉନସିଲରଙ୍କ ମତହେଲା ସଂଖ୍ୟାଧିକ(୮୦ଭାଗ) ଜନସାଧାରଣଙ୍କ ମତାମତ, ବୃହତ ସ୍ୱାର୍ଥ, ସମର୍ଥନ,ସୁରକ୍ଷା ଓ ଭାବାବେଗକୁ ପାଥେୟ କରି ଆମ୍ଭେମାନେ ଅଭିଯୋଗ କରିଛୁ ଏବଂ ଏଥିରେ କାହାରିସହ କୌଣସି ବି ସାଲିସ କରାଯିବ ନାହିଁ। ତେବେ ଦେଖିବାକୁ ବାକି ରହିଲା ସଂଖ୍ୟାଧିକ ଜନସାଧାରଣ ଓ କାଉନ୍ସିଲରଙ୍କ କଥା ରହୁଛି ନା ନିଜ ସୁବିଧା ଅନୁଯାଇ କାର୍ଯ୍ୟ କରାଯାଉଛି।

## ମା'ସେବକସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି




**ତାଳଚେର,୨୫ା୪/ଏନ୍ଏନ୍ଏସ୍:** ଜାମ୍ମୁକଶ୍ମୀର ପହଲଗାମ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଆମଦେଶ ତଥା ଓଡ଼ିଶା ବାଲେଶ୍ୱର ଅଞ୍ଚଳର ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ଉଦ୍ଦେଶ୍ୟରେ ତାଳଚେର ମା'ସେବକ ସଂଘ ପକ୍ଷରୁ ଆଜି ସ୍ଥାନୀୟ 'ଜୟ ନିତାଇ ଆଶ୍ରମ' ଠାରେ ପ୍ରାଣ ହରାଇଥିବା ଉଦ୍ଦେଶ୍ୟରେ ଏକମିନଟ୍ ନୀରୋବ ପ୍ରାର୍ଥନା କରାଯାଇଥିଲା। ସଂଘର ସଭାପତି ତଥା ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ସଭାପତି ଦେବେନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ 'ଜୟ ନିତାଇ ଆଶ୍ରମ' ଠାରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ତାଳଚେର ବ୍ରାହ୍ମଣୀନଦୀ କୂଳରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚି ଦୀପଦାନ କରିବା ସମସ୍ତଙ୍କ ଉଦ୍ଦେଶ୍ୟରେ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ଏହି ଘଟଣାକୁ ତ୍ରୀବ ନିନ୍ଦା କରିବା ସହ ଆଗାମୀ ଦିନରେ ଏହାର ଯେପରି ପୁନରାବୃତ୍ତି ନଘଟେ ସେଥିପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ସେହିପରି ସାମ୍ବାଦିକ ପ୍ରଦୀପ ମହାରଣା, ଅକ୍ଷୟ ମହାରଣା, ଜଗନ ଦଳବେହେରା, ଓମ୍ ପ୍ରକାଶ ସାହୁ, ଦେବେନ୍ଦ୍ରେ ସାହୁ ଏହାକୁ ନିନ୍ଦା କରିବା ସହ ମୃତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମା' ସେବକ ସଂଘର ସମସ୍ତ ସଦସ୍ୟ ଦିଲ୍ଲୀପ ବେହେରା, ନିରୋଜ ବେହେରା, ସୁନିଲ ବେହେରା, ଦେବେନ୍ଦ୍ର ବେହେରା, ସଞ୍ଜୟ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରତାପ ବେହେରା, କାଳିଆ ବେହେରା, ଅଶ୍ୱିନୀ ସିଂହ, ପୁନବାରିକ, ସୁରୋଜ ବେହେରା, ଦେବେନ୍ଦ୍ର ସାହୁ, ଆଶ୍ରମ ପୂଜକ ଗୋଲଖ ଚନ୍ଦ୍ର ଆଚାର୍ଯ୍ୟ, ବାବା ଆନନ୍ଦ ଗୋପାଳ ଦାସ, ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରବଳ ଗ୍ରୀଷ୍ମରେ ଲୋକେ ଅତିଷ୍ଠ

**ଧର୍ମଶାଳା,୨୫ା୪/ଏନ୍ଏନ୍ଏସ୍:** ଧର୍ମଶାଳା ଅଞ୍ଚଳରେ ଗତ ସପ୍ତାହେ ହେବ ପ୍ରବଳ ଗ୍ରୀଷ୍ମ ଲାଗିରହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜ୍ୟବ୍ୟାପି ଏଭଳି ଅବସ୍ଥା ଦେଖାଦେଇଥିବା ବେଳେ ସକାଳ ୮ଟାରୁ ଖରାର ପ୍ରକୋପ ବଢ଼ିବାରେ ଲାଗୁଛି। ଦିନ ୧୨ଟାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ। ଅଂଶୁଘାତରୁ ରକ୍ଷା ପାଇବା ଲାଗି ଲୋକେ ଘରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଦିନ ୧୧ଟା ବେଳକୁ ବଜାର, ଛକ ଗୁଡ଼ିକ ଜନଶୁନ୍ୟ ହୋଇପଡୁଛି। ଗୁଳୁଗୁଳି ସାଙ୍ଗକୁ ପ୍ରବଳ ଖରାରରେ ଲୋକେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ପ୍ରବଳ ଉତାପକୁ ନଜରରେ ରଖି ସରକାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ସେହିପରି ଦିନ ୧୧ଟା ପରେ ଶ୍ରମିକମାନଙ୍କୁ ଖରାରେ କାମ କରିବାକୁ ବାରଣ କରାଯାଇଛି। ପ୍ରବଳ ଖରା ଯୋଗୁଁ ଦୀନ ମଜୁରିଆମାନେ କାମକୁ ନଯାଇ ଘରେ ରହୁଥିବା ବେଳେ ସେମାନଙ୍କ ଚୁଲି ଜଳିବା କଷ୍ଟକର ହୋଇପଡୁଛି। ଖରାରେ ବାଟୋଇମାନଙ୍କୁ ପାନୀୟଜଳ ଯୋଗଇ ଦେବାଲାଗି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଛକ ଓ ବଜାରମାନଙ୍କରେ ଜଳଛତ୍ର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ପ୍ରବଳ ଗ୍ରୀଷ୍ମ ଯୋଗୁଁ ବିଶେଷ କରି ବ୍ଲକର ପାହାଡିଆ ଅଞ୍ଚଳ ଗୁଡିକରେ କୁଅ, ପୋଖରୀଗୁଡ଼ିକ ଶୁଷ୍କ ହୋଇପଡିଥିବା ବେଳେ ଜଳସ୍ତର ହ୍ରାସ ଯୋଗୁଁ ଅଧିକାଂଶ ନଳକୂପ ଅଚଳ ହୋଇପଡିଛି। ପାଣି ସମସ୍ୟାକ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାଲାଗି ବ୍ୟବସ୍ଥା ଗ୍ରହଣ କରିଥିବାବେଳେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରଚେଷ୍ଟାରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। ଗ୍ରୀଷ୍ମରେ ବୟସ୍କ ଲୋକେ, ରୋଗୀ ଓ ଛୋଟ ପିଲାମାନେ ଅଧିକ ପ୍ରଭାବିତ ହେଉଛନ୍ତି। ତେଣୁ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ କାଟ ଜନସାଧାରଣଙ୍କ କଷ୍ଟକୁ ଦ୍ୱିଗୁଣିତ କରିଦେଉଛି। ଏଭଳି ଅବସ୍ଥାରେ ଲୋକେ ବର୍ଷାକୁ ଚାତକ ପରି ଅନେଇ ବସିଛନ୍ତି।

## ପାଟକୁରା ସରକାରୀ ହାଇସ୍କୁଲ ଉନ୍ନୟନ କମିଟି ବୈଠକ



**ପାଟକୁରା,୨୫ା୪/ଏନ୍ଏନ୍ଏସ୍:** ୧୯୬୨ ମସିହାରେ ସ୍ଥାପିତ ପାଟକୁରା ସରକାରୀ ହାଇସ୍କୁଲର ଏକ ସ୍ୱତନ୍ତ୍ର ଉନ୍ନୟନ କମିଟି ବୈଠକ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ବୈଷ୍ଣବ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ମଳୟ କୁମାର ପାଣି ଆସନ୍ତା ୩୦ ତାରିଖରେ ଅବସର ନେଉଥିବାରୁ ସ୍କୁଲର ହେଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସେ ସୂଚନା ଦେଇଥିଲେ ଓ ଅଧୁରା ଥିବା କାର୍ଯ୍ୟ ବଳକା ପାଣ୍ଠିରୁ କିଭଳି ଭାବେ ପୂର୍ଣ୍ଣାଙ୍ଗ ହେବ ସେ ସମ୍ପର୍କରେ ସ୍କୁଲ କମିଟି ପୁରାତନ ଛାତ୍ର ଓ ଷ୍ଟାଫ୍‌ଙ୍କ ସହଯୋଗ କାମନା କରିଥିଲେ। ଏହି ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପୁଲକ କୁମାର ପରିଡ଼ା ଓ ଅନ୍ନଦା ପ୍ରସାଦ ସ୍ୱାଇଁଙ୍କୁ ସଭାପତି ଶ୍ରୀ ମହାନ୍ତି ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ବଟକୃଷ୍ଣ ସାହୁ ଉପଢ୍ୱୌକନ ଦେଇ ସମ୍ମାନୀତ କରିଥିଲେ। ଆଲୋଚନାରେ ଗରଦପୁର ବିଇଓ ଅଜୟ କୁମାର ସେଠୀ, ସାମ୍ବାଦିକ ସୁବାସ ଖୁଣ୍ଟିଆ, ବିଚିତ୍ର ପଟ୍ଟନାୟକ, ଏସ୍ଏମ୍ସି ସଭାପତି ଅମରେନ୍ଦ୍ର ସାହୁ, ଏବିଇଓ ମନୋରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ ବଟକୃଷ୍ଣ ସାହୁ, ଗୋପିନାଥ ସାହୁ ଭାଗ ନେଇଥିଲେ। ସ୍କୁଲର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାନୀୟଜଳ ସମସ୍ୟା ନେଇ ରାସ୍ତାରୋକ



**ହିନ୍ଦୋଳ,୨୫ା୪/ଏନ୍ଏନ୍ଏସ୍:** ପ୍ରଚଣ୍ଡ ରୌଦ୍ରତାପରେ ହାହାକାର ହୋଇଯାଇଛି ସମଗ୍ର ଓଡ଼ିଶା। ଏବଂ ସେଥିରୁ ବାଦ ପଡ଼ିନାହିଁ ଢେଙ୍କାନାଳ ଜିଲ୍ଲାର ଚିରଅବହେଳିତ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଏବଂ ହିନ୍ଦୋଳ ଏନ୍ଏସି। ପାନୀୟଜଳ ସଙ୍କଟ ସମାଧାନ ପାଇଁ ବାରମ୍ବାର ଦୌଡ଼ିଦୌଡ଼ି ଏନ୍ଏସି କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଗୁହାରି କରି ନିରାଶ ହିନ୍ଦୋଳ ଏନଏସି ୱାର୍ଡନଂ-୧୨ର ବନମାଳୀପୁରଗ୍ରାମର ଶତାଧିକ ମହିଳା। ପ୍ରଚଣ୍ଡ ଖରା ସତ୍ତ୍ୱେ ଆଜି ଗ୍ରାମମଝିରେ ଗରା, ମାଠିଆ, ବାଲଟି ରଖି ହିନ୍ଦୋଳ-ଗୁଡ଼ିଆକାଟେଣୀ ମୁଖ୍ୟରାସ୍ତା ସକାଳ ସାତରୁ ଦିନ ଏଗାରଟା ଚାରିଘଣ୍ଟା ଅବରୋଧ କରିଥିଲେ। ଫଳରେ ଶହଶହ ଗାଡ଼ିମୋଟର ସହ ପଥଚାରି ଉଭୟପାର୍ଶ୍ୱରେ ଅଟକି ରହି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ମହିଳାମାନଙ୍କ କହିବା କଥା ୱାର୍ଡନଂ୧୨ର ପାନୀୟଜଳ ସମସ୍ୟା ଦୈନନ୍ଦିନ ଘଟଣା। ଏଥିପାଇଁ ହିନ୍ଦୋଳ ଏନ୍ଏସି ଓ ଉପଜିଲ୍ଲାପାଳଙ୍କୁ କିଛିଦିନ ତଳେ ଶତାଧିକ ମହିଳା ଅଭିଯୋଗ କରିଥିଲେ। ଏବଂ ସମାଧାନ ନହେବାରୁ ଆଜି ରାଜରାସ୍ତାରେ ପ୍ରଚଣ୍ଡ ଖରାରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେଇଛନ୍ତି। ଏଥିସହ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆଗରେ କ୍ଷୋଭପ୍ରକାଶ କରି କହିଛନ୍ତି ନିର୍ବାଚନବେଳେ ମେଞ୍ଚାମେଞ୍ଚା ମିଥ୍ୟା ପ୍ରଲୋଭନ, ପ୍ରତିଶୃତି ସହ ପାନୀୟଜଳ ସମସ୍ୟାର ସବୁଦିନିଆ ସମାଧାନ ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ କହି ଭୋଟ ହାତେଇନେବା ପରେ ଆଉ ଦିନକ ପାଇଁ ଆଡ଼ ଆଖିରେ ଅନାନ୍ତି ନାହିଁ। ଏପରିକି ପାଞ୍ଚବର୍ଷ ପାଇଁ ଅଞ୍ଚଳରେ ପାଦ ପକାନ୍ତି ନାହିଁ। ତଲୁ ଉପରଯାଏ ସମସ୍ତ ନିର୍ବାଚିତ ଜନପ୍ରତିନିଧି ଏବଂ ସେଥିପାଇଁ ସମସ୍ତ ଜଳକର, ହୋଲଡିଂଟାକ୍ସ, ଅଳିହାଟାକ୍ସ, ବିଦ୍ୟୁତ୍‌କର ଇତ୍ୟାଦି ସମସ୍ତ କର ସଠିକ ଭାବରେ ପୈଠ କରି ମଧ୍ୟ ଗରିବ ଭୋଟରମାନଙ୍କର ସାମାନ୍ୟତମ ମୌଳିକ ସମସ୍ୟାର ହୋଇପାରୁନାହିଁ ସମାଧାନ। ତେବେ ଖବରପାଇ ହିନ୍ଦୋଳବାସୀଙ୍କ ପାଇଁ ଆଶାର କିରଣ ପାଲଟିଥିବା ତଥା ସ୍ଥାନୀୟ ଉପଜିଲ୍ଲାପାଳ ପ୍ରଭାସ ବେଉରା ଦିନ ୧୧ରେ ବେଳେ ଥାନା ଅଧିକାରିଣୀ ଚାରୁଲତା ବେହେରା, କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଦୁଇଦିନ ଭିତରେ ଗୋଟିଏ ନଳକୂପ ଖନନସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ମହିଳାମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ତେବେ ସମସ୍ୟା ସମାଧାନ ନହେଲେ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ମହିଳାମାନେ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା




**ଜଗତସିଂହପୁର,୨୫ା୪/ଏନ୍ଏନ୍ଏସ୍:** ଗତ ମଙ୍ଗଳବାର ଜମ୍ମୁ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମ୍ ବୈସରନ ଘାଟି ଠାରେ ଆତଙ୍କବାଦ ଆକ୍ରମରେ ପ୍ରାଣ ହରାଇ ଥିବା ପର୍ଯ୍ୟଟକଙ୍କ ସହିତ ଓଡ଼ିଶାର ପ୍ରଶାନ୍ତ ଶତପଥିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଜିଲ୍ଲା ଉପ-ସଭାପତି ନଟବର ପଣ୍ଡା, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ବାଲିକୁଦା କଂଗ୍ରେସ ସଭାପତି ବିକ୍ରମ ପରିଡ଼ା, ନେତା ମହନି ଚରଣ ରାଉତ, ଅଭୟ କୁମାର ମହାନ୍ତି, ବିଶ୍ୱଜିତ୍ ପୋଥାଳ, ପ୍ରିତମ୍ ପରିଜା, ସମିର କୁମାର ଖୁଣ୍ଟିଆ, ମନୋଜ ମହାପାତ୍ର, ଅମ୍ବିକା ପ୍ରସାଦ ମହାନ୍ତି, ମିନୁ ଚୌଧୁରୀ, ଅବନିକାନ୍ତ ମହାରଣ ପ୍ରମୁଖ ଅନେକ ସ୍ଥାନୀୟ ନିମାଇଁ ଭବନ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମହମବତୀ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲେ। ସେଠାରେ ଯେଉଁ ଆତଙ୍କବାଦୀମାନେ ଏବଂ ଯାହା ପ୍ରରୋଚନାରେ ହିନ୍ଦୁ ପର୍ଯ୍ୟଟକମାନଙ୍କୁ ବର୍ବୋରଚିତ ହତ୍ୟାକାଣ୍ଡ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଥିଲେ।

## ପହଲଗାମ୍ ମୃତକଙ୍କ ସ୍ମୃତିରେ ବାର୍ ଆସୋସିଏସନ୍‌ର ଶ୍ରଦ୍ଧାଞ୍ଜଳି

**ଚଣ୍ଡିଖୋଲ,ବଡ଼ଚଣା,୨୫ା୪/ଏନ୍ଏନ୍ଏସ୍:** ଆଜି ଚଣ୍ଡିଖୋଲ କୋର୍ଟବାର୍ ଆସୋସିଏସନ ପକ୍ଷରୁ ଜାମ୍ମୁ କାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ନୀହତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଆସୋସିଏସନ୍ ସଭାଗୃହରେ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ପ୍ରସ୍ତାବ କ୍ରମେ ଉକ୍ତ ଆତଙ୍କବାଦୀ ଘଟଣାକୁ ନିନ୍ଦା କରାଯାଇଛି। ପ୍ରଥମେ ଏହି ଘଟଣାରେ ନିହତ ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତିକାମନା ନିମନ୍ତେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାର୍ ଆସୋସିଏସନ୍‌ର ପୂର୍ବତନ ସଭାପତି ସର୍ବଶ୍ରୀ ଶରତ ଷଡଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ, ଉଦୟନାଥ ସାହୁ, କୈଳାଶ ସାମଲ, ଯତୀନ୍ଦ୍ର ସାମଲ, ତୁଷାରକାନ୍ତ ନାୟକ, ବୀରେନ୍ ବିଶ୍ୱାଳ, ତରୁଣ ବିଶ୍ୱାଳ, ବିଜୟ ରାଉଳ, ଅଶୋକ ଜେନା, ପ୍ରିୟ ଗୋବିନ୍ଦ ଦାସ, ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ।



## ପଞ୍ଚାୟତିରାଜ ଦିବସରେ ୩ ପଞ୍ଚାୟତ ପୁରସ୍କୃତ



**କଙ୍କଡ଼ାହାଡ଼,୨୫ା୪/ଏନ୍ଏନ୍ଏସ୍:** ସମଗ୍ର ରାଜ୍ୟରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିବା ବେଳେ ଢ଼େଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍‌ରେ ଏହି ଦିବସ ପାଳନ କରାଯାଇଛି। ଏହି ଦିବସ ଅବସରରେ ଜିଲ୍ଲାସ୍ତରରେ ୧୫ଟି ଗ୍ରାମପଞ୍ଚାୟତ ଅଗ୍ରଣୀ ଭାବେ ମନୋନୀତ ହୋଇଥିବା ବେଳେ ଏଥି ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକ୍‌ର ୩ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ରହିଛି। ମନୋନୀତ ହୋଇଥିବା ପଞ୍ଚାୟତକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ବ୍ଲକର କଙ୍କଡ଼ାହାଡ଼ ,ଝିଲି ଓ ବିରାଶାଳ ପଞ୍ଚାୟତକୁ ଚେକ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିବା ବେଳେ ଏଥିରେ ୧୫ ଜଣ ନୂତନ ହିତାଧିକାରୀଙ୍କୁ ରାସନକାର୍ଡ ବଣ୍ଟନ କରାଯାଇଥିଲା। ଆୟୋଜିତ ଉତ୍ସବରେ ଢ଼େଙ୍କାନାଳ ଲୋକସଭା ସାଂସଦଙ୍କ ପ୍ରତିନିଧି ଶୁଭେନ୍ଦୁ ପାଳ, ପରଜଙ୍ଗ ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, ବ୍ଲକ ଆମ୍ବ ସଭାପତି ରମେଶ ଚନ୍ଦ୍ର ମିଶ୍ର, ବିଡିଓ ଯଶୋବନ୍ତ ଦେହୁରୀ, ଏଲ୍‌ସିଓ ନଳିକାନ୍ତ ସିଂହ, ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଜିପିଓ ଏସ୍ ନୈବେଦ୍ୟ, ପୂର୍ବତନ ସରପଞ୍ଚ ଆଶୁତୋଷ ପଣ୍ଡା, ହୃଦାନନ୍ଦ ବେହେରା, ସମିତି ସଭ୍ୟା ଲକ୍ଷ୍ମୀ ହେଁସା ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିପିଏମ୍ ଓଏଲଏମ୍ ଅଜୟ କୁମାର ସାହୁ ଅତିଥି ପରିଚୟ ଦେଇ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ଓ ଏହାର ଉପାଦେୟତା ସମ୍ପର୍କିତ ଆଲୋକପାତ ହୋଇଥିଲା। ପଞ୍ଚାୟତ ଜନପ୍ରତିନିଧି, ବ୍ଲକ କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବ୍ଲକର ମହିଳା ଓ ପୁରୁଷମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପହଲଗାମରେ ଆତଙ୍କବାଦୀଙ୍କ ଗୁଳିକାଣ୍ଡ ଘଟଣା

# ଅଳ୍ପକେ ବର୍ତ୍ତିଲେ ଓଡ଼ିଆ ଦମ୍ପତି

**ରାଜନଗର,୨୫ା୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ସଦର ମହକୁମାରୁ ରାଜନଗର-ମଙ୍ଗରାଜପୁର ରାସ୍ତା ପାର୍ଶ୍ୱରେ ରହୁଥିବା କିଶୋରଚନ୍ଦ୍ର ତ୍ରିପାଠିଙ୍କ ପୁଅ ଓ ବୋହୂ ଜାମ୍ମୁକାଶ୍ମିରୀ ବୁଲି ଯାଇଥିଲେ। ପୁଅ ଅମୀୟ ତ୍ରିପାଠୀ ଓ ବୋହୂ ଆଶାରାଣୀ ତ୍ରିପାଠୀ ପହଲଗାମର ଏକ ହୋଟେଲରେ ରହୁଥିଲେ। ଗୁଳିକାଣ୍ଡଠାରୁ ମାତ୍ର ୧୨କିଲୋମିଟର ଦୂରରେ ଥିବା ହୋଟେଲରେ ରହୁଥିଲେ। ସେଦିନ ଅମୀୟ ଶସ୍ତ୍ରୀକ ପହଲଗାମଠାରୁ ୯କିଲୋମିଟର ଦୂର ବେଟାବଭ୍ୟାଲି ଓ ୧୪ କିଲୋମିଟର ଦୂର ଚନ୍ଦନବାଡ଼ି ଚାଲି ଯାଇଥିଲେ। ସେଠାରୁ ଫେରି ଅପରାହ୍ନରେ ଗୁଳିକାଣ୍ଡ ଘଟିଥିବା ସ୍ଥାନକୁ ଯାଇଥାନ୍ତେ। ମାତ୍ର ଚନ୍ଦନବାଡିରୁ ଫେରିବା ବେଳକୁ ଗୁଳିକାଣ୍ଡ ଘଟି ସାରିଥିଲା। ତାଙ୍କ ଟ୍ୟାକ୍ସି ଡ୍ରାଇଭର ଖବର ଦେଲା ଶିଘ୍ର ଚାଲି ଆସନ୍ତୁ ଆମେ ହୋଟେଲକୁ ଚାଲିଯିବା। ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କୁ ମାରିଦେଇଥିବା ନେଇ ଡ୍ରାଇଭରଠାରୁ ସୂଚନାପାଇବା ପରେ ସେ ବୁଲୁଥିବା ଘୋଡ଼ାଯୋଗେ ତଳକୁ ଚାଲି ଆସିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଆମେ ବଞ୍ଚିଗଲୁ ବୋଲି ଅମୀୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେ କହିବାନୁଯାୟୀ, ପହଲଗାମରେ ଅପରାହ୍ନ ସମୟରେ ପ୍ରାୟତଃ ବର୍ଷା ହୋଇଥାଏ। ସେ ଦୃଷ୍ଟିରୁ ପହଲଗାମ(ଗୁଳିକାଣ୍ଡ) ଅଞ୍ଚଳରେ ନବୁଲି ଘଟଣା ଦିନ ଚନ୍ଦନବାଡି ଚାଲିଯାଇ ସେଠାରୁ ଫେରି ଅପରାହ୍ନରେ ବୁଲିବାକୁ ସ୍ଥିର କରିଥିଲେ। ପ୍ରଭୁ ଜଗନ୍ନାଥ ଆମକୁ ରକ୍ଷା କରିଦେଲେ ବୋଲି କହିଛନ୍ତି। ସେଠାରୁ ସେ ଫୋନ୍‌ଯୋଗେ ବାପା ମାଆଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସେ ଜାମ୍ମୁ କାଶ୍ମୀରରୁ ଫେରି ଦିଲ୍ଲୀରେ ଅଛନ୍ତି। ପେଷାରେ ଅମୀୟ ଜଣେ ବ୍ୟବସାୟୀ ଅଟନ୍ତି।



## ପହଲଗାମ୍ ମୃତକଙ୍କ ସ୍ମୃତିରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

**ଧର୍ମଶାଳା,୨୫ା୪/ଏନ୍ଏନ୍ଏସ୍:** କାଶ୍ମୀର ପହଲଗାମ୍ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ଜଣ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଧର୍ମଶାଳା ବିଜେପି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶୋଭାଯାତ୍ରାରେ ଶହଶହ ବିଜେପିକର୍ମୀ ଏକତ୍ରିତ ହୋଇ ଜାରକା ବଜାର ପରିକ୍ରମା କରିଥିଲେ। ଏଥିସହ ପାକିସ୍ଥାନ ଓ ସନ୍ତ୍ରାସବାଦୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି କର୍ମୀ ଓ ନେତାମାନେ ସ୍ଲୋଗାନ୍ ଦେଇଥିଲେ।

## ବିଜେପିରେ ମିଶିଲେ ଶତାଧିକ ବିଜେଡି କର୍ମୀ



**କେନ୍ଦ୍ରାପଡ଼ା,୨୫ା୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସହର ଉପକଣ୍ଠରେ ଥିବା ହୋଟେଲ ଗୌରୀଶଙ୍କରରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ହୋଇଥିଲା। ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ବିଜେଡି କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଶତାଧିକ ବିଜେଡି କର୍ମୀ ଦଳ ତ୍ୟାଗ କରି ବିଜେପିରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଜେଡି ନେତ୍ରୀ ତଥା ରାଜନଗର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ପୁଷ୍ପଲତା ସିଅ,ରାଜପୁର ଗ୍ରାମପଞ୍ଚାୟତର ସମିତିସଭ୍ୟ ତଥା ବିଜେଡି ନେତା ଜନ୍ମେଜୟ ସେଠୀ, ପୂର୍ବତନ ସମିତିସଭ୍ୟ ବିଜ୍ଞାନ ରାଉତ, ବନ୍ଧପଡ଼ାର ବିଜେଡି ନେତା ଦିଲ୍ଲିପ କୁମାର ସିଅ, ଭିତରଗଡ଼ର ବିଜେଡି ନେତା ମହେନ୍ଦ୍ର କୁମାର ଦାସ, ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି। ସେହିପରି ଭିତରଗଡ଼ ଗ୍ରାମପଞ୍ଚାୟତର ୱାର୍ଡସଭ୍ୟ ନାରାୟଣ ପାତ୍ର, ଅନନ୍ତ ସାହାଣୀ, କମଳା ସାହାଣୀ, ଲକ୍ଷ୍ମୀଧର ବାରିକ, ଆଶାଲତା ବିଶ୍ୱାଳ, ସୁକୁମାର ମଣ୍ଡଳ, ବନ୍ଧପଡ଼ା ଗ୍ରାମପଞ୍ଚାୟତର ରମେଶ ରାଉତ, ସୁକାନ୍ତି ରାଉତ, ରବୀନ୍ଦ୍ର ମହାନ୍ତି ପ୍ରମୁଖ ମଧ୍ୟ ଏହି ମିଶ୍ରଣ ପର୍ବରେ ବିଜେପିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡ଼ା ବିଧାୟିକା ପ୍ରାର୍ଥୀ ଗିତାଞ୍ଜଳୀ ସେଠୀ, ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ନବରଙ୍ଗୀ ଚଢ଼େଇ ଗଣନାରେ ୩୩ ଦଳ

**ରାଜନଗର,୨୫ା୪/ଏନ୍ଏନ୍ଏସ୍:** ରାଜନଗର ବନଖଣ୍ଡରେ ଭିତରକନିକାର ଅନ୍ୟତମ ବୈଭବ ମ୍ୟାନଗ୍ରୁଭ ପିଟା(ନବରଙ୍ଗୀ ଚଢ଼େଇ) ଗଣନା ଶେଷ ହୋଇଛି। ବନଖଣ୍ଡର ୫ଟି ରେଞ୍ଜରେ ଏହି ସୁନ୍ଦର ପକ୍ଷୀର ଗଣନା ପାଇଁ ୩୩ଟି ଦଳ ଗଣନା କରିଥିଲେ।ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ବନ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ବନଖଣ୍ଡର ରାଜନଗର, କନିକା, ଗହୀରମଥା, ମହାକାଳପଡା ଓ କୁଜଙ୍ଗ ରେଞ୍ଜରେ ୭୫ଜଣ ସାମିଲ ହୋଇ ଗଣନା କରିଥିଲେ। କନିକା ରେଞ୍ଜରେ ୧୩ଟି ଦଳ, ରାଜନଗର ରେଞ୍ଜରେ ୧୦ଟି ଦଳ, ଗହୀରମଥା ରେଞ୍ଜରେ ଗୋଟିଏ ଦଳ, ମହାକାଳପଡ଼ା ରେଞ୍ଜରେ ୬ଟି ଦଳ ଓ କୁଜଙ୍ଗ ରେଞ୍ଜରେ ୩ଟି ଦଳ ଗଣନାରେ ସାମିଲ ହୋଇଥିଲେ।



# ସୁବିଧା କେନ୍ଦ୍ର ଉଦ୍‌ଘାଟିତ



**କଣ୍ଟାପଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ନବ ନିର୍ମିତ ସୁବିଧା କେନ୍ଦ୍ରକୁ ବିଧାୟକ ଇଂ. ଛବି ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ର ସ୍ଥାପନ ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ବିଧବା, ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ଭତ୍ତା ହିତାଧିକାରୀ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇପାରିବେ। ଏଠାରେ ସେମାନଙ୍କ ବସିବା ଓ ବିଶ୍ରାମ ପାଇଁ ସୁବିଧା କରାଯିବା ସହିତ ଥଣ୍ଡା ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ରହିଛି। କଣ୍ଟାପଡ଼ା ବ୍ଲକର ଏହି ଅଗ୍ରଣୀ ପଞ୍ଚାୟତରେ ଭତ୍ତାଧାରୀ ଓ ଅନ୍ୟାନ୍ୟ କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଏପରି ସୁବିଧା କେନ୍ଦ୍ର ପାଇ ଖୁସି ବ୍ୟକ୍ତ କରିଛନ୍ତି। ଆଜିର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିବା କେତେକ ବୃଦ୍ଧବୃଦ୍ଧାଙ୍କୁ ଥଣ୍ଡା ପାନୀୟ ଓ ଶୁଖିଲା ଖାଦ୍ୟ ବଣ୍ଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ରମୋହନ ସ୍ୱାଇଁ, ନାଏବ୍ ସରପଞ୍ଚ ମମତା ମୁଦୁଲି, ବିଡିଓ ସ୍ୱପ୍ନିତା ନାୟକ, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, କନିଷ୍ଠ ଯନ୍ତ୍ରୀ ସୁମନ ସୁଧାରାୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତମାଲିଲତା ମିଶ୍ର, ଯୁବ ସଂଗଠକ ବିପିନ ବେହେରା, ଅଶୋକ କୁମାର ସାମନ୍ତରାୟ, ପବିତ୍ର ମୋହନ ସାହୁ, କବି ପ୍ରସାଦ ବେହେରା, କମଳାକାନ୍ତ ସାହୁ, ସୁଦାମ ଚରଣ ମୁଦୁଲି, ନିବାସ ଚନ୍ଦ୍ର ଜେନା, ଯାମିନୀ କାନ୍ତ ଦାସ, ମନୋଜ ସିଂ, ରଞ୍ଜନ କୁମାର ଦାସ ଓ ଅଜୟ ଓଝାଙ୍କ ସହ ଏବଂ ବହୁ ସଂଖ୍ୟକ ଦଳୀୟ କର୍ମୀ ଯୋଗଦେଇଥିଲେ।

# ପୋଲ ନିର୍ମାଣ ଓ ପାଟନାଳୀର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ମାହାଙ୍ଗା,୨୫।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାର ଜଳ ସମ୍ପଦ ବିଭାଗ ଜଳ ନିକାସ ବିଭାଜନ ପକ୍ଷରୁ ୭୦ ଲକ୍ଷ ବ୍ୟୟ ଅଟକଳରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱରପୁର ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁର ବାଘାଳିଆଠାରେ ପୁନରୁଦ୍ଧାର କାର୍ଯ୍ୟ, ପୋଲ ନିର୍ମାଣ ଓ ପାଟ ନାଳୀର ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଉଦ୍‌ଘାଟକ ଓ ମୁଖ୍ୟଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପୋଲ ନିର୍ମାଣ ହେବା ଦ୍ୱାରା ତିନୋଟି ପଞ୍ଚାୟତର ଜନସାଧାରଣ ଓ ଚାଷୀମାନେ ଉପକୃତ ହେବେ। ପାଟନାଳୀ ଉପରେ ପୋଲ ନିର୍ମାଣ ହେବା ଦ୍ୱାରା ଅପର ପାର୍ଶ୍ୱରେ ଥିବା ହଜାର ହଜାର ଏକର ଚାଷ ଜମି ଚାଷ ହେବା ସହ ସହଜରେ ଅମଳ ହେଉଥିବା ଫସଲ ଆଣି ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭକ୍ତ ଚରଣ ସ୍ୱାଇଁ, ବିବେକାନନ୍ଦ ପାଣି, ନିର୍ମଳ ରାଉତଙ୍କ ସମେତ ବହୁ ଜନସାଧାରଣ ଓ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।



# ଶସ୍ୟବସ୍ତା ଚୋରି, ଜଣେ ଗିରଫ

**ବଳଙ୍ଗା,୨୫।୪/ଏନ୍‌ଏନ୍‌ଏସ୍:** ଗତକାଲି ବିଳମ୍ବିତ ରାତିରେ ବଳଙ୍ଗା ୭୬ ଘର ସୁଦର୍ଶନ ପୃଷ୍ଟିଙ୍କ ଧାନ ଚାଉଳ ଗୋଦାମ ଘରୁ ବିଭିନ୍ନ ଶସ୍ୟ ବସ୍ତା ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ କେସ୍ ନଂ-୮୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ଅଭିଯୁକ୍ତ ସୁବ୍ରତ କୁମାର ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ସୁଦର୍ଶନ ପୃଷ୍ଟି କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ସୁଦର୍ଶନଙ୍କ ଗୋଦାମ ଘରୁ ଅଭିଯୁକ୍ତ ଚୋରି କରୁଥିବା ସମୟରେ ସୁଦର୍ଶନ କିଛି ଶବ୍ଦ ଶୁଣି ନିଦ ଭାଙ୍ଗିଯାଇଥିଲା। ସେ ଉଠି ଦେଖିଲେ ଯେ ବଳଙ୍ଗା ମହାପାତ୍ର ସାହିର ସୁବ୍ରତ କୁମାର ମହାପାତ୍ର ଘଟଣାସ୍ଥଳରେ ଏକ ଅଟୋ ରଖି ଧାନ, ଚାଉଳ, ମୁଗ ଓ ବିରି ବସ୍ତା ଲୋଡ୍ କରୁଥିଲା। ସୁବ୍ରତ ସୁଦର୍ଶନଙ୍କୁ ଦେଖିବାରୁ ଗାଡ଼ି ଛାଡି ଘଟଣା ସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲା। ବଳଙ୍ଗା ପୁଲିସ ପାଖରେ ଅଭିଯୋଗ ହେବା ପରେ ବଳଙ୍ଗା ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଦୋରା ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ ସହ ଅଭିଯୁକ୍ତ ଘରେ ଚଢ଼ଉ କରି ସୁବ୍ରତଙ୍କ ଘରୁ ଧାନ, ମୁଗ, ବିରି ଓ ଚାଉଳ ଜବତ ସହ ତା'କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।



# ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ଓଡ଼ଗାଁ,୨୫।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମ ଶୁଣ୍ଡିସାହିର ଅବସରପ୍ରାପ୍ତ ତଥା ଆଦର୍ଶ ଶିକ୍ଷକ ବିପ୍ରଚରଣ ସାହୁଙ୍କ ବିୟୋଗରେ ଶୁକ୍ରବାର ଏକାଦଶାହ ଦିବସରେ କୁରାଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାମେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ଚୌଧୁରୀ, ଚନ୍ଦ୍ରମଣି ନାୟକ, ଲଡୁ କିଶୋର ସାହୁ, ରାମକୃଷ୍ଣ ଦାସ, ସୁରେଶ ପ୍ରଧାନ, ରଜତ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ନିରଞ୍ଜନ ମହାପାତ୍ର ଓ ଶିବପ୍ରସାଦ ଖଟେଇଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ୱର୍ଗତ ସାହୁଙ୍କ ଗୁଣଗାନ କରିଥିଲେ। ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ସଂଘ ପକ୍ଷରୁ ସମ୍ପାଦକ ମନୋଜ କୁମାର ନାୟକ କାର୍ଯ୍ୟ ପରିଚାଳନା କରିଥିବାବେଳେ ସ୍ୱର୍ଗତ ସାହୁଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# 'ଟ୍ରିପଲ୍ ଏ' ଖୋର୍ଦ୍ଧାରେ ସମର୍ କ୍ୟାମ୍ପ ଉଦ୍‌ଯାପିତ

**ଖୋର୍ଦ୍ଧା,୨୫।୪/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ୍ ଏ'ରେ ସମର କ୍ୟାମ୍ପ ୨୦୨୫ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡ଼ା. ନନ୍ଦକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଲିଉଡ୍ ତାରକା ଶଙ୍କର ପ୍ରଧାନ ଓ ବରେଣ୍ୟ ଅତିଥି ଭାବେ ଡା. କିଶୋର କୁମାର ଲେଙ୍କା, ଅଧ୍ୟକ୍ଷା ଡ଼ା. ଦିପ୍ତିମୟୀ ମହାନ୍ତି, ଆସୋସିଏଟ ଡାଇରେକ୍ଟର ମିତାଲି ପରିଡ଼ା ଓ ଇଷ୍ଟେଟ୍ ମ୍ୟାନେଜର ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ମ୍ୟୁଜିକାଲ ବ୍ୟାଣ୍ଡ କାର୍ଯ୍ୟକ୍ରମ କରାଯାଇଥିଲା। ଅଧ୍ୟକ୍ଷା ଡା. ମହାନ୍ତି ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ସମର୍ କ୍ୟାମ୍ପ୍‌ର ମୁଖ୍ୟ ତଥା କ୍ରୀଡ଼ା ଶିକ୍ଷକ ପ୍ରତାପ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ଏପ୍ରିଲ ୨୨ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜୁମ୍ବା, ଆଡଭେଞ୍ଚର ଆକ୍ଟିଭିଟି, ବାଲୁକା ଶିଳ୍ପ, ଚିତ୍ରକଳା, ପୁଲ୍ ପାର୍ଟି, ଧୂପକାଠି ତିଆରି, କ୍ରିକେଟ କୋଚିଂ, ପଟରୀ ଆଦି ଅନେକ ମନୋରଞ୍ଜନ ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବରେ ଓଡ଼ିଶା ରଣଜୀ କ୍ରିକେଟଖେଳାଳି ଆର୍ଯ୍ୟ ଦେବାଶିଷ ଭଞ୍ଜ, ସ୍କେଟିଂ କୋଚ ନିର୍ମଳ ନାୟକ, ଗେଟ୍‌ବଲ କୋଚ୍ ଇଂ. ସାଇ ରାମେଶ୍ୱର ଲେଙ୍କା ଉପସ୍ଥିତ ଥିଲେ। ପ୍ରତିଦିନ ପିଲାମାନଙ୍କୁ ସ୍ୱାସ୍ଥ୍ୟକର ପାନୀୟ ପ୍ରଦାନ କରାଯାଇଥିଲା। ଏହି ସମର କ୍ୟାମ୍ପ୍‌ରେ ପ୍ରସ୍ତୁତ ଧୂପକାଠି, ମାଟିର ହାଣ୍ଡିମାଠିଆ, ବାଲୁକାଶିଳ୍ପ ଓ ଆର୍ଟ ଗ୍ୟାଲେରୀକୁ ଅତିଥିମାନେ ପ୍ରଦର୍ଶନ କରିଥିଲେ। ଏହି ସଭାକୁ ଓଡ଼ିଆ ବିଭାଗ ମୁଖ୍ୟ ଶର୍ମିଷ୍ଠା ଗୁରୁମା ପରିଚାଳନା କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ଅଭିଭାବକମାନେ ସାଧୁବାଦ ଜଣାଇଛନ୍ତି।



# ପୁରୀରୁ କଣ୍ଟିଲୋ 'ଆମ ବସ୍ ସେବା' ପାଇଁ ଦାବି

**କଣ୍ଟିଲୋ,୨୫।୪/ଏନ୍‌ଏନ୍‌ଏସ୍:** ପୁରୀ ଶ୍ରୀକ୍ଷେତ୍ରରୁ ନୀଳମାଧବ କ୍ଷେତ୍ର କଣ୍ଟିଲୋକୁ 'ଆମ ବସ୍ ସେବା' ଯୋଗାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ନୂତନ ସରକାର ରାଜ୍ୟର ଶାସନ ଭାର ନେବା ପରଠାରୁ ରାଜ୍ୟର ବିଭିନ୍ନ ସମସ୍ୟାର ସମାଧାନ ସମ୍ପନ୍ନ ସହିତ ବିଭିନ୍ନ ପ୍ରକାର ଉନ୍ନତି ତଥା ବିକାଶମୂଳକ କାର୍ଯ୍ୟ ହାତକୁ ନେଇ ସେଗୁଡ଼ିକ କାର୍ଯ୍ୟକ୍ଷମ କରାଉଛନ୍ତି। ସେଥି ମଧ୍ୟରୁ 'ଆମ ବସ୍ ସେବା' ଅନ୍ୟତମ। ରାଜ୍ୟ ସରକାର ପୁରୀ ଶ୍ରୀକ୍ଷେତ୍ରରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପ୍ରମୁଖ ଦେବାଦେବୀ ମନ୍ଦିର ଓ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ 'ଆମ ବସ୍ ସେବା' ଯୋଗାଇ ଦେଇଛନ୍ତି। ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ଭାବେ ପରିଚିତ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ କ୍ଷେତ୍ର କଣ୍ଟିଲୋକୁ ଏ ପର୍ଯ୍ୟନ୍ତ 'ଆମ ବସ୍ ସେବା' ହୋଇ ନ ଥିବାରୁ କଣ୍ଟିଲୋର କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀମାନଙ୍କ ସହିତ ପାଖ ପଡ଼ୋଶୀ ପଞ୍ଚାୟତର ପ୍ରାୟ ପଚାଶ ହଜାର ଅଧିବାସୀ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଯଥାଶୀଘ୍ର ଉକ୍ତ ବସ୍ ସେବା ଯୋଗାଇ ଦେବା ପାଇଁ ନୟାଗଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ସାଇଁଶାସନ ପଞ୍ଚାୟତକୁ ପୁଷ୍ଟି ପଞ୍ଚାୟତ ପୁରସ୍କାର

**ବଳଙ୍ଗା,୨୫।୪/ଏନ୍‌ଏନ୍‌ଏସ୍:** ଜାତୀୟ ପଞ୍ଚାୟତିରାଜ ଦିବସରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶାସନ ପଞ୍ଚାୟତକୁ ପୁଷ୍ଟି ପଞ୍ଚାୟତ ପୁରସ୍କାର ପାଇଥିବା ନେଇ ସୂଚନା ମିଳିଛି। ସୂଚନା ମୁତାବକ ଗତକାଲି ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ସାଇଁଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପୁଷ୍ଟି ପଞ୍ଚାୟତ ପୁରସ୍କାର ପାଇଛନ୍ତି। ଏହି ସଭାରେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପଚାଶ ହଜାର ଟଙ୍କାର ଚେକ୍‌କୁ ଗ୍ରହଣ କରିଥିଲେ।



**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ.: EL-CON-KGP-RGT-ROP-25-02, dated 24.04.2025, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Dy. Chief Electrical Engineer (Con), ଦକ୍ଷିଣପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ସମ୍ପର୍କୀତ ସବିଶେଷ ବିବରଣୀ www.ireps.gov.in ରେ ଅପଲୋଡ୍ କରାଯାଇଛି। **ସବିଶେଷ କାର୍ଯ୍ୟ ବିବରଣୀ:** [illegible] **ଟେଣ୍ଡର ମୂଲ୍ୟ:** [illegible]/-, **ବିଡ୍ ସିକ୍ୟୁରିଟି/ ଇଏମ୍‌ଡି:** [illegible]/-, **କାର୍ଯ୍ୟ ଶେଷ କରିବାର ଅବଧି:** [illegible] ମାସ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** [illegible] ଘଣ୍ଟିକା, ଇଚ୍ଛୁକ ଟେଣ୍ଡର ଆବେଦନକାରୀ ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ/ ସୂଚନା/ ବିଷୟବସ୍ତୁ ସମ୍ପର୍କରେ ଜାଣିବା ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ନିଜ ନିଜ ବିଡ୍ ଅନଲାଇନ୍ ଯୋଗେ ଦାଖଲ କରିପାରିବେ। ଏହି ଟେଣ୍ଡର କାର୍ଯ୍ୟ ପାଇଁ ମାନୁଆଲ ମୋଡ୍ ଅର୍ଥାତ୍ ଅଫ୍‌ଲାଇନ୍ ମୋଡ୍ ଯୋଗେ ମିଳିଥିବା ଆବେଦନଗୁଡ଼ିକ କୌଣସି ପରିସ୍ଥିତିରେ ମଧ୍ୟ ଗ୍ରହଣୀୟ ନୁହେଁ। ବି.ଦ୍ର: ଇଚ୍ଛୁକ ଟେଣ୍ଡର ଆବେଦନକାରୀ ଅନ୍ୟ ସମସ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ।

(PR-80)

# ଦୁର୍ଘଟଣାରେ ମୋଟରସାଇକେଲ ଆରୋହୀଙ୍କ ମୃତ୍ୟୁ

**ଜଟଣୀ,୨୫।୪/ଏନ୍‌ଏନ୍‌ଏସ୍:** ସହର ମଧ୍ୟରେ ଥିବା ଉଡ଼ନ୍ତା ପୋଲ ଉପରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୨ ସମୟରେ ଓଡ଼ି୩୩ ଏଜି ୬୨୩୩ ନମ୍ବର ବିଶିଷ୍ଟ ଏକ ନୀଳ ରଙ୍ଗର ୟାମାହା ସ୍ପୋର୍ଟସ ମୋଟରସାଇକେଲ୍ ଆରୋହୀ ଜ୍ଞାନରଞ୍ଜନ ନନ୍ଦ (୨୬) ଙ୍କ ସଡ଼କ ଦୁର୍ଘଟଣାରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ନିଜ ଘର ପୁରୀ ମାର୍କଣ୍ଡେଶ୍ୱର ସାହି ହୋଇଥିବା ବେଳେ ସେ ଜଟଣୀର ମୁଣ୍ଡିଆ ସାହି ଅଞ୍ଚଳରେ ରହି କୁଦିଆରି ଅଞ୍ଚଳରେ ଏକ ଘରୋଇ ଏଜେନ୍ସିରେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣା ଘଟିଥିବା ସ୍ଥଳରେ ରୁଣ୍ଡ ହୋଇଥିବା କିଛି ଲୋକଙ୍କ ଠାରୁ ଶୁଣିବାକୁ ମିଳିଥିଲା ଯେ କୁଦିଆରି ପଟୁ ସୀତାରାମ ଛକ ଅଭିମୁଖେ ଯାଉଥିବା ମୋଟରସାଇକେଲର ବେଗ ଦୁର୍ଘଟଣା ସମୟରେ ଜୋର ଥିଲା ସେହି ସମୟରେ ଖୋର୍ଦ୍ଧା ଦିଗରୁ ଆସୁଥିବା ଏକ ମାଲ୍ ବୋଝେଇ ଟ୍ରକ ସାଇଡ ମାରିଦେବା ଫଳରେ ଭାରସାମ୍ୟ ହରାଇ ଟ୍ରକ୍‌ରେ ଘସି ହୋଇ ବ୍ରିଜ ଉପରେଥିବା ଡିଭାଇଡର୍‌ରେ ତାଙ୍କ ମୁଣ୍ଡ ପିଟି ହୋଇଯାଇଥିଲା। ଯାହା ଫଳରେ ମୁଣ୍ଡଟି ବାଡ଼େଇ ହୋଇ ନଷ୍ଟ ହୋଇଯାଇଥିଲା। ଖବର ପାଇ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୁଲିସ ଉପସ୍ଥିତିରେ ମୃତ ଦେହକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ତେବେ ଦୁର୍ଘଟଣା ସମୟରେ ଉକ୍ତ ଅଞ୍ଚଳରେ ନିଜସ୍ୱ ଘର ବାହାରେ ଲାଗିଥିବା ସିସିଟିଭି ଫୁଟେଜରୁ କିଛି ସୁରାକ୍ ମିଳିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



## ସାଇମନ୍ଦିରର ବାର୍ଷିକ ଉତ୍ସବ ପ୍ରସ୍ତୁତି

**କିଶୋରନଗର,୨୫।୪/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ ସୋମପୁରଠାରେ ସାଇ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୭ରୁ ୩୦ ତାରିଖ ଚାରିଦିନ ବ୍ୟାପି ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଇ ମନ୍ଦିର ଟ୍ରଷ୍ଟ ବୋର୍ଡର ରବୀନ୍ଦ୍ର ସ୍ୱାଇଁ, ପଦ୍ମନାଭ ବେହେରା, ନୃସିଂହ ଚରଣ ସ୍ୱାଇଁ, ସତ୍ୟ ଜେନା, ଦୁର୍ଗା ପ୍ରସାଦ ନାୟକ, ଜଗବନ୍ଧୁ ମହାନ୍ତି, ଅଜଗର ଅଲ୍ଲୀ, କାର୍ତ୍ତିକ ରାୟ, ମଧୁ ବେହେରା, କୁନୁ ବେହେରା ଓ ରାମଚନ୍ଦ୍ର ବେହେରା ସାଇ ପରିବାରର ସଦସ୍ୟ ପ୍ରମୁଖ ଜଣାଇଛନ୍ତି।

# ଆତଙ୍କବାଦୀ ଆକ୍ରମଣକୁ ଅହମ୍ମଦୀୟା ମୁସଲିମ୍ ସମ୍ପ୍ରଦାୟର ନିନ୍ଦା

**ଖୋର୍ଦ୍ଧା,୨୫।୪/ଏନ୍‌ଏନ୍‌ଏସ୍:** ଅଖିଳ ଭାରତ ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରେସ-ମିଡ଼ିଆ ସଚିବ ମୌଲାନା କେ.ତାରିକ ଅହମ୍ମଦ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି ଯେ ଜମ୍ମୁ ଓ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଆକ୍ରମଣ କେବଳ ମାନବାଧିକାରର ଖୋଲା ଉଲ୍ଲଙ୍ଘନ ନୁହେଁ ବରଂ ଧର୍ମ, ନୈତିକତା ଏବଂ ମାନବିକତାର ମୂଲ୍ୟବୋଧର ବିରୁଦ୍ଧ। ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟ ଏହି ଦୁଃଖଦ ଘଟଣା ଉପରେ ଗଭୀର ଶୋକ ପ୍ରକଟ କରୁଛି ଏବଂ ପୀଡ଼ିତ ପରିବାରଙ୍କ ପ୍ରତି ସମବେଦନା ଜଣାଉଛି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟ ସମସ୍ତ ପ୍ରକାରର ଆତଙ୍କବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଦୃଢ଼ ଭାବରେ ଛିଡ଼ା ହୋଇଛି। ସବୁବେଳେ ଶାନ୍ତି,ସହନଶୀଳତା ଏବଂ ମାନବତାର ସୁରକ୍ଷା ପାଇଁ ସ୍ୱର ଉଠାଇ ଆସିଛି। ସମ୍ପ୍ରଦାୟର ଏହା ଦୃଢ଼ ବିଶ୍ୱାସ ଯେ ଆତଙ୍କବାଦର ଇସଲାମ ସହିତ କୌଣସି ସମ୍ପର୍କ ନାହିଁ। ସର୍ବଶକ୍ତିମାନ ଆଲ୍ଲାଃ ପବିତ୍ର କୋରାନରେ ସ୍ପଷ୍ଟ ଭାବେ କହିଛନ୍ତି, ଯିଏ ଜଣେ ବ୍ୟକ୍ତିକୁ ହତ୍ୟା କଲା ଅଥବା ଦେଶରେ ବିଶୃଙ୍ଖଳା ସୃଷ୍ଟି କରିଛି, ସେ ଏପରି ବ୍ୟକ୍ତି ଯେପରିକି ସେ ସକଳ ମାନବ ଜାତିକୁ ହତ୍ୟା କରିଛି। ଉକ୍ତ ପଙ୍କ୍ତିଟି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ ବଳିଷ୍ଠ ପ୍ରତିଫଳିତ କରୁଛି। ଜଣେ ନିର୍ଦ୍ଦୋଷଙ୍କ ଜୀବନ ନେବା ସମଗ୍ର ମାନବଜାତି ଉପରେ ଆକ୍ରମଣ ବୋଲି ବିବେଚନା କରାଯାଏ।



**ଘୋଷଣାନାମା**

ମୁଁ ଚିତ୍ତରଞ୍ଜନ ଦାଶ, ପିତା-ନିରଞ୍ଜନ ଦାଶ, ଗ୍ରାମ-ବାରବାଟି, ପୋ-ଛାଣିପୁର, ଥାନା-ସାଲେପୁର, ଜିଲ୍ଲା-କଟକ ଏତଦ୍ୱାରା ଘୋଷଣା କରୁଅଛି ଯେ ମାନ୍ୟବର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ସାଲେପୁରଙ୍କ ଅଦାଲତରେ ସତ୍ୟପାଠ ଦାଖଲ କରିଅଛି ଯେ ମୋର ନାବାଳକ ପୁତ୍ରର ନାମ ଶୁଭଜିତ ଦାଶ ଅଟେ, କିନ୍ତୁ ତାର ଆଧାର କାର୍ଡରେ ନାମ ଭୁଲରେ ଶୁଭରଞ୍ଜିତ ଦାଶ ହୋଇଛି। ତେଣୁ ଶୁଭଜିତ ଦାଶ ଏବଂ ଶୁଭରଞ୍ଜିତ ଦାଶ ଉଭୟ ଗୋଟିଏ ନାମ ଏବଂ ଜଣେ ବ୍ୟକ୍ତି ଅଟନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Nayagarh. Affidavit no. 73AA425376, Dt. 25.04.2025 I Sushant Mohapatra, Address - At - Ghadual, Po/Ps/Dist - Nayagarh, Odisha declare that I have changed my minor daughter's name from Sucharita Mahapatra (Old name) to Snigdha Sucharita Mohapatra (New Name). Henceforth, she shall be known as SNIGDHA SUCHARITA MOHAPATRA (New name) for all purposes.

Sd/- Sushant Mohapatra

# ବିଭିନ୍ନ ସ୍ଥାନରେ ପହଲଗାମ୍ ମୃତକଙ୍କ ସ୍ମୃତିରେ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି

**ବେଗୁନିଆ,୨୫।୪/ଏନ୍‌ଏନ୍‌ଏସ୍:** କଶ୍ମୀରର ପହଲଗାମ୍‌ଠାରେ ପାକିସ୍ତାନର ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ନାଗରିକଙ୍କ ଆତ୍ମାର ସଦ୍‌ଗତି କାମନା କରି ଗଡ଼ମାଣତୀର ଭାରତୀୟ ଜନତା ପାର୍ଟି ତରଫରୁ ମହମ ଶୋଭାଯାତ୍ରା ହୋଇଯାଇଛି। ଏଥିରେ ବିଜେପି ନେତା ଯଜ୍ଞେଶ୍ୱର ସୁନ୍ଦରାୟଙ୍କ ନେତୃତ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରୁ ଆରମ୍ଭ ହୋଇ ପଞ୍ଚାୟତ ପରିଭ୍ରମଣ କରି ପାକିସ୍ତାନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଗଡ଼ମାଣତୀର ପଞ୍ଚାୟତ ସମିତି ସଭ୍ୟ ସଦାଶିବ ସୁନ୍ଦରାୟ, ପୂର୍ବତନ ସେନା କର୍ମଚାରୀ ମହନ୍ତ ମଙ୍ଗରାଜ, ଦାଶରଥି ରାଉତରାୟ, ଲକ୍ଷ୍ମୀଧର ଛୋଟରାୟ, ରାଘବ ଛୋଟରାୟ, ପ୍ରମୋଦ ରାଉତରାୟ, ଇନ୍ଦ୍ରମଣି ରଣସିଂହ, କେଦାର ଗଜେନ୍ଦ୍ର, ଦେବାଶିଷ ମଙ୍ଗରାଜ, ଲୋକନାଥ ସାହୁ, ନିରଞ୍ଜନ ସେଠୀ, ରମେଶ ପାଇକରାୟଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ। ସୁଦର୍ଶନ ଛୁଆରସିଂହ ଏହାକୁ ପରିଚାଳନା କରିଥିଲେ।







**କଣ୍ଟିଲୋ:** କଶ୍ମୀରର ପହଲଗାମ୍‌ରେ ପାକିସ୍ତାନର ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ନାଗରିକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା ଓ ବାଉରୀ ସୁବୁଦ୍ଧି ପାଟଣାର (ଥୋଡ଼ିଆ ସାହି) ଶତାଧିକ ଅଧିବାସୀ ଏକ ମହମ୍‌ବତୀ ଶୋଭାଯାତ୍ରା କରିଥିଲେ। ସାହିର ନୂତନ ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସାହି ରଘୁନାଥ ଜିଉଙ୍କ ମନ୍ଦିର ପାଖରୁ ବାହାରି କଣ୍ଟିଲୋର କମାର ସାହି, ମଠସାହି, କଂସାରି ସାହି ପାଟଣା, ବାପୁଜୀ ନଗର, ବଜାର, ହାଟମୁଣ୍ଡ ପାଟଣା, ମଝିସାହି, ସେବକ ସାହି, ଛାମୁ ପାଟଣା, କେଉଟ ସାହି, ମେଡିକାଲ ଛକ ଦେଇ ରଘୁନାଥ ଜିଉଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଏକ ସଭା କରି ମୃତ୍ୟୁବରଣ କରିଥିବା ସମସ୍ତ ଭାରତୀୟଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଠାକୁରଙ୍କ ନିକଟରେ ନୀରବ ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଯାଇଥିଲା। ଦୁଃଖରେ ମ୍ରିୟମାଣ ହୋଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର କାଣ୍ଡି ମୃତକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେବାକୁ ଶୋଭାଯାତ୍ରାରେ ଯାଉଥିବା ଦେଖିବାକୁ ମିଳିଥିଲା।

## ୫ ଦିନ ପରେ ବିଦ୍ୟୁତ୍ ସେବା ପାଇଲେ ୨ ଗ୍ରାମବାସୀ

**ଖଣ୍ଡପଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ସେବା ବ୍ୟାହତ ଯୋଗୁଁ ଗତ ୫ଦିନ ଧରି ଖଣ୍ଡପଡା ବ୍ଲକର କୋସକା ପଞ୍ଚାୟତ ଅଧିନ ଆଦିବାସୀ ଗ୍ରାମ ରତାଖଣ୍ଡି ଓ ଗୁରିଆବାରୀର ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ ଖୁଣ୍ଟ ଓ ତାର ସଜଡ଼ାଯିବା ପରେ ଉକ୍ତ ୨ ଗ୍ରାମର ବାସିନ୍ଦା ୫ ଦିନ ପରେ ବିଦ୍ୟୁତ ସେବା ପାଇଥିବା ଜଣାଯାଇଛି। ପ୍ରକାଶ ଥାଉ କି ଗଣିଆ ଅଞ୍ଚଳରୁ ଉକ୍ତ ୨ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଗଣିଆ ପରିବର୍ତ୍ତେ ଖଣ୍ଡପଡ଼ା ନତୁବା କଣ୍ଟିଲୋ ସେକ୍ସନରୁ ଉକ୍ତ ୨ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦିଆଗଲେ ଗ୍ରାମବାସୀ ବିଶେଷ ଭାବେ ଉପକୃତ ହୋଇପାରନ୍ତେ। ଏଥିପ୍ରତି ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**MAHANGA PUSPAGIRI MAHAVIDYALAYA**
At-Erakana, Po-Podamarai, Dist-Cuttack, 754206
**TENDER CALL NOTICE**
**TENDER DOCUMENT FOR PROCUREMENT OF COMPUTER HARDWARE, PERIPHERAL AND OTHER IT EQUIPMENTS**

The interested firms / dealers may download the tender papers in details from college website. List of equipment with specification are available in the website www.mpmahavidyalaya.org.in

Shri Prasanta Kumar Beura
Principal

**OFFICE OF THE PRINCIPAL**
**SHREE JAGANNATH MAHAVIDYALAYA, NAUGAONHAT, JAGATSINGHPUR**

Tender Call Notice - 01/SJM/25 Dt. 24.04.2025

Sealed Tenders are invited from reputed firms through Regd. Post for procurement of Desktop, UPS, MFM Printer, LED TV, Wireless Mice & Camera and Internet Facility.

1. The detailed specification, Terms & conditions etc. will be available in the college office.
2. The last date of submission of bids-within three weeks of this publication.
3. The Principal reserves every right to cancel the bids at any point of time.

Further details, please contact - 9438126260, 6370369481

Sd/- Principal, S.J. Mahavidyalaya,
Naugaonhat, Jagatsinghpur

## ପ୍ରଥମ ପୃଷ୍ଠାରୁ

### ସର୍ଚ୍ଚ ଅପରେସନ୍ ...

ଅଭିଯୋଗରେ ପାକିସ୍ତାନ ବିରୁଦ୍ଧରେ ଭାରତ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ କୂଟନୈତିକ ଏବଂ ସୁରକ୍ଷା ପ୍ରତିକ୍ରିୟା ସୃଷ୍ଟି କରିଛି । ତେବେ ଏସବୁ ମଧ୍ୟରେ ପହଲଗାମ୍ ଘଟଣାର ଅପରାଧୀ ଅର୍ଥାତ୍ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ୍‌କୁ ଭାରତୀୟ ସେନା ଜୋରଦାର କରିଛି ।

ଶୁକ୍ରବାର ପଳାୟନ କରିଥିବା ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ଚାଲିଥିବା କମ୍ବିଂ ଅପରେସନ୍ ଦ୍ୱିତୀୟ ଦିନରେ ପହଞ୍ଚିଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ବହୁସ୍ତରୀୟ ଘେରାବନ୍ଦୀକୁ ସୁଦୃଢ଼ କରିଛନ୍ତି । ଆତଙ୍କବାଦୀମାନେ ଲୁଚି ରହିଥିବା ସନ୍ଦେହ କରାଯାଉଥିବା ଉଦ୍ଧମପୁର ଜିଲ୍ଲାର ଜଙ୍ଗଲ ଅଞ୍ଚଳ ସହିତ କିସ୍ତୱାର, କାଠୁଆ, ରାଜୌରୀ ଏବଂ ପୁଞ୍ଚର ଅଞ୍ଚଳଗୁଡ଼ିକୁ ଖୋଳତାଡ଼ କରୁଛନ୍ତି । ବିଶେଷକରି କାଠୁଆ ଅଞ୍ଚଳରେ ୪ ସନ୍ଦିଗ୍ଧଙ୍କ ବାବଦରେ ସ୍ଥାନୀୟ ଲୋକଙ୍କ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି । "ଡୁଡୁ-ବସନ୍ତଗଡ଼ରେ ସେନା, ପୋଲିସ ଏବଂ ସିଆରପିଏଫ୍ ସ୍ୱତନ୍ତ୍ର ବାହିନୀ ଦ୍ୱାରା ସନ୍ଧାନ ଅଭିଯାନ ଜାରି ରହିଛି । ଏହି ଅଭିଯାନକୁ ଏକ ଚପର ଏବଂ ଡ୍ରୋନ୍ ଦ୍ୱାରା ଆକାଶ ମାର୍ଗରେ ନଜର ରଖାଯାଇଛି । ଘରକୁ ଘର, ଗଳି ଗଳି କରି ତଲାସୀ ଅଭିଯାନ ଜାରି ରହିଛି । ଭାରତୀୟ ସେନା, ଜମ୍ମୁ କାଶ୍ମୀର ପୁଲିସ ଏବଂ ସିଆରପିଏଫ୍ ଯବାନ୍‌ଙ୍କ ପକ୍ଷରୁ ଜମ୍ମୁ-କାଶ୍ମୀରରେ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଶୁକ୍ରବାର ଦେଶର ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଛନ୍ତି । ଶାହ, ସମସ୍ତ ମୁଖ୍ୟମନ୍ତ୍ରୀମାନଙ୍କୁ ନିଜ ନିଜ ରାଜ୍ୟରେ ସର୍ଚ୍ଚ ଅପରେସନ୍ ବ୍ୟାପକ କରିବା ପୂର୍ବକ ପ୍ରତ୍ୟେକ ଗଳିକନ୍ଦିରୁ ଖୋଜି ଖୋଜି ପାକିସ୍ତାନୀ ନାଗରିକଙ୍କୁ ବାହାର କରିବାକୁ ଏବଂ ସେମାନଙ୍କୁ ବିଦା କରିବାକୁ ଅପିଲ୍ କରିଛନ୍ତି । ଦୁଇ ଦିନ ପୂର୍ବେ ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସାର୍କ ଭିସା ବ୍ୟବସ୍ଥାକୁ ରଦ୍ଦ କରିଥିଲେ । ଏହାର ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶକୁ କିପରି କଡ଼ାକଡ଼ି ପାଳନ କରାଯିବ ସେ ନେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ କଥା ହୋଇଛନ୍ତି । କୌଣସି ବି ପାକିସ୍ତାନୀ ଯେପରି କି ଧାର୍ଯ୍ୟ ସମୟ ପରେ ଭାରତରେ ନ ରୁହନ୍ତି ସେଥିପ୍ରତି କଡ଼ା ଦୃଷ୍ଟି ଦେବାକୁ ଶାହା କହିଛନ୍ତି ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶୁକ୍ରବାର ଶ୍ରୀନଗରରେ ପହଞ୍ଚିଛନ୍ତି । ଏଠାରେ ସେନା କମାଣ୍ଡରମାନେ ଜେନେରାଲ ଦ୍ୱିବେଦୀଙ୍କୁ ବର୍ତ୍ତମାନର ପରିସ୍ଥିତି ଏବଂ ଆତଙ୍କବାଦୀଙ୍କ ବିରୋଧରେ ସେନା ଦ୍ୱାରା ନିଆଯାଇଥିବା ଏବଂ ନିଆଯାଉଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ସେନା ମୁଖ୍ୟଙ୍କୁ ନିୟନ୍ତ୍ରଣ ରେଖାର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ମଧ୍ୟ ଅବଗତ କରାଯାଇଥିଲା । ତେବେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସେନାମୁଖ୍ୟଙ୍କ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିବା ବେଳେ ସୀମାରେ ସେନାବଳକୁ ଉଭୟ ଦେଶ ବୃଦ୍ଧି କରିବାରେ ଲାଗିଛି । ଏପରି ସମୟରେ ଭାରତୀୟ ସେନା ମୁଖ୍ୟ ଶ୍ରୀନଗର ଗସ୍ତରେ ଆସିବା ଏବଂ ଏଠାକାର ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ନିଶ୍ଚିତରୂପେ ଚିନ୍ତାଜନକ । ରିପୋର୍ଟ ଅନୁସାରେ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ନିଜ ଗସ୍ତ ଅବସରରେ ଏଠାରେ ଥିବା ଅବନ୍ତିପୋରାରେ ଭିକ୍ଟର ଫୋର୍ସର ମୁଖ୍ୟାଳୟ, ଚିନାର କର୍ପସର ମୁଖ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିଗୁଡ଼ିକୁ ମଧ୍ୟ ପରିଦର୍ଶନ କରିବେ । ସେନା ମୁଖ୍ୟଙ୍କ ଏହି ଗସ୍ତ ସମୟରେ, ସେନାର ୧୫ତମ କୋରସର କମାଣ୍ଡର ଏବଂ ଜାତୀୟ ରାଇଫଲର ଅନ୍ୟ କମାଣ୍ଡରମାନେ ଉପସ୍ଥିତ ଥିଲେ । ଅନ୍ୟ ଏକ ରିପୋର୍ଟ ଅନୁସାରେ ଶୁକ୍ରବାର ନିୟନ୍ତ୍ରଣ ରେଖାର କିଛି ସ୍ଥାନରେ ଗୁଳିଚାଳନା ହୋଇଥିଲା । ପାକିସ୍ତାନ ପଟୁ ଗୁଳିମାଡ଼ କରାଯାଉଥିବା ବେଳେ ଭାରତୀୟ ସେନା ଏହାର ମୁହଁତୋଡ ଜବାବ ଦେଇଛି ।

### ଓଡ଼ିଶାରୁ ତଡ଼ା ଖାଇବେ ...

ମୁଖ୍ୟମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା କରି ରାଜ୍ୟୱାରୀ ସବୁ ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରି ବିଦା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ୧୨ ଜଣ ପାକିସ୍ତାନୀ ନାଗରିକ ଲମ୍ବା ସମୟ ଧରି ଭିସା ନେଇ ଓଡ଼ିଶାରେ ରହିଥିବା ଜଣାପଡ଼ିଛି । ସେମାନଙ୍କୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଖୋଜି ଚିହ୍ନଟ କରାଯାଇଛି । ତୁରନ୍ତ ସେମାନଙ୍କୁ ଓଡ଼ିଶାରୁ ୪୮ ଘଣ୍ଟା ଭିତରେ ବିଦାକରି ପାକିସ୍ତାନ ପଠାଇବା ନିମନ୍ତେ ପ୍ରକ୍ରିୟା ଆରମ୍ଭହେବ ବୋଲି ଗୃହ ବିଭାଗ ସ୍ପଷ୍ଟ କରିଛି ।

### ଚିରନିଦ୍ରାରେ କେ. ...

ପର୍ଯ୍ୟନ୍ତ ଇସ୍ରୋ ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳିଥିଲେ । ତାଙ୍କ ନେତୃତ୍ୱରେ 'ଚନ୍ଦ୍ରାୟନ' ଭଳି ମିଶନର ଯୋଜନା ଆରମ୍ଭ ହୋଇଥିଲା । ସେ ନୂତନ ଶିକ୍ଷା ନୀତି (ଏନ୍‌ଇପି)ର ଡ୍ରାଫ୍ଟିଂ କମିଟିର ଅଧ୍ୟକ୍ଷ ଥିଲେ । ସେହିପରି ପୂର୍ବରୁ ଅର୍ଥାତ୍ ୟୁପିଏ ନେତୃତ୍ୱାଧୀନ ସରକାର ସମୟରେ ଯୋଜନା ଆୟୋଗର ସଦସ୍ୟ ଥିବା କସ୍ତୁରୀରଙ୍ଗନ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର କୁଳପତି ଏବଂ କର୍ଣ୍ଣାଟକ ଜ୍ଞାନ ଆୟୋଗର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ସେ ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟସଭାର ସଦସ୍ୟ ଥିଲେ । କସ୍ତୁରିରଙ୍ଗନ ଏପ୍ରିଲ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ୍ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଥିଲେ । ସେ କେନ୍ଦ୍ରର ଅନେକ କମିଟିର ନେତୃତ୍ୱ ନେଇଥିଲେ କିମ୍ବା ଏହାର ଅଂଶ ରହିଥିଲେ । ସେ ଉଚ୍ଚଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ସମେତ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ପରାମର୍ଶ ଦେଇଥିଲେ । ସେ ପରୀକ୍ଷଣାତ୍ମକ ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ । ୧୯୯୪ ମସିହାରେ ଇସ୍ରୋ ମୁଖ୍ୟ ହେବା ପୂର୍ବରୁ ସେ ଇସ୍ରୋ ସାଟେଲାଇଟ୍ ସେଣ୍ଟର୍‌ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ସମ୍ଭାଳିଥିଲେ । ସେ ଭାରତର ପ୍ରଥମ ଦୁଇଟି ପରୀକ୍ଷାମୂଳକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଭାସ୍କର-୧ ଏବଂ ଭାସ୍କର-୨ର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଥିଲେ ।

### ୫ ଦିନ ଯାଏ ଜାରି ...

ଆସନ୍ତାକାଲି ପ୍ରବଳ ତାତି ନେଇ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗୀରର ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ଏହାସହ ଉଷ୍ମ ଓ ଆର୍ଦ୍ର ସ୍ଥିତିକୁ ନେଇ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଏହି ୧୧ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ବିଭାଗ । ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିବା ବେଳେ ମାଲକାନଗିରି, ଗଞ୍ଜାମ, କୋରାପୁଟ, ମୟୁରଭଞ୍ଜରେ ବିଜୁଳି ଘଡ଼ଘଡ଼ି ବର୍ଷା ସହ ୩୦ରୁ ୪୦ କିମିର ଝଡ଼ ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ୨୯ ତାରିଖ ଯାଏ ପ୍ରବଳ ତାତି ସହ କାଳବୈଶାଖୀ ବର୍ଷା ବି ଜାରି ରହିବ ବୋଲି ପୂର୍ବାନୁମାନ କରିଛି ବିଭାଗ । ସେପଟେ ଆସନ୍ତା ୩ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ତାପମାତ୍ରା ହ୍ରାସହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେପଟେ ଗତ ୨୪ ଘଣ୍ଟାରେ ୧୮ ସ୍ଥାନରେ ୪୦ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ବେଳେ ଝାରସୁଗୁଡ଼ାରେ ସର୍ବାଧିକ ୪୫.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି କିଛି ସ୍ଥାନରେ ଗଂଜାମ ପୋଲସରାରେ ସର୍ବାଧିକ ୨୯.୪ ମିମି ବର୍ଷା ରେକର୍ଡ କରାଯାଇଛି ।

### ଅଦିନିଆ ଝଡ଼ ନେଲା ...

ପ୍ରାୟ ୪ଟା ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା । ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଜୋର୍‌ରେ ପବନ ବହୁଥିଲା । ଏହି ସମୟରେ ରବି ନନ୍ଦ ଏକ ଅଟୋରେ ବଲାଙ୍ଗୀର ସହର ଲର୍କିପାଲିକୁ ବାହାଘର କାର୍ଯ୍ୟକ୍ରମକୁ ଆସୁଥିଲେ । ଠିକ୍ କସାବାହାଲ ନିକଟରେ ଏକ ବିରାଟ ନିମ୍ବଗଛ ଅଟୋ ଉପରେ ଉପୁଡ଼ି ପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ଅଟୋ ଡ୍ରାଇଭର୍ ଓ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ପୁଇଁତଲା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବା ସୂଚନା ମିଳିଛି ।

### ଗଠିତ ହେଲା ୪୬ ଜୁନିଅର୍ ...

ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମରେ ଗଠିତ ହୋଇଛି । ଉକ୍ତରୋକ୍ତ ୪୬ଟି କୋର୍ଟ ଗଠନ ହେବା ପରେ ଏହିସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିଅର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡ଼ିକର ଅଧିକାର ସମାପ୍ତ ହୋଇଛି ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛି ।

## ସିଡିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

# ତୃତୀୟ ଦିନରେ ଅଙ୍ଗନବାଡ଼ି କର୍ମୀଙ୍କ ଆନ୍ଦୋଳନ

**କଟକ,୨୫।୪/ଏନ୍‌ଏନ୍‌ଏସ୍ :** ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କଟକରେ ଅଙ୍ଗନବାଡ଼ି କର୍ମୀମାନେ କରୁଥିବା ଆନ୍ଦୋଳନ ଆଜି ତୃତୀୟ ଦିନରେ ପହଁଚିଛି । ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତାକୁ ଓହ୍ଲାଇଥିବା ଶହଶହ ଅଙ୍ଗନବାଡ଼ି କର୍ମୀ କଟକ ସିଡିପିଓ ଦୁର୍ନୀତିରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ମଧ୍ୟ ହୋଇସାରିଛି । କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ଧାରଣାରତ କର୍ମୀମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ଏହା ପୂର୍ବରୁ ମଧ୍ୟ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖି ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନରତ ଅଙ୍ଗନବାଡ଼ି କର୍ମୀମାନେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି । ସିଡିପିଓଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଆସିଛି । ସେ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାର ଏକାଧିକ ଅଭିଯୋଗ ରହିଛି । ତେଣୁ ତାଙ୍କର ବଦଳି ନହେବା ଯାଏ କୌଣସି କର୍ମୀ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।



## ପହଲଗାମ ଆତଙ୍କୀ ଆକ୍ରମଣ ପ୍ରତିବାଦରେ ମହମବତୀ ଶୋଭାଯାତ୍ରା

**କଟକ,୨୫।୪/ଏନ୍‌ଏନ୍‌ଏସ୍:** ଜମ୍ମୁ କାଶ୍ମୀର ପହଲଗାମଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କୀ ଆକ୍ରମଣ ପ୍ରତିବାଦରେ ଆଜି ସନ୍ଧ୍ୟାରେ କଦମରସୁଲ ଯୁବକ ସଂଘ ଓ କଟକ ମାଇନରୀଟି ସୋସାଇଟି ପକ୍ଷରୁ କଦମେରସୁଲ ସମ୍ମୁଖରେ ଶୋକସଭା ଓ ମହମବତୀ ଶୋଭାଯାତ୍ରା ସଂଘର ସଭାପତି ଜନାବ ମହମ୍ମଦ ଅଜିଜୁର ରହିମଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନଙ୍କ ଦ୍ୱାରା ସହିଦ ହୋଇଥିବା ସମସ୍ତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା ଅନୁଷ୍ଠିତ ହୋଇଥିଲା, ଉକ୍ତ ଶୋକସଭାରେ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂହ, ମହମ୍ମଦ ସକିଲ, ୱାକଫବୋର୍ଡର ପୂର୍ବତନ ଅଧ୍ୟକ୍ଷ ସୟଦ ଏକ୍ରାମ ହୁସେନ, ପୂର୍ବତନ କର୍ପୋରେଟର୍ ମହମ୍ମଦ ଆରିଫ ଫଏମିଦ, ରମଜାନ ଖାନ, ସେକ୍ ଲିୟାକୁଦ୍ଦିନ ଅହେମଦ, ସେକ ସମିମଉଲ୍ଲା, ସ୍ଥାନୀୟ କର୍ପୋରେଟର୍ ଅରୁନ୍ଧତୀ କର, ସମାଜସେବୀ ସେକ ଓବେଦୁଲ୍ଲା, ମହମ୍ମଦ ସଲିମ, ମହମ୍ମଦ ସନାଉଲ୍ଲା, ମିର୍ଜା ପୁନମ ବେଗ, ସଂଘର ସମ୍ପାଦକ ଉସମାନ ଖାନ, ଉପସଭାପତି ରିଙ୍କୁ ଅଲ୍ଲୀ, ସେକ ମୋଇନଉଦ୍ଦିନ, ସରୋଜ ରଞ୍ଜନ କର, ସେକ ସିକୋ, ପାପା ଖାନ, ସଜ୍ଜାଦ ହୁସେନ ପ୍ରମୁଖ ଯୋଗଦେଇ ଶତ୍ରୁ ରାଷ୍ଟ୍ର ପାକିସ୍ତାନର ଏଭଳି ଅମାନବିକ ସାମ୍ପ୍ରଦାୟିକ ଘୃଣା ସୃଷ୍ଟିକାରୀ ଉଦ୍ଦେଶ୍ୟ ନେଇ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ମାନବିକତାର ହତ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରି ସମ୍ପୃକ୍ତ ଆତଙ୍କୀଙ୍କୁ ତୁରନ୍ତ ଖୋଜି ଦୃଷ୍ଟାନ୍ତମୂଳକ ଶାସ୍ତି ନିର୍ଦ୍ଧାରଣ କରିବା ପାଇଁ ଦାବି କରିଥିଲେ । ଶୋକସଭା ପରେ ମହମବତୀ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ କଦମରସୁଲ ଠାରୁ ବାହାରି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଯାଇଥିଲା ।




## ମହିଳା ଖେଳାଳିଙ୍କୁ ଅସଦାଚରଣ ଘଟଣା, ଥାନାରେ ଏତଲା

**କଟକ,୨୫।୪/ଏନ୍‌ଏନ୍‌ଏସ୍ :** ବିଡ଼ାନାସୀସ୍ଥିତ ବସୁନ୍ଧରା ଖେଳପଡ଼ିଆରେ ଜଣେ ମହିଳା ଫୁଟବଲ୍ ଖେଳାଳିଙ୍କୁ ଅସଦାଚରଣ ଘଟଣାରେ ବିଡ଼ାନାସୀ ଥାନାରେ ଏତଲା ହୋଇଛି । ବିଡ଼ାନାସୀ ଖେଳପଡ଼ିଆରେ ଓଡ଼ିଶା ଗଭର୍ଣ୍ଣମେଣ୍ଟ କ୍ଲବ୍ ଫୁଟବଲ୍ କୋଚ୍ ଭାବେ ସିରାଜୁଦ୍ଦିନ ଖାନ ମହିଳାଙ୍କୁ ତାଲିମ୍ ଦେଉଥିଲେ । ଏହି ସମୟରେ ସେ ଜଣେ ମହିଳା ଖେଳାଳିଙ୍କୁ ଅସଦାଚରଣ କରିଥିଲେ । ଏହା ପ୍ରତିବାଦରେ ଖେଳାଳି ଜଣକ ସିରାଜୁଦ୍ଦିନଙ୍କୁ ପଡ଼ିଆ ମଧ୍ୟରେ ମାଡ଼ ମାରିଥିଲେ । ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ବେଳେ ସଂପୃକ୍ତ କୋଚ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା । ଏନେଇ ଥାନାରେ ଏତଲା ଦିଆଯାଇଛି ।

## ବିଦ୍ୟୁତ୍ ସମସ୍ୟା ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

**କଟକ,୨୫।୪/ଏନ୍‌ଏନ୍‌ଏସ୍ :** ଜଗତପୁର ଇପିକଲ୍ ସେକ୍ସନ୍ ଅଧୀନ ଅଣ୍ଡେଇସାହି ଅଞ୍ଚଳରେ ଥିବା ମିକ୍ସର୍ ଓ ପାଉଁରୁଟି କମ୍ପାନୀର ବେଆଇନ ବିଦ୍ୟୁତ୍ ସଂଯୋଗ ଯୋଗୁଁ ଅଞ୍ଚଳବାସୀ ସମସ୍ୟାରେ ପଡୁଥିବା ଅଭିଯୋଗ ହୋଇଛି । ଏ ନେଇ ସେମାନେ ବାଦାମବାଡ଼ିସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ପ୍ରତିକାର ପାଇଁ ଦାବି କରିଛନ୍ତି । ଅଞ୍ଚଳବାସୀ ସଂଯୋଗ ନେଇଥିବା ଖୁଣ୍ଟରୁ କମ୍ପାନୀ ମଧ୍ୟ ବିଦ୍ୟୁତ୍ ସଂଯୋଗ ନେଇ ବଡ଼ ମେସିନ୍ ଚଲାଇବା ଦ୍ୱାରା ସେମାନଙ୍କ ବିଦ୍ୟୁତ୍ ଉପକରଣ ନଷ୍ଟ ହୋଇଯାଉଥିବା ନେଇ ଲୋକେ ଦର୍ଶାଇଛନ୍ତି । ସମସ୍ୟା ସମ୍ପର୍କରେ ସେମାନେ ଜଗତପୁର ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ହେଁ କୌଣସି ପ୍ରତିକାର କରାଯାଉନାହିଁ ବୋଲି କହିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଆଶିଷ ରାଉତରାୟ, ମନମୋହନ ପଣ୍ଡା, ବିକାଶ କୁମାର ରାଉତରାୟ, ନରେନ୍ଦ୍ର ସାହୁ, ପ୍ରବୀର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

## ୧୦ରେ ରାଷ୍ଟ୍ରୀୟ ଲୋକଅଦାଲତ

**କଟକ,୨୫।୪/ଏନ୍‌ଏନ୍‌ଏସ୍:** ଆସନ୍ତା ମାସ ୧୦ତାରିଖ ପୂର୍ବାହ୍ନ ୯ ଘଟିକା ସମୟରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ୨୦୨୫ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ଜନସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ୍ ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ(ସାଲିସ୍‌ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରାଧୀନ ମାମଲା ନୁହେଁ ପ୍ରାକ୍ ମୋକଦ୍ଦମା ସ୍ତରୀୟ(କଚେରିରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଏହି ଲୋକ ଅଦାଲତରେ ମୋକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକ୍‌ସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ୍ ନମ୍ବର ୦୬୭୧-୨୩୬୮୩୮୩ରେ ମଧ୍ୟ ଯୋଗାଯୋଗ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି ।

## ବିଧାନସଭା ଘେରାଉବେଳେ କଂଗ୍ରେସ କର୍ମୀଙ୍କ ନାମରେ ରୁଜୁ ମାମଲାରେ ଆଗୁଆ ଜାମିନ ଆବେଦନ

## ଆତ୍ମସମର୍ପଣ କରି ଜାମିନରେ ଯିବାକୁ ହାଇକୋର୍ଟଙ୍କ ଆଦେଶ

**କଟକ,୨୫।୪/ଏନ୍‌ଏନ୍‌ଏସ୍:** ବିଧାନସଭା ଘେରାଉରେ ସାମିଲ ଥିବା କେତେକ କଂଗ୍ରେସ କର୍ମୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି । ହାଇକୋର୍ଟର ବିଚାରପତି ଭି. ନରସିଂହ ଆବେଦନର ଶୁଣାଣି କରି କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଯାଇପାରିବେ ବୋଲି ଆଦେଶ ଦେଇଛନ୍ତି ।



ଅପରପକ୍ଷରେ ଆଉ କେତେକ କଂଗ୍ରେସ କର୍ମୀ ନିଜ ଆଡୁ ଜାମିନ ଆବେଦନକୁ ପ୍ରତ୍ୟାହାର କରିନେଇଥିବା ଜଣାଯାଇଛି ।

ପ୍ରକାଶ ଯେ, ବିଧାନସଭାରେ ମହିଳାଙ୍କ ଉପରେ ହେଉଥିବା ହିଂସା ଓ ଅପରାଧ ପ୍ରସଙ୍ଗ ଉଠାଇବା ବେଳେ ସେମାନେ ବିଶୃଙ୍ଖଳା କରୁଥିବାରୁ ଗୃହକୁ ଚଳାଇବାରେ ଅସୁବିଧା ହେଉଥିବା ଦର୍ଶାଇ ବାଚସ୍ପତି ୧୪ ଜଣ କଂଗ୍ରେସ ବିଧାୟକଙ୍କୁ ନିଲମ୍ବିତ କରିଥିଲେ । ଏହାର ପ୍ରତିବାଦରେ ବିଧାନସଭା ଘେରାଉ ଡାକରା ଦିଆଯାଇଥିଲା । କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଡାକରାରେ ଗତ ମାର୍ଚ୍ଚ ୨୭ ତାରିଖରେ କଂଗ୍ରେସ୍‌ର ବିଧାନସଭା ଘେରାଉ ବେଳେ ପୁଲିସ ବାଧା ଦେଇଥିଲା । ଫଳରେ ପୁଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । କଂଗ୍ରେସ କର୍ମୀମାନେ ଚେୟାର୍ ଫିଙ୍ଗିବା ସହ ପୁଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ । ପୁଲିସ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପାଣି ମାଡ଼ ମଧ୍ୟ କରିଥିଲା । ତେବେ ଏହି ଘଟଣାକୁ ନେଇ ମାମଲା ରୁଜୁ ହୋଇଥିଲା । ସେଥିରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିଙ୍କ ସମେତ ୫ ହଜାର କର୍ମୀଙ୍କ ନାମ ରହିଥିଲା । ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ପାଇଁ କେତେକ କଂଗ୍ରେସ କର୍ମୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ।

## ତତ୍କାଳୀନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲା

## ଆଗୁଆ ଜାମିନ ଆବେଦନ ଖାରଜ

**କଟକ,୨୫।୪/ଏନ୍‌ଏନ୍‌ଏସ୍:** ମାଲକାନଗିରିର ତତ୍କାଳୀନ ଜିଲ୍ଲାପାଳ ମନିଷ ଅଗ୍ରୱାଲଙ୍କ ଅଡୁଆ ବଢ଼ିଛି । ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି । ଏଥିସହ ତାଙ୍କର ଦୁଇ ସହଯୋଗୀ ଭି. ବେଣୁଗୋପାଳ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି । ହାଇକୋର୍ଟର ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀଙ୍କ ଆବେଦନକୁ ଗ୍ରହଣ କରି ତିନି ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମ ସମର୍ପଣ କରି ଜାମିନ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ମାଲକାନଗିରିର ତତ୍କାଳୀନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଭାବେ ଦେବ ନାରାୟଣ ପଣ୍ଡା କାର୍ଯ୍ୟ କରୁଥିଲେ । ୨୦୧୯ ମେ' ମାସ ୨୭ ତାରିଖରେ ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ଥାନାରେ ଏ ନେଇ ପ୍ରଥମେ ମାମଲା ରୁଜୁ ହୋଇଥିଲା । ଏହାର ଦୁଇଦିନ ପରେ ଦେବ ନାରାୟଣ ପଣ୍ଡାଙ୍କ ମୃତଦେହ ସତୀଗୁଡ଼ା ଡ୍ୟାମ୍ ନିକଟରୁ ମିଳିଥିଲା ।

## ଷୋଡ଼ଶ ସାତସାହି କଟକ ନୃତ୍ୟ ଉତ୍ସବ

## ସଚେତନଧର୍ମୀ ସାମାଜିକ ବାର୍ତ୍ତା ପାଇଁ ପଦକ୍ଷେପ

**କଟକ,୨୫।୪/ଏନ୍‌ଏନ୍‌ଏସ୍ :** କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ଆସନ୍ତା ମଇ ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ହେବାକୁ ଯାଉଥିବା ଷୋଡ଼ଶ ସାତସାହି କଟକ ନୃତ୍ୟ ଉତ୍ସବ ସଫଳତାର ସହିତ ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ କଟକ ନୃତ୍ୟୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ଆୟୋଜନ କମିଟିର ଅଧ୍ୟକ୍ଷ ତଥା କଟକ ମହାନଗର ନିଗମ ମେୟର୍ ସୁବାସ ଚନ୍ଦ୍ର ସିଂହ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ମିଶନ ଶକ୍ତି, ହସ୍ତଶିଳ୍ପ ବିଭାଗ, ଓର୍‌ମାସ, ଜିଲ୍ଲା ଅବକାରୀ ପରିବହନ, ସ୍ୱାସ୍ଥ୍ୟ, ୱାଟ୍‌କୋ ଓ ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗୀୟ ସମ୍ପୃକ୍ତି ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସମ୍ବନ୍ଧରେ ନିଜର ମତବ୍ୟକ୍ତ କରିଥିଲେ । ସାତସାହି ନୃତ୍ୟ ଉତ୍ସବରେ ସରକାରୀ ଷ୍ଟଲ୍ ଉଭୟ ପ୍ରଦର୍ଶନୀ ଓ ବ୍ୟବସାୟ ଉଦ୍ଦେଶ୍ୟରେ ସ୍ଥାନ ପାଇବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଅବସରରେ କମିଟି ଚଳିତବର୍ଷର ସାତସାହି ବ୍ରୋଚର୍ ଅତିଥିମାନେ ଉନ୍ମୋଚନ କରିଥିଲେ । କମିଟି ପକ୍ଷରୁ ସଭାପତି ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ନନ୍ଦ ଆୟୋଜନର ସଫଳତା କାମନା କରିଥିବା ବେଳେ କମିଟିର ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ବୈଠକ ପରିଚାଳନା କରି ଚଳିତବର୍ଷ ଏହି ଉତ୍ସବକୁ ଅଧିକ ମନୋରମ କରାଯାଇ କଟକର ଐତିହ୍ୟ, ସଂସ୍କୃତି ଓ ନୃତ୍ୟ ପରମ୍ପରାର ପ୍ରଚାର ପ୍ରସାର କରାଯିବା ସହ ସଚେତନାଧର୍ମୀ ସାମାଜିକ ବାର୍ତ୍ତା ପାଇଁ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର କର୍ମକର୍ତ୍ତା ଉଲ୍ଲାସ ସେନ, ଡାକ୍ତର ଦୁର୍ଗା ଚରଣ ଦାଶ, ରଶ୍ମି ରଞ୍ଜନ ତ୍ରିପାଠୀ, ରାଜେଶ ଦାସ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସ୍ନେହାଶିଷ ଦାସ, ସୁଭାଶିଷ ଦାସ, ପାର୍ଥ ସାରଥୀ ସ୍ୱାଇଁ, ବିଶ୍ୱଜିତ ସେନାପତି, ସୁନୀଲ ଦାସ, ସତ୍ୟ ପ୍ରସାଦ ବଳସାମନ୍ତ ଶକ୍ତି ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ବର୍ଷା-ଅନୁଭବ ବିବାଦ ମାମଲାରେ କୋର୍ଟଙ୍କ ରାୟ

## ଭରଣପୋଷଣ କିମ୍ବା କ୍ଷତିପୂରଣ ଦେବେ ନାହିଁ ଅନୁଭବ

**କଟକ,୨୫।୪/ଏନ୍‌ଏନ୍‌ଏସ୍:** ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଅଭିନେତା ତଥା ରାଜନେତା ଅନୁଭବ ମହାନ୍ତିଙ୍କ ବୈବାହିକ ଜୀବନକୁ ନେଇ ବିବାଦ ମାମଲାର ୨ୟ ସିଭିଲ ଜଜ୍ ତଥା କଟକ ଜେଏମ୍‌ଏଫ୍‌ସି କୋର୍ଟଙ୍କ ରାୟ ଶୁକ୍ରବାର ପ୍ରକାଶ ପାଇଛି । ବର୍ଷାଙ୍କୁ ଭରଣପୋଷଣ କିମ୍ବା କ୍ଷତିପୂରଣ ରାଶି ଅନୁଭବ ଦେବେ ନାହିଁ ବୋଲି କୋର୍ଟ ତାଙ୍କ ରାୟାର ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁସାରେ ଅନୁଭବ ଓ ତାଙ୍କ ପରିବାର ଲୋକଙ୍କ ନାମରେ ପାରିବାରିକ ହିଂସା ତଥା ନିର୍ଯାତନା ଅଭିଯୋଗ ନେଇ ବର୍ଷା କଟକ ଜେଏମ୍‌ଏଫ୍‌ସି କୋର୍ଟରେ ମାମଲା ରୁଜୁ କରିଥିଲେ । ଅନୁଭବ ଓ ତାଙ୍କ ପରିବାର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦେଉଥିଲେ । ବର୍ଷା ଏଥିପାଇଁ ଅନୁଭବଙ୍କଠାରୁ ମୋଟା ଅଙ୍କର କ୍ଷତିପୂରଣ ଓ ଭରଣପୋଷଣ ବି ଦାବି କରିଥିଲେ । ମାସିକ ୫୦,୦୦୦ ଟଙ୍କା ଭରଣପୋଷଣ, ମାସିକ ଘରଭଡ଼ା ୨୦,୦୦୦ ସାଙ୍ଗକୁ କ୍ଷତିପୂରଣ ବାବଦରେ ୧୩ କୋଟି ଓ ମେଡିକାଲ ଖର୍ଚ୍ଚ ବାବଦରେ ୨ କୋଟି ଟଙ୍କା ବର୍ଷା ଦାବି କରିଥିଲେ । ହେଲେ ବହୁ ଦିନର ଶୁଣାଣି ମଧ୍ୟରେ ବି ବର୍ଷା ତାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ କୋର୍ଟରେ ନିର୍ଦ୍ଦିଷ୍ଟ ପ୍ରମାଣ ଦର୍ଶାଇ ପାରିନାହାନ୍ତି ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ କି, ଅଭିନେତ୍ରୀ ବର୍ଷା ଓ ଅଭିନେତା ତଥା ରାଜନେତା ଅନୁଭବ ମହାନ୍ତିଙ୍କ ମଧ୍ୟରେ କଟକ ପରିବାର ଅଦାଲତରେ ବୈବାହିକ ଛାଡ଼ପତ୍ର ହୋଇସାରିଛି ।



# ନବପଲ୍ଲବ



ନିଜକୁ ଅନ୍ୱେଷଣ କରିବାର ଅର୍ଥ ଅନ୍ୟର ସେବାରେ ନିଜକୁ ହଜାଇ ଦିଅ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ଉତ୍କଳ ଗୌରବ ମଧୁସୂଦନ



କବିତା ମିଶ୍ର

ଶୁଭ ସକାଳର ସୂରୁଜ ଉଇଁଲା
ସତ୍ୟଭାମାପୁର ଗ୍ରାମେ
ଓଡ଼ିଆ ମାଟିର ସୁଯୋଗ୍ୟ ସନ୍ତାନ
ଧରାକୁ ଆସିଲ ତୁମେ।
ଉତ୍କଳ ଗୌରବ ହେ, ବୀରପୁରୁଷ
ତୁମେ ହିଁ ମଧୁସୂଦନ
ଜାତି ନନ୍ଦିଘୋଷେ ସାରଥୀ ହୋଇଲ
ଓଡ଼ିଆ ଜାତିର ପ୍ରାଣ।
ବଙ୍ଗ ବିହାରରେ ମିଶି ରହିଥିଲା
ଆମ ମାଟି ମାଆ ଦିନେ
ମାତୃଭାଷାଟିକୁ ଉଚ୍ଚେ ରଖିବାକୁ
କହିଥିଲ କାନେ କାନେ।
ସେବା କରୁଥିଲ ମାତୃଭୂମି ପାଇଁ
ସଭିଙ୍କୁ ଏକତ୍ର କରି
ଓଡ଼ିଆ ପ୍ରଦେଶ ସ୍ୱତନ୍ତ୍ର ହୋଇବ
ଆଗେଇଲ ବୀରପରି।
ପ୍ରଥମ ଓଡ଼ିଆ ବିଦେଶକୁ ଯାଇ
ଏ ମାଟିର ଯଶ ରଖିଲ
ବହୁପାଠ ପଢ଼ି ବାରିଷ୍ଟର ହୋଇ
ସବୁରି ଦୁଃଖ ବୁଝିଲ।
ତୁମ ସେବା ତ୍ୟାଗ ବୀରତ୍ୱ କାହାଣୀ
କେହିତ ପାରେନା ଭୁଲି
ପ୍ରତି ଓଡ଼ିଆର ହୃଦୟରେ ଥାଇ
ଚେତାଇ ଦେଉଥା ଖାଲି।
ଏ ଉତ୍କଳ ଭୂମି ଦେଇ ଜୟ ଧ୍ୱନି
ଗାଉଛି ଗରିମା କଥା
ତୁମ ପାଇଁ ଆଜି ଗରବେ ଚାଲନ୍ତି
ଓଡ଼ିଆ ଟେକି ତା ମଥା।

ସେକ୍ଟର-୩/୫୫, ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦

## ନାଆଁଟି କଲରା ମୋହରି



ଦେବାଶିଷ ଚକ୍ରବର୍ତ୍ତୀ

ହାଟ ବଜାର କି ବାଡି ବଗିଚାରେ
ମୋତେ ନିଶ୍ଚେ ତୁମେ ଦେଖିଛ
ଖାଇବା ବେଳରେ ମାଆ ପରଷିଲେ
ନାକ କାହିଁ ପାଇଁ ଟେକୁଛ ?

ଖଦଖଦଡିଆ ରୂପଟି ମୋହର
କୁଞ୍ଚୁକୁଞ୍ଚିଆ ପତର
ଖାଇବାକୁ ପିତା ଲାଗଇ ସିନା ମୋ
ଗୁଣ ତ ମହୁ ଠୁଁ ମଧୁର।

ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର
କ୍ୟାଲସିଅମ୍ ଫସଫରସ
ଲୌହ, ନାଇସିନ୍ ସହ ଖାଦ୍ୟପ୍ରାଣ
ରୂପେ ଢାଳୁନିକି ପୀୟୂଷ ?

ବାତ, କଫ, ପିତ୍ତ, କୃମି ସହ ଯେଣୁ
ନାଶେ ମୁଁ ରକତ ବିକାର
ମୋହରି ରସରୁ ନାନା ପରକାର
ଓଉଷଧ ହୁଏ ତୟାର।

ରାମବାଣ ଯେଣୁ ଅଟଇ ମୁଁ ପିଲେ
ମଧୁମେହ ରୋଗ ପାଇଁକି
ଏହିକଥା ଜାଣି ଆଣିଥାନ୍ତି କିଣି
ବାପା ବଜାର କୁ ଯାଇକି।

ପତର ବି ମୋର ରୋଗ ନାଶକାରୀ
ଉପକାରୀ ଅଟେ ତୁମର
ତାକୁ ତେଣୁ ମାଆ ତିଅଣ କରନ୍ତି
ଦେଇକରି ଆଳୁ, ବେସର।

ପିତା ଲାଗିଲେ ବି ମିତ ପରି କେତେ
ହିତ ମୁଁ ସାଧୁଛି ସବୁରି
ଏଥର ପିଲାଏ ଚିହ୍ନି ସାରିବଣି
ନାଆଁଟି କଲରା ମୋହରି।

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ: ୯୪୩୭୭୫୨୩୯୫

## ଘର ଅଗଣା ମୋ ଖେଳ ପଡ଼ିଆ



ଧ୍ରୁବ ଚରଣ ଘିବେଲା

ଚାରିପାଖ ଘର ମଝି ଅଗଣା
ଖୋଲାମେଲା ଭଲ ଜାଗାରେ ଗଣା
ବସାଉଠା ପାଇଁ ଜାଗା ବଢ଼ିଆ
ଘରଅଗଣା ମୋ ଖେଳପଡ଼ିଆ।
ଘରଅଗଣାଟି ଭାରି ବଢ଼ିଆ
ଯେତେ ଲମ୍ବ ସେତେ ଓସାରିଆ
ରାତିରେ ସେଇଠି ଅଜା ଶୁଅନ୍ତି
ସକାଳେ କାଗଜ ପଢ଼ି ବସନ୍ତି।
କେବେ ଶୋଇଯାଏ ଅଜାଙ୍କ କତି
ଗପ ଗୀତ ଶୁଣି କେବେ ଶୁଏଟି
ସକାଳେ ଉଠିକି ପଢ଼େ ସେଇଠି
ଅଗଣାରେ ଖେଳେ ସଞ୍ଜକୁ ନିତି।
ଅଗଣା କୋଣରେ ଅଛି ତୁଳସୀ
ସଞ୍ଜେ ମାଆ ଦୀପ ଲଗାନ୍ତି ଆସି
ଧୂପ ବାସନାରେ ଅଗଣା ଭରେ
ଧୂପର ବାସନା ସେଇଠି ଖେଳେ।
ଅଗଣା ମୋ ପାଇଁ ସୁନ୍ଦର ସ୍ଥାନ
ସେଠୁ ଯିବା ପାଇଁ ନ ହୁଏ ମନ
ସପ ପାରି ଦେଇ ସେଇଠି ପଢ଼େ
ପଢ଼ି ସାରି ପୁଣି ସପରେ ଗଡ଼େ।
ଅଗଣାରେ ଖେଳେ ସେଇଠି ବୁଲେ
କେବେକେବେ ସାଙ୍ଗସାଥୀଙ୍କ ମେଳେ
କେବେ ପୁଣି ସେଠି ପଡୁ ଏକାଠି
ଖେଳୁ ପୁଣି ଗୋଡ଼ ହାତକୁ ଛାଟି।
ଅଗଣା ଆମର ବଢ଼ିଆ କେତେ
ଆନନ୍ଦ ଦିଅଇ ଯାହାକୁ ଯେତେ
ପୁନେଇଁ ତିଥିର ରୁପା ଜୋଛନା
କରିଦେଇଥାଏ ସେ ଆନମନା।

ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

## ଚାଲ ପଢ଼ିବା ପାଠ



ରାମ ଚନ୍ଦ୍ର ପ୍ରଧାନ

ନ କରି ପିଲେ ମଠ
ଚାଲ ପଢିବା ପାଠ
ଅକ୍ଷର ଶିଖି ଯିବାରେ ଲେଖି
ପାଠ ହେଉ କି' ଶାଠ।
ହୋଇଲେ ଖେଳ ବେଳ
ଖେଳିବା ମଜା ଖେଳ
ସଭିଏଁ ମିଶି ହେବାରେ ଖୁସି
ନ କରି ଗଣ୍ଡଗୋଳ।
ଭୂଗୋଳ, ଇତିହାସ
ଗଣିତ, ପରିବେଶ
ସବୁ ଶିଖିବା ସବୁ ଜାଣିବା
ମୁହଁରେ ମାଖି ହସ।
ଦେଶ ବିଦେଶ କଥା
ଐକ୍ୟ ସଂସ୍କୃତି ଗାଥା
ଅତି ଯତନେ ରଖିବା ମନେ
ନୁଆଁଇ ଆମ ମଥା।
ଗୁରୁ ଆଦେଶ ପାଳି
ଅବାଧ ପଣ ଟାଳି
ପାଠ ପଢ଼ିବା ଦେଶ ଗଢ଼ିବା
ସେନେହ ରଙ୍ଗ ବୋଳି।
ତେଣୁ ପିଲାଏ ଆସ
ନ ଧରି ମନେ ରୋଷ
ପକାଇ ସପ ଶୁଣିବା ଗପ
ପାଠରେ ହୋଇ ବଶ।
ସାରି ଅନ୍ଧାର ନାଟ
ପାଠ ଦେଖାଏ ବାଟ
ଆଲୋକ ଢ଼ାଳି ଅଜ୍ଞାନ ଟାଳି
ଗଢ଼େ ସେ' ଭଲ ଚାଟ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

## ଆମ ଗର୍ବ, ଆମ ଗୌରବ



ରବୀନ୍ଦ୍ର କୁମାର ମହାପାତ୍ର
ଜନ୍ମ ତାରିଖ: ୫,ଏପ୍ରିଲ ୧୯୫୯
ଜନ୍ମ ସ୍ଥାନ: ଜାମୁଗାଁ,ଅଲଣାହାଟ, ଜଗତସିଂହପୁର
ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ ୨/୯୫, କଲ୍ୟାଣ ବିହାର, କୁହା, ଭୁବନେଶ୍ୱର-୨
ମୋ: ୮୮୯୫୭୫୮୮୬୦

ଓଡ଼ିଆ ଶିଶୁସାହିତ୍ୟ ଜଗତରେ ଏକ ପରିଚିତ ନାମ। ଦୀର୍ଘ ୪୦ ବର୍ଷ ଧରି ଲେଖନୀ ଚାଳନା କରିଆସିଛନ୍ତି ଏବଂ ତାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଚାଲିଛି। ଶିଶୁ କବିତା ପୁସ୍ତକ ଯଥା 'ତିନି ପାଖୁଡ଼ା' ଓ 'ତିନି ପାହାଚ' ଯଥେଷ୍ଟ ପାଠକୀୟ ଆଦୃତି ଲାଭ କରିଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ନିଷ୍ଠାର ସହ କାର୍ଯ୍ୟକରି ଅବସର ନେଇଛନ୍ତି। ବିଶ୍ୱ ବ୍ୟାଙ୍କ ପାଣ୍ଠି ସହାୟତା ପାଇଁ ଆୟୋଜିତ ଅନ୍ତର୍ଜାତୀୟ ସମାବେଶରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ସାହିତ୍ୟ କୃତି ପାଇଁ ସେ ନିଖିଳୋତ୍କଳ ଶିଶୁସାହିତ୍ୟ ସଂସଦ ପୁରସ୍କାର, ଫକୀର ମୋହନ ନନ୍ଦ ସ୍ମୃତି ପୁରସ୍କାର, ଶୁଆଶାରୀ ପ୍ରତିକା ପ୍ରତିଭା ସମ୍ମାନ, ନେହେରୁ ଯୁବ ପ୍ରତିଷ୍ଠାନ ଜାତୀୟ ସଂହତି ମେଳା କବି ସମ୍ମାନ, ନୀଳକଣ୍ଠ ପାଠୀ ସ୍ମୃତି ପରଶମଣି ପାଠକ ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ।

**ଆମ ପ୍ରଶ୍ନ:** ଶିଶୁସାହିତ୍ୟରେ ପ୍ରାଚୀନ କଥିତ ଭାଷାର ଶବ୍ଦ ପ୍ରୟୋଗ ଜରୁରୀ କି ?

**ଆପଣଙ୍କ ଉତ୍ତର:** ଶିଶୁସାହିତ୍ୟରେ ପ୍ରାଚୀନ କଥିତ ଭାଷାର ପ୍ରୟୋଗ ପ୍ରାୟ ଏବେ ଦେଖିବାକୁ ମିଳୁନାହିଁ। ତବତ, ଫରଚା, ଧୋବଲା, ଲା(ନା)ଗୁଆଣି, ଲାଗୁଆ, ନିତ୍ୟାନି, ଗାଞ୍ଜିଆ, ମଳେଇ, ବାତେନି, ପଲଟଣ, ପଲା, ଭାରିଯା, ନାଛିବା ଇତ୍ୟାଦି ଶବ୍ଦ ସମୂହ ଆମ ଶିଶୁସାହିତ୍ୟରୁ ଧୀରେ ଧୀରେ ହଜିଯିବାକୁ ବସିଲାଣି। ଏସବୁ ଶବ୍ଦ ସହ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଓତପ୍ରୋତ ଭାବେ ଜଡ଼ିତ ଥିବାରୁ ଶିଶୁସାହିତ୍ୟରେ ସେସବୁର ପ୍ରୟୋଗ ଏକାନ୍ତ ଆବଶ୍ୟକ। ଏହା ନହେଲେ ଓଡ଼ିଆ ଐତିହ୍ୟ ଓ ସଂସ୍କୃତି ସହ ଓଡ଼ିଆ ଅସ୍ମିତା ପ୍ରତି ମଧ୍ୟ ଗୁରୁତର ବିପଦ ସୃଷ୍ଟି ହେବ। ପ୍ରାଚୀନ କଥିତ ଭାଷାର ଶବ୍ଦ ପ୍ରଭାବିତ ଢଗଢମାଳି, ରୁଢ଼ିର ପୁନଃ ପ୍ରୟୋଗ ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସଙ୍ଗେସଙ୍ଗେ ପୂର୍ବ ସୂରୀଙ୍କୁ ପ୍ରାତଃ ସ୍ମରଣୀୟ କରାଇବ।

## ଭାଇଭଉଣୀ



ଭାଇକି ଭଉଣୀ
ନଈରେ ତରଣୀ।
ଖେଳି ବୁଲି ହସି
ସଦା ଆମେ ଖୁସୀ।
କାକୁଡ଼ି ଭାଡ଼ିରେ
ପିଜୁଳି ବାଡ଼ିରେ।
ତୋଳୁ ଆମେ ବସି
ଖାଉ ସବୁ ମିଶି।
କେତେ ପିଠାପଣା
ମିଠା ଗଜା ଚଣା।
ଗରମ ପକୁଡ଼ି
ବାରମଜା ମୁଢ଼ି।
କଲୁ ଯଦି ପାଟି
ଏକ ଦିନ କଟି।
କଟି ଯାଏ ଫିଟି
ପୁଣି ଯାଉ ଯୁଟି।
ଗଲେ ମାମୁ ଘର
ନାହିଁ ପାଠ ଡର।
ମାଇଁଙ୍କ ସିନିହ
ଭୁଲିବାର ନୁହଁ।
ପାଖରେ ବସାଇ
ବଳାଇ ଖୁଆଇ।
ଆମ୍ବ ତାଳ ସଜ
ପଇଡ଼ ମଉଜ।
ତୋଟାରେ ବୁଲଉ
ଫଳ କେତେ ଖାଉ।
ଯେତେ ବନ୍ଧୁ ଘର
ମାମୁ ଘର ସାର।
ବୁଲାବୁଲି ସରେ
ଫେରୁ ଆମେ ଘରେ।
ଭାଇକି ଭଉଣୀ
ନଈରେ ତରଣୀ।

## ପଶୁପକ୍ଷୀ କାହାଣୀ

## ମୂଷା ବୁଦ୍ଧି ଶିଖେଇଦେଲା



ଇଂ. ପ୍ରେମାନନ୍ଦ ନାୟକ

ଝାଡ଼ ସଫା କରି, ଠାଆକୁ-ଠାଆ ଚୁଆ ଖୋଳି ଲୋକମାନେ ଏବେ ନା ନା ପ୍ରକାର ଚାଷ କରୁଛନ୍ତି। କଡ଼କୁ ଥିବା କଣ୍ଟାଳିଆ ଗଛମୂଳରେ ଠେକୁଆମାନେ ରୁହନ୍ତି। ତାଙ୍କ ସାଙ୍ଗକୁ ଗାତୁଆ ମୂଷା ଯାହାକୁ ଯେତେ! ଏ ବର୍ଷ ଏତେ ଖରା ଯେ ସବୁ ଚୁଆ ଶୁଖିଯାଇଛି। ଗାତୁଆ ମୂଷାଟେ କହିଲା- ଠେକୁଆ ଭାଇ, ତୁ ଜମା ବ୍ୟସ୍ତ ହ'ନା। ଝାଡ଼ ଶେଷ ମୁଣ୍ଡରେ ପଡ଼ିଥିବା ଦି'ଟା ପଥର ତଳୁ ଟିକେ-ଟିକେ ପାଣି ଝରୁଛି। ଆମ ପାଇଁ ଯଥେଷ୍ଟ। ଏକଥା ଶୁଣି ଠେକୁଆ ଖୁସି ହୋଇଗଲା।

ଦିନେ ଠେକୁଆ ତା' ପିଲା ଛୁଆଙ୍କ ଧରି ପାଣି ପିଉଥିଲା। ଏହି ସମୟରେ ବିଲୁଆଟାଏ ଆସି ପହଞ୍ଚିଲା। ବୁଲିଆକୁ ଦେଖି ଠେକୁଆମାନେ 'ଛୁ' ମାରିଲେ। ବିଲୁଆ ମନକୁ ମନ କହିଲା- ଆଜି ସିନା ଖସି ଗଲେ, କାଲି କି ପଅର ଦିନ ତ ପାଣି ପିଇବାକୁ ଆସିବେ! ଗୋଟା-ଗୋଟା କରି ସମସ୍ତଙ୍କୁ ଖାଇବି। ବଡ଼ ଗାତୁଆ ମୂଷାଟେ ପଥର କନ୍ଦିରେ ଥାଇ କହିଲା- ନନା, ତୁ ଜମା ଭଲ କାମ କଲୁ ନି। ଖରା ଦିନେ ସିନା କିଏ କାହାକୁ ପାଣି ଦିଏ। ଆଉ ତୁ, ଠେକୁଆମାନଙ୍କୁ ପାଣି ପିଇବାକୁ ନଦେଇ ଗୋଡ଼େଇଲୁ ? ଛି... ଛି...। ରାଗିଗଲା ବିଲୁଆ। କହିଲା - ଏ... ତୁ କ'ଣ ମୋତେ ନୀତିଶିକ୍ଷା ଦଉଛୁ ? ତୁ ଜୀବରେ ଲେଖା ନା ଜନ୍ତୁରେ ଲେଖା ? ହାବୁଡ଼ରେ ପଡ଼ିଲେ ତୋତେ ବି ଜଳଖିଆ କରି ଦେବି। ଗାତୁଆ ମୂଷା କହିଲା- ହଉ, ତୋ' କଥା, ବି ମୋର ମନେ ରହିଲା।

ଭଙ୍ଗା କୂଅ ଉପରେ ବସିଥିଲା ଗାତୁଆ ମୂଷା। ବୁଢ଼ା ବଗ ଆସି ପଚାରିଲା- ବିଲୁଆ କଥା ତୋତେ ବାଧିଚି ନା ? ତୋ' କାନରେ ଗୋଟେ କଥା କହୁଚି। ବୁଢ଼ା ବଗ କଥା ଶୁଣି ଗାତୁଆ ମୂଷା କହିଲା- ମୁଁ ସାଙ୍ଗେ ସାଙ୍ଗେ କାମରେ ଲାଗିପଡୁଛି।

ଭଙ୍ଗାକୂଅ ଠାରୁ ଅଳ୍ପ ଦୂରରେ ଗାତ ଖୋଳିବାକୁ ଲାଗିଲା ଗାତୁଆ ମୂଷା। ଦି' ଦିନ ପରେ ଗାତ କୂଅକୁ ଲାଗିଗଲା। ଗାତରେ କେବଳ ଠେକୁଆମାନେ ପଶି କୂଅ ଭିତରକୁ ଯା' ଆସ କରିପାରିବେ। ଠେକୁଆମାନେ କୂଅ ଭିତରକୁ ଗଲାପରେ ବୁଢ଼ା ବଗ ଯାଇ ବିଲୁଆକୁ କହିଲା- ଠେକୁଆମାନେ ଭଙ୍ଗା କୂଅ ଭିତରେ ଲୁଚିଛନ୍ତି। ଏକଥା ଶୁଣି ବିଲୁଆ ଭଙ୍ଗା କୂଅ ପାଖରେ ପହଞ୍ଚିଲା। ଦେଖିଲା କୂଅ ଭିତରଟା ଶୁଖିଲା। ଠେକୁଆମାନେ ଆରାମରେ ବସିଛନ୍ତି। ଉଁ- କୂଅଟା ଟିକେ ଗହୀରିଆ। ଡେଇଁ ପଡ଼ିବି ସିନା ବାହାରିବି କେମିତି! ବୁଢ଼ା ବଗ ପଚାରିଲା- କୂଅ ଭିତରୁ କେମିତି ବାହାରିବୁ ଭାବୁଚୁ ? ଠେକୁଆମାନେ ଯୋଉ ଗାତ ଦେଇ କୂଅ ଭିତରକୁ ଯାଇଛନ୍ତି, ସେହି ଗାତ ଦେଇ ବାହାରି ଆସିବୁ।

ବିଲୁଆ କୂଅ ଭିତରକୁ ଡେଇଁ ପଡ଼ିଲା। ଠେକୁଆମାନେ ଜଣକ ପରେ ଜଣେ ଗାତ ଭିତରକୁ ପଶିଗଲେ। ବିଲୁଆ ଗାତରେ ମୁହଁ ପୂରେଇଲା। ମୁହଁ ସିନା ପଶିଗଲା ଦେହ ପଶିଲାନି। ମୁହଁ ବି ବାହାରକୁ ବାହାରିଲାନି। ପଛ ଗୋଡ଼ ଟେକି ଖାଲି ଛଟପଟ ହେଲା। ଗାତୁଆ ମୂଷା କହିଲା- କୂଅ ଭିତରେ ଥାଇ ଠେକୁଆମାନଙ୍କୁ ସପନରେ ଖାଉ ଥା'...।


ମାତୃନିଳୟ, ସାଲେପୁର, କଟକ
ମୋ: ୯୪୩୭୨୨୭୯୨୫



## ପାରିବ ଯଦି କୁହ ?

୧. ଓଡ଼ିଶାର କେଉଁଠାରେ ଏକ ନୂତନ ରାମ ମନ୍ଦିର ନିର୍ମାଣ କରାଯାଇଛି ?
୨. ଭୁବନେଶ୍ୱରର ଅତି ନିକଟରେ ଦେଶର ସର୍ବପୁରାତନ ଯୋଗିନୀ ମନ୍ଦିର ରହିଛି, ତହା କେଉଁଠାରେ ?
୩. ପ୍ରସିଦ୍ଧ ବୌଦ୍ଧପୀଠ ଧଉଳି ପାଦ ଦେଶରେ ବହି ଯାଇଥିବା ନଦୀର ନାମ ?
୪. ଓଡ଼ିଶାର କେଉଁ ଅଞ୍ଚଳ 'ମିନି ତିବ୍ବତ' ରୂପେ ପରିଚିତ ?
୫.ପ୍ରସିଦ୍ଧ ଚାରିଶମ୍ଭୁ ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ?
୬. କେଉଁ ଜିଲ୍ଲାକୁ ବୁଲିବାକୁ ଗଲେ କୋଲାବ ଜଳଭଣ୍ଡାର ଦେଖିବାକୁ ମିଳିବ ?
୭. କେଉଁଠାରେ ମା' ମଝି ଘରିଆଣୀ ପୂଜା ପାଉଛନ୍ତି ?





ଉତ୍ତର- ୧. ନୟାଗଡ଼ ଜିଲ୍ଲାର ଫତେଗଡ଼, ୨. ହୀରାପୁର, ୩. ଦୟା, ୪. ଚନ୍ଦ୍ରଗିରି (ଗଜପତି ଜିଲ୍ଲା), ୫. ବୌଦ୍ଧ, ୬. କୋରାପୁଟ, ୭. ରାୟଗଡ଼ା

## ଜୀବଜଗତର ଅଜବ କଥା

## ପାଟିରେ ଛୁଆ



କେଉଁ ପ୍ରାଣୀ ତା' ଛୁଆକୁ କୋଳରେ କାଖେଇ ଚଲାବୁଲା କରେ ତ କିଏ ପେଟ ତଳେ ଜାକି ନେବା ଆଣିବା କରିଥାଏ। ଆଉ କେହି ପିଠିରେ ଛୁଆମାନଙ୍କୁ ବୋହିଥାଏ। କିନ୍ତୁ ମା କୁମ୍ଭୀର ତା' ଛୁଆକୁ ପାଟି ଭିତରେ ଏପରି ଭର୍ତ୍ତି କରି ନେବା ଆଣିବା କରେ, ସତେ ଯେମିତି ତାକୁ ଗିଳି ପକାଇବ!

## ଶୂନ୍ୟସ୍ଥାନ ପୂରଣ କର



ସୂର୍ଯ୍ୟଙ୍କର ଅନେକ ନାମ ରହିଛି। ସେଥିମଧ୍ୟରୁ ୮ଟି ନାମ ଏଠାରେ ଦିଆଯାଇଛି। କିନ୍ତୁ ପ୍ରତି ନାମରେ ଗୋଟିଏ ଅକ୍ଷର ନାହିଁ। ଶୂନ୍ୟ ସ୍ଥାନରେ ସେହି ଅକ୍ଷରଟି ଲେଖ।

୧- ନଭ....ର, ୨- ନଭୋମ....,
୩- ଦି....ନାଥ, ୪- ଭା....ର,
୫- ....ବାକର, ୬- ପ୍ରଭା....ର,
୭- ....ଦିତ୍ୟ, ୮- ସ....ତା

ଉତ୍ତର: ୧- ଶ୍ଚ, ୨- ଣି, ୩- ନ, ୪- ସ୍କ, ୫- ଦି, ୬- କ, ୭- ଆ, ୮- ବି

## ତୁମ ପାଇଁ ବହି




### ବାଲିଘର

ସଂପାଦକ: କୈଳାସ ଚନ୍ଦ୍ର ସ୍ୱାଇଁ
ଠିକଣା: ମୁଣ୍ଡିଦା, ପଣ୍ଡୁଆ,
ଜି: ଜଗତସିଂହପୁର
ମୂଲ୍ୟ: ୪୦ ଟଙ୍କା

ଏହି ଶିଶୁ କିଶୋର ପତ୍ରିକାର ବାର୍ଷିକ ସଂଖ୍ୟା ପ୍ରକାଶ ପାଇଛି। ଏଥିରେ ସ୍ଥାନ ପାଇଛି ଶିଶୁ କିଶୋର ଉପଯୋଗୀ ମୋଟ ୬୬ଟି ଲେଖା। ପ୍ରକାଶିତ ଗଳ୍ପ, କବିତା, ଜୀବନୀ, ଜ୍ଞାନ ବିଜ୍ଞାନ, ନୀତିକଥା ଓ ନାଟକ ସବୁ ଗୁଡ଼ିକ ଶିକ୍ଷଣୀୟ। ପତ୍ରିକାଟି ପିଲାଙ୍କୁ ମନୋରଞ୍ଜନ କରିବା ସହ ସେମାନଙ୍କ ଜ୍ଞାନ ବୃଦ୍ଧି କରିବାରେ ନିଶ୍ଚିତ ସହାୟକ ହେବ।

## କୁନାକୁନିଙ୍କ ଚିତ୍ର





ମିତାକ୍ଷୀ ମିଶ୍ର
କ୍ଲାସ୍-୭,
ବ୍ଲେସ୍ଡ ସାକ୍ରାମେଣ୍ଟ ହାଇସ୍କୁଲ,
ପୁରୀ



ଭାଗ୍ୟଶ୍ରୀ ମାନବି ମିଶ୍ର
କ୍ଲାସ୍-୮,
ସିଦ୍ଧାର୍ଥ ପବ୍ଲିକ ସ୍କୁଲ,
ବରଗଡ଼



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ପକ୍ଷରୁ କାଶ୍ମୀରର ପହଲଗାମ୍ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ନିରୀହ ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ଭାରପ୍ରାପ୍ତ ଜିଲ୍ଲାଜଜ୍ ମାନ୍ୟବର ପ୍ରଜ୍ଞା ପରମିତା ରାଉଳଙ୍କ ସମେତ ସମସ୍ତ ବିଚାରପତି, ଓକିଲ ସଂଘ ସଂପାଦକ ନୃସିଂହ ଚରଣ ରାଉତ, ଧ୍ରୁବ ଚରଣ ଜେନା, ଭୀମସେନ ଭୂୟାଁ, ଉପ ସଭାପତି ହାଡିବନ୍ଧୁ ସିଂହ, ବିନୋଦ କୁମାର ବେହେରା, ହରିପ୍ରସାଦ କର, ରେଣୁବାଳା ସାମଲ, ମମତାମୟୀ ସାମଲ, ନିରଞ୍ଜନ ବଳ, ଶାନ୍ତି ସ୍ୱରୂପ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଆତଙ୍କବାଦୀଙ୍କୁ ନିପାତ କରିବା ସହ ତାଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବକୁ ଦାବି କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋର୍ଟର ସମସ୍ତ କର୍ମଚାରୀ, ସମସ୍ତ ଆଇନଜୀବୀ ଓ ପୁଲିସ୍ କର୍ମଚାରୀ ଉପସ୍ଥିତ ଥିଲେ ।

# ଅଂଶୁଘାତରେ ୧୨ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ

**ସୋର,୨୫।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସୋରରେ ରହୁଥିବା ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ୧୨ ଜଣ ଛାତ୍ରଛାତ୍ରୀ ଅଂଶୁଘାତର ଶିକାର ହୋଇ ସୋର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ବର୍ତ୍ତମାନ ରାଜ୍ୟର ସମସ୍ତ ସ୍କୁଲ୍ ଏବଂ କଲେଜ ବନ୍ଦ ଘୋଷଣା କରିଛନ୍ତି । କିନ୍ତୁ ସୋରରେ ଘରୋଇ ମେସ୍‌ର ମାଲିକମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ନାଁରେ ମେସ୍‌ରେ ରଖିଛନ୍ତି । ତେବେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ସୋର କଲେଜ ଛକରେ ଥିବା ବ୍ରହ୍ମର୍ଷି, ଆର୍ଯ୍ୟାନ୍ ଓ କାଲାମ ଯୁକ୍ତଦୁଇ ବିଜ୍ଞାନ କଲେଜରେ ରହୁଥିବା ୧୨ ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶୁଘାତର ଶିକାର ହୋଇଥିଲେ । ପରେ ମେସ୍‌ର କର୍ମଚାରୀମାନେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିବା ପରେ କିଛି ଛାତ୍ରଛାତ୍ରୀ ସୁସ୍ଥ ହୋଇ ଫେରିଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ୬ ଜଣ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ବରିଷ୍ଠ ସାମ୍ବାଦିକଙ୍କ ବିୟୋଗରେ ଶୋକ



**ଯାଜପୁର,୨୫।୪/ଏନ୍‌ଏନ୍‌ଏସ୍:** ଯାଜପୁର ସହରର ବରିଷ୍ଠ ସାମ୍ବାଦିକ ତଥା ଜଣେ ବଳିଷ୍ଠ କଂଗ୍ରେସ କର୍ମୀ ରବିନ୍ଦ୍ର ରଣା(୭୩)ଙ୍କ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ହେବ ହୃଦ୍‌ଘାତରେ ପୀଡ଼ିତ ଥିଲେ । ସ୍ୱର୍ଗତ ରଣା ଦୀର୍ଘ ବର୍ଷ ହେବ ଓଡ଼ିଆ ଖବର କାଗଜ ମନ୍ଥନରେ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିଲେ । ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କଂଗ୍ରେସ ଦଳରେ ଜଣେ ବଳିଷ୍ଠ କର୍ମୀ ଭାବେ ପରିଚିତ ଥିଲେ । ଗତ ରାତିରେ ନିଜ ନରହଣପୁର ଗ୍ରାମରେ ତାଙ୍କର ମୃତ୍ୟୁ ଘଟିଛି । ସେ ଜଣେ ଶାନ୍ତ, ସରଳ ଓ ମେଳାପି ବ୍ୟକ୍ତିତ୍ୱ ଥିଲେ । ତାଙ୍କ ବିୟୋଗରେ ଯାଜପୁର ସହରର ସମସ୍ତ ସାମ୍ବାଦିକ ଗଭୀର ଶୋକବ୍ୟକ୍ତ କରିଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ମୃତ୍ୟୁ ଖବରପାଇ ଜିଲ୍ଲା କଂଗ୍ରେସର ସନ୍ତୋଷ ନନ୍ଦ, ସୁଦୀପ କୁମାର କର, ଦୁର୍ଯ୍ୟୋଧନ ବେହେରା,ଦିଲିପ ଦାଶ,ଭାସ୍କର ମହାନ୍ତି,ରାଜୀବ ମହାପାତ୍ର,ବିଭୁତି ମହାପାତ୍ର,ସଂଗ୍ରାମ ସାହାଣୀ,ସଂଗ୍ରାମ ଜେନା,ପ୍ରତିମା କର,ସନ୍ତୋଷ ବେହେରା,ବିଜୟ ମହାପାତ୍ର ପ୍ରମୁଖ ସ୍ୱର୍ଗତ ରଣାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଏହି ଘଟଣାରେ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ,ପୂର୍ବତନ ମନ୍ତ୍ରୀ ଶରତ ରାଉତ,ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ,ନାରାୟଣ ଚନ୍ଦ୍ର ସାମନ୍ତ,ଶ୍ରୀକାନ୍ତ ମିଶ୍ର,ଶ୍ରୀନାଥ ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ମର ଶରୀରକୁ ବାରୁଣୀ ମହାଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ପୁଅ ପତିତପାବନ ରଣା ମୁଖାଗ୍ନି ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ



**ଢେଙ୍କାନାଳ,୨୫।୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମ୍ୟାଲେରିଆ ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ବେହେରା କହିଲେ ସବୁ ବିଭାଗ ଓ ମୁଖ୍ୟତଃ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ଓ ଲୋକମାନଙ୍କ ସହଯୋଗରେ ଆମ ଢେଙ୍କାନାଳ ଜିଲ୍ଲାରେ ମ୍ୟାଲେରିଆ ରୋଗକୁ ନିରାକରଣ ସମ୍ଭବ ବୋଲି କହିଥିଲେ । ସେ ମୁଖ୍ୟତଃ ବାହାର ଜିଲ୍ଲା କିମ୍ବା ରାଜ୍ୟରୁ ଆସୁଥିବା ଲୋକଙ୍କୁ ଅନୁଧ୍ୟାନ କରିବା ସହ ଜ୍ୱରର ବିବରଣୀ ତା ସହିତ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା ପାଇଁ ଆମର ଆଶା କର୍ମୀ, ସ୍ୱସ୍ଥ୍ୟକର୍ମୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଆଦେଶ ଦେଇଥିଲେ । ଏହା ସହିତ ସେ ବିଶ୍ୱ ମ୍ୟାଲେରିଆ ଦିବସର ବିଷୟବସ୍ତୁ-ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ । ଏଥି ନିମନ୍ତେ ପୁର୍ନବିନିଯୋଗ, ପୁନଃଚିନ୍ତନ, ପୁନରୁଦ୍ଧିପିତ କରନ୍ତୁ ବୋଲି କହିଥିଲେ । ସେ ଜ୍ୱର ହେଲେ ଅତିଶୀଘ୍ର ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରିବା ପାଇଁ ସମସ୍ତ ଢେଙ୍କାନାଳବାସୀଙ୍କୁ ଅନୁରୋଧ କରିଥିଲେ । ଏହି ମ୍ୟାଲେରିଆ ରକ୍ତପରୀକ୍ଷା ଓ ଚିକିତ୍ସା ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କରେ ମାଗଣାରେ ଦିଆଯାଉଛି । ସେ ପରାମର୍ଶ ଦେଇଥିଲେ ମ୍ୟାଲେରିଆ ଜଣାପଡ଼ିଲେ ଔଷଧ ପୁର୍ଣ୍ଣମାତ୍ରାରେ ଖାଆନ୍ତୁ । ପ୍ରତିଦିନ ମଶାରୀ ଟାଣି ଶୁଅନ୍ତୁ, ଘର ଚାରିପାଖଷର ପାଣି ଜମିବାକୁ ଦିଅନ୍ତୁ ନାହିଁ । ତା' ପରେ ଜିଲ୍ଲା ଭେକଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାର ମ୍ୟାଲେରିଆ ସ୍ଥିତି ଓ ମ୍ୟାଲେରିଆ ନିରାକରଣ ଉପାୟମାନ ବସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଢେଙ୍କାନାଳ ଜିଲ୍ଲାରେ ମ୍ୟାଲେରିଆ ରୋଗର ନିରାକରଣ ପାଇଁ ୨୦୨୦-୨୧ ବର୍ଷରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ମଶାରୀ ବଣ୍ଟନ କରାଯାଇଅଛି । ଅପହଞ୍ଚ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଚାଲୁଅଛି । ଗାଁ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କରେ ମାଗଣାରେ ମ୍ୟାଲେରିଆ ରକ୍ତପରୀକ୍ଷା ଓ ଚିକିତ୍ସା କରାଯାଉଛି । ଆଦିବାସୀ ଆବାସିକ ବିଦ୍ୟାଳୟ ମାନଙ୍କରେ ଗ୍ରୀଷ୍ମଛୁଟି ଓ ଦୁର୍ଗାପୂଜା ଛୁଟିପରେ ସମସ୍ତ ପିଲା ଓ ଶିକ୍ଷକମାନଙ୍କର ମ୍ୟାଲେରିଆ ପାଇଁ ରକ୍ତପରୀକ୍ଷା କରାଯାଉଛି । ପ୍ରତ୍ୟେକ ମ୍ୟାଲେରିଆ ରୋଗୀଙ୍କୁ ଫଲୋଅପ୍ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା କରାଯାଉଛି । ଜିଲ୍ଲାର ୨୦୨୦ ମସିହାରେ ୧୬୭୮୦୬ ଜଣଙ୍କ ଠାରେ ମ୍ୟାଲେରିଆ ରକ୍ତପରୀକ୍ଷା କରି ୮୨ ଜଣ ମ୍ୟାଲେରିଆ ରୋଗରେ ଚିହ୍ନଟ ହୋଇଥିଲେ । ୨୦୨୧ ମସିହାରେ ୧୭୭୨୮୭ ଜଣଙ୍କ ରକ୍ତ ପରୀକ୍ଷାରୁ ୪୪ ଜଣ, ୨୦୨୨ ମସିହାରେ ୨୦୧୮୬୬ ଜଣଙ୍କ ରକ୍ତ ପରୀକ୍ଷାରୁ ୮୮ ଜଣ, ୨୦୨୩ ମସିହାରେ ୨୩୨୪୦୦ ଜଣଙ୍କ ରକ୍ତ ପରୀକ୍ଷାରୁ ୧୧୩ ଜଣ, ୨୦୨୪ ମସିହାରୋ ୨୨୮୭୬୭ ଜଣଙ୍କ ରକ୍ତ ପରୀକ୍ଷାରୁ ୧୫୯ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୫ ମସିହା ବର୍ତମାନ ସୁଦ୍ଧ ୫୨୮୪୪ ଜଣଙ୍କ ରକ୍ତ ପରୀକ୍ଷାରୁ ୧୪ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ କୌଣସି ଜଣେ ହେଲେ ମ୍ୟାଲେରିଆ ରୋଗରେ ମୃତ୍ୟୁବରଣ କରିନାହାନ୍ତି । ଏହା ପରେ ବିଶ୍ୱ ମ୍ୟାଲେରିଆ ଦିବସର ଶପଥ ଗ୍ରହଣ କରାଯାଇଥିଲା । ଏହି ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ରଞ୍ଜନ କୁମାର ସାମଲ, ଜିଲ୍ଲା ଭେକଟର ବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ଜ୍ୟୋତିର୍ମୟୀ ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ମ୍ୟାଲୋରିଆ କୋଷାଧ୍ୟକ୍ଷ ସୁକାନ୍ତ କୁମାର ଚାନ୍ଦ, ଆଶା, ଅଙ୍ଗନବାଡି କର୍ମୀ, ଗଣମାଧ୍ୟମର ପ୍ରତିନିଧୀ ମାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ମକ୍ ଡ୍ରିଲ୍




**ଢେଙ୍କାନାଳ,୨୫।୪/ଏନ୍‌ଏନ୍‌ଏସ୍:** ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ କାରଖାନାର ବିଟିଏକ୍ସ କ୍ଷେତ୍ର, କୋକ୍ ଓଭେନ୍-୨ରେ ଏକ ଜରୁରୀକାଳୀନ ମକ୍ ଡ୍ରିଲ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏଥିରେ ନିଆଁ ଲାଗିବା ଭଳି ଏକ କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ତାହାକୁ ନିୟନ୍ତ୍ରଣ କରିବା ତଥା କାରଖାନାର ଜରୁରୀକାଳୀନ ପ୍ରସ୍ତୁତିକୁ ପରୀକ୍ଷା ଓ ଏହାକୁ ଆହୁରି ସୁଦୃଢ କରିବା ଉପରେ ମକ୍ ଡ୍ରିଲ କରାଯାଇଥିଲା । ଏହି ମକ୍ ଡ୍ରିଲରେ ଢେଙ୍କାନାଳ ଜୋନର କାରଖାନା ଓ ବଏଲର ସହକାରୀ ଇ. ପୁଷ୍ପମିତ୍ରା ଜେନା, ଢେଙ୍କାନାଳ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ ଏବଂ ଢେଙ୍କାନାଳ ଜିଲ୍ଲା କ୍ରାଇସିସ ଗ୍ରୁପ, ଜିଏମ୍‌ଆର୍ ନବ ଲିମିଟେଡ, ରିମଝିମ ଆଦି ସ୍ଥାନୀୟ ଉଦ୍ୟୋଗର ପ୍ରତିନିଧୀମାନେ ଉପସ୍ଥିତ ଥିଲେ । ଟିଏସ୍‌ଏମ୍‌ର ସୁରକ୍ଷା ମୁଖ୍ୟ ବିଜାସ ଏନ ଗାଏକ୍ୱାଡ, କୋକ କାରଖାନା ମୁଖ୍ୟ ବିରେନ୍ଦ୍ର ସିଂହ, ପ୍ରେସେସ ସେଫ୍ଟି ମୁଖ୍ୟ କୁମାର ବରୁଣଙ୍କ ସମତେ ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଡ୍ରିଲ ପରେ ସାଇଟ ଇନସଡେଣ୍ଟ କଣ୍ଟ୍ରୋଲର, କମ୍ବାଟ ଟିମ୍ ଲିଡର, ଉଦ୍ଧାରକାରୀ ଦଳର ଲିଡର ଓ ଅକଜିଲାରୀ ଦଳର ଲିଡର ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମର ଦକ୍ଷତା ଓ ପ୍ରଭାବକୁ ଶିଳ୍ପ ପ୍ରତିନିଧୀ ଓ ଅତିଥିମାନେ ପ୍ରଶଂସା କରିଥିବା ବେଳେ ବାସ୍ତବିକ ଜରୁରୀକାଳୀନ ପରିସ୍ଥିତି ପାଇଁ ଏଭଳି ଡ୍ରିଲର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ 'ଶୂନ୍ୟ ଦୁର୍ଘଟଣା' ପ୍ରତି ଟିଏସ୍‌ଏମ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିବା ବେଳେ ଶିଳ୍ପ କ୍ଷେତ୍ରରେ ଜରୁରୀକାଳୀନ ପ୍ରସ୍ତୁତିର ଆବଶ୍ୟକତା ଉପରେ ଏହା ଗୁରୁତ୍ୱ ବହନ କରୁଛି ।

# ବୈଠକ ବନ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମାମଲା**

**କେନ୍ଦ୍ରାପଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ବିରୋଧରେ ଶୁକ୍ରବାର ରୋକ୍ ଲାଗିଛି । ହାଇକୋର୍ଟରେ ଏନେଇ ନିର୍ଦ୍ଦେଶ ପରେ ଜିଲ୍ଲା ରାଜନୀତି ଚଳଚଞ୍ଚଳ ହୋଇଛି । ମାମଲା (ନଂ- ଡବ୍ଲୁପି ସି - ୧୦୫୫୩/୨୦୨୫)ର ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ବୈଠକ ଆଗତ ନ କରିବା ପାଇଁ ହାଇକୋର୍ଟ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଗତ ମାର୍ଚ୍ଚ ୨୧ରେ କେତେକ ସରପଞ୍ଚ ଓ ସମିତିସଭ୍ୟ ଉପଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଇ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ନିବେଦନ କରିଥିଲେ । ଗତ ୫ ତାରିଖରେ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା । ତେବେ କେତେକ ସଭ୍ୟ ଅସୁସ୍ଥ ଥିବା ଦର୍ଶାଇ ପରେ ଏହି ବୈଠକୁ ବାତିଲ କରାଯାଇଥିଲା । ଏନେଇ ବିଜୟ ଶୁକ୍ଲା ପ୍ରମୁଖ ହାଇକୋର୍ଟରେ ଏହି ମାମଲା କରିଥିଲେ । ଏହି କେସ୍‌ର ଶୁଣାଣି ଆସନ୍ତା ୩୦ ତାରିଖରେ ହେବ ବୋଲି ସୂଚନା ମିଳିଛି । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ବୈଠକ ଆସନ୍ତା ୨୯ରେ ହେବ ବୋଲି ନିଷ୍ପତି ନିଆଯାଇ ଥିବା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚମାନଙ୍କୁ ନଂ ୫୦୧୫ରେ ଚିଠି କରିଥିଲେ । ଏହି ଚିଠିରେ ଉଲ୍ଲେଖ ଥିଲା ଯେ, ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ପଞ୍ଚାୟତ ସମିତି ଗୃହରେ ବୈଠକ ହେବ । ତହସିଲଦାର ଶିବ ମଲ୍ଲିକ ଏଥିରେ ସଭାପତିତ୍ୱ କରିବେ । ଏହି ଚିଠି ମିଳିବା ପରେ ବିଜୟ ଶୁକ୍ଲା ପ୍ରମୁଖ ପୁଣିଥରେ ହାଇକୋର୍ଟରେ ଏସମ୍ପର୍କରେ ଅବଗତ କରିଥିଲେ ।

# ମା'ଶାରଳା ମନ୍ଦିରକୁ ପର୍ଯ୍ୟଟନ ସ୍ଥାନ ପାଇଁ ଦାବି



**ଜଗତସିଂହପୁର,୨୫।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଓ ତିର୍ତ୍ତୋଲର ବରିଷ୍ଠ ବିଜେପି ନେତା ଅଶୋକ କୁମାର ମହାନ୍ତି, ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ମନ୍ଦିରକୁ ଓଡ଼ିଶା ପର୍ଯ୍ୟଟନ ମାନ ଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବାପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଏ ସମ୍ପର୍କରେ ସଭାପତି ଶ୍ରୀ ମିଶ୍ର ଓ ବରିଷ୍ଠ ନେତା ଶ୍ରୀ ମହାନ୍ତି, ରାଜ୍ୟ ପର୍ଯ୍ୟଟନ ବିଭାଗ ଅଭିଯୋଗ ପ୍ରକୋଷ୍ଠରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମିଶନ ଶକ୍ତି, ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହିତ ମା'ଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯଥାଶିଘ୍ର ଶେଷ କରିବା, ଯାତ୍ରୀ ବିଶ୍ରାମଗାର ନିର୍ମାଣ କରିବା, ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ପୁନଃଥଇଥାନ କରିବା, ସାରଳା ଦାସ ସରୋବରର ଉନ୍ନତିକରଣ, ନୌକା ବିହାର ସହ ଚିତବିନୋଦନ ଉଦ୍ୟାନ, ସାରଳା ଦାସଙ୍କ ଜନ୍ମପୀଠ, ଶାଧନା ପୀଠ ଓ ସମାଧି ପୀଠକୁ ନେଇ ବ୍ୟାଖନ କେନ୍ଦ୍ର ଓ ଶକ୍ତିପୀଠ ସଂଯୋଗୀକରଣ ଯୋଜନାରେ ଶାରଳା ମନ୍ଦିରକୁ ସାମିଲ କରିବା ଦାବି କରିଛନ୍ତି । ଯାହାକୁ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମସ୍ତ ବିଷୟକୁ ଅତ୍ୟନ୍ତ ଗମ୍ଭିରତାର ସହିତ ଆଲୋଚନା କରିବା ସହିତ ତୁରନ୍ତ ପଦକ୍ଷେପ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

**କୋରୋ କୃଷି ସମବାୟ ସମିତିରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣା**

# ହାତ ବାନ୍ଧି ବସିଛି ପୁଲିସ୍

**କେନ୍ଦ୍ରାପଡ଼ା,୨୫।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ କୋରୋ କୃଷି ସମବାୟ ସମିତିରୁ ଲକ୍ଷାଧିକ ଟଙ୍କା ଚୋରି ହେବାର ୧ ମାସ ପରେ ମଧ୍ୟ ପୁଲିସ୍‌ର ତଦନ୍ତରେ ଶୀଥଳତା ଦେଖାଦେଇଛି । ବାସ୍ତବରେ ଏହି ସମବାୟ ସମିତି ଟଙ୍କା ଚୋରି ହୋଇଛି ନା ଲକ୍ଷାଧିକ ଟଙ୍କା ଆତ୍ମସାତ୍ ପାଇଁ ସଭାପତି ଓ ସମ୍ପାଦକ ଏହି ଚକ୍ରାନ୍ତ କରିଛନ୍ତି । ପୁଲିସ୍‌ର ତଦନ୍ତ ଠିକ୍ ଭାବରେ ହେଲେ ବାସ୍ତବ କଥା ଜଣାପଡ଼ନ୍ତା । ସମବାୟ ସମିତିରୁ ଟଙ୍କା ଚୋରି ହୋଇଥିବା ନେଇ ସମିତିର ସମ୍ପାଦକ ପ୍ରହ୍ଲାଦ ମଲ୍ଲିକ ନିକିରାଇ ଥାନାରେ ଅଭିଯୋଗ କରିଥିଲେ । କୋରୋ କୃଷି ସମବାୟ ସମିତିରେ ଗତ ମାର୍ଚ୍ଚ ମାସ ୨୫ ତାରିଖ ଦିନ କୃଷି ଋଣମେଳା ଅନୁଷ୍ଠିତ ହୋଇଥିଲା । ଏହି ଋଣ ମେଳାରେ ସୋସାଇଟିରୁ ଋଣ ନେଇଥିବା ହିତାଧିକାରୀମାନେ ଋଣ ପରିଶୋଧ କରିଥିଲେ । ଏ ବାବଦକୁ ପ୍ରାୟ ଲକ୍ଷାଧିକ ଟଙ୍କା ଋଣ ବାବଦରେ ଆଦାୟ କରାଯାଇଥିଲା । କିନ୍ତୁ ୨୯ ତାରିଖରେ ସୋସାଇଟି କାର୍ଯ୍ୟାଳୟର ଗ୍ରୀଲ ତାଡ଼ି କାର୍ଯ୍ୟାଳୟ ଭିତରେ ଥିବା ଆଲମାରି ଭାଙ୍ଗି ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ଚୋରମାନେ ଚୋରି କରିନେଇଥିବାର ସମ୍ପାଦକ ଥାନାରେ ଅଭିଯୋଗ କରିଥିଲେ । ଏଠାରେ ପ୍ରଶ୍ନ ଏତେଗୁଡିଏ ଟଙ୍କା ସୋସାଇଟି କାର୍ଯ୍ୟାଳୟରେ କାହିଁକି ରହିଥିଲା । ଦୈନନ୍ଦିନ ଖର୍ଚ୍ଚ ପାଇଁ ଏହି ଟଙ୍କା ସୋସାଇଟିରେ ରଖାଯାଇଥିବା ସମ୍ପାଦକ ଓ ସଭାପତି ସଫେଇ ଦେଉଥିବାବେଳେ ଦୈନନ୍ଦିନ ଖର୍ଚ୍ଚ ପାଇଁ କଣ ଏତେ ଟଙ୍କାର ଆବଶ୍ୟକତା ଥିଲା ବୋଲି ସନ୍ଦେହ ହେଉଛି । ଏଥିସହିତ ଦୈନିକ ଆଦାୟ ଟଙ୍କା ବ୍ୟାଙ୍କ୍‌ରେ ଜମା କରିବାର ବ୍ୟବସ୍ଥା ଥିବାବେଳେ ଏହି ଟଙ୍କା କାହିଁକି ପାଖରେ ରଖାଯାଇଥିଲା ତାହା ମଧ୍ୟ ସନ୍ଦେହ ଆଡ଼କୁ ଟାଣି ନେଉଛି । ପାଖ ଗ୍ରାମର ରାତ୍ର ଜଗୁଆଳି ଥିବାବେଳେ ଏବଂ ସୋସାଇଟି କାର୍ଯ୍ୟାଳୟ ନିକଟରେ ଘରୋଇ ଲୋକେ ରହୁଥିବାବେଳେ ଗ୍ରୀଲ୍‌ତାଡ଼ି ଟଙ୍କା ଚୋରି ହେବା ଅନ୍ୟ ଏକ ସନ୍ଦେହର କାରଣ । ୨୯ ତାରିଖ ଦିନ ଗ୍ରୀଲ୍ ତଡ଼ାଯାଇ ଟଙ୍କା ଚୋରି ହୋଇଥିବାର ରାତ୍ର ଜଗୁଆଳ ଭାଗିରଥୀ ମଲ୍ଲିକ ଦେଖି ସମ୍ପାଦକଙ୍କୁ ଖବର ଦେଇଥିଲେ । ଏହାପରେ ସମ୍ପାଦକ ସ୍ଥାନୀୟ ନିକିରାଇ ଥାନାରେ ଏ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ହେଲେ ନିକିରାଇ ପୁଲିସ୍ ଏଭଳି ଏକ ସମ୍ବେଦନଶୀଳ ଘଟଣା ଏବଂ ଲକ୍ଷାଧିକ ଟଙ୍କା ଚୋରି ଘଟଣାକୁ ହାଲୁକା ଭାବେ ନେଇଥିବାରୁ ବାସ୍ତବ କଥା ଲୋକଲୋଚନକୁ ଆସିପାରୁନାହିଁ । ଏତେଗୁଡିଏ ଟଙ୍କା ଆତ୍ମସାତ୍ କରାଯାଇ ଏହାକୁ ଚୋରିର ରୂପ ଦିଆଯାଇଥିବାର ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି । ଏ ଘଟଣାକୁ ନେଇ ସମିତିର ସଭାପତି ଏବଂ ସମ୍ପାଦକଙ୍କ ଭୂମିକା ସନ୍ଦେହ ପ୍ରକଟ କରୁଛି । କେବଳ ଥାନାରେ ଅଭିଯୋଗ କରି ସମ୍ପାଦକ ମହାଶୟ ଦିନଟିଏ ଏ ବାବଦକୁ ଥାନାକୁ ଯାଇନଥିବାର ଶୁଣିବାକୁ ମିଳୁଛି । ଯଦି ବାସ୍ତବରେ ଏ ଅର୍ଥ ଆତ୍ମସାତ୍ କରାଯାଇଥାଏ ଏବଂ ଏହାକୁ ଚୋରିର ରୂପ ଦିଆଯାଇଥାଏ ତେବେ ସଭାପତି ଓ ସମ୍ପାଦକଙ୍କ ପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ । ତେଣୁ ପୁଲିସ୍ ଉପଯୁକ୍ତ ତଦନ୍ତ କରି ସଭାପତି, ସମ୍ପାଦକ ଏବଂ ରାତ୍ର ଜଗୁଆଳିଙ୍କୁ ତଦନ୍ତ ପରିସରଭୁକ୍ତ କରାଇ ଘଟଣାକୁ ସଠିକ୍ ଭାବେ ତଦନ୍ତ କରାଇଲେ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ପୁଣି ହାତୀ ନେଲା ଜୀବନ

**ଢେଙ୍କାନାଳ,୨୫।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଚଳିତବର୍ଷରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମଣିଷ ହାତୀପାଦତଳେ ଜୀବନ ହାରିଥିବାବେଳେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ବନାଞ୍ଚଳରେ ହାତୀ ଆକ୍ରମଣରେ ପୁଣିଜଣେ ମହିଳା ଆଜି ଜୀବନ ଯାଇଛି । ପ୍ରକାଶ ଆଜି ଅପରାହ୍ନରେ ହିନ୍ଦୋଳ ବ୍ଲକ୍ ବମ୍ପାପଞ୍ଚାୟତ ରାସୋଳ ଥାନା ଅନ୍ତର୍ଗତ ପଟାଲୁ ଗ୍ରାମର ଦର୍ଶନୀ ପ୍ରଧାନଙ୍କ ସ୍ତ୍ରୀ ସୁରତି ପ୍ରଧାନ(୪୫) କାଜୁ ତୋଳିବାକୁ ନିକଟସ୍ଥ ମୋହନପୁର କାଜୁ ବଗିଚା ଯାଇଥିବାବେଳେ ହଠାତ୍ ଏକ ବଣୁଆ ଦନ୍ତାହାତୀ ଆସି ସୁରତିଙ୍କୁ ଶୁଣ୍ଢରେ ଟେକି କଚାଡ଼ି ପାଦରେ ଦଳିଦେଇଥିଲା । ଫଳରେ ମୁଣ୍ଡ ହାତରେ ଗଭୀର ଆଘାତ ଲାଗି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଆସି ବନବିଭାଗକୁ ଖବର ଦେବାରେ ବନବିଭାଗ ଓ ରାସୋଳ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନା ପଠାଇଦେଇଛନ୍ତି । ହିନ୍ଦୋଳ ବନବିଭାଗର ସ୍ଥାଣୁତା ପାଇଁ ହାତୀ ଆକ୍ରମଣ ଜନିତ ମୃତ୍ୟୁ ବଢ଼ିବାରେ ଲାଗିଥିଲେ ମଧ୍ୟ କିଛି ନିରୀହ ଲୋକଙ୍କୁ ଗିରଫ କରିବା, ଜଙ୍ଗଲ ଜମି କାଟି ରାସ୍ତା ନିର୍ମାଣ କରିବା ଏବଂ ବାଲିଗାଡ଼ି ଧରି ନିଜ ମୁନଫା ପାଇଁ ବାହାବା ନେଉଥିବା ବନବିଭାଗର ଦାୟିତ୍ୱବୋଧ କେବେ ଆସିବବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି ।

DADLS-

ଓଡ଼ିଶା ସରକାର



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୫

ସକାଳ- ୮ ଘଟିକା ସମୟରେ ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି-
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା

-ସମ୍ମାନନୀୟ ଅତିଥି-
ଶ୍ରୀ ଦାଶରଥି ଗମାଙ୍ଗୋ, ବିଧାୟକ, ମୋହନା

-ମୁଖ୍ୟବକ୍ତା-
ଶ୍ରୀ ସରୋଜ କୁମାର ସାମଲ, ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା

-ଧନ୍ୟବାଦ ଅର୍ପଣ-
ଶ୍ରୀ ଦିଗ୍‌ବିଜୟ ନାଥ ପାଢ଼ୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ

ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

**ଆଜିର ମ୍ୟାଚ୍**

କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ପଞ୍ଜାବ କିଙ୍ଗ୍‌ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: କୋଲ୍‌କାତା

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

### ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ | ୮ | ୬ | ୨ | ୧୨ | +୦.୬୫୭ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ | -୦.୦୫୪ |
| କୋଲ୍‌କାତା | ୮ | ୩ | ୫ | ୬ | -୦.୨୧୨ |
| ହାଇଦ୍ରାବାଦ | ୯ | ୩ | ୬ | ୬ | -୧.୧୦୩ |
| ରାଜସ୍ଥାନ | ୯ | ୨ | ୭ | ୪ | -୦.୬୨୫ |
| ଚେନ୍ନାଇ | ୯ | ୨ | ୭ | ୪ | -୧.୩୦୨ |

## ୪୦୦ ଟି-୨୦ ମ୍ୟାଚ୍‌ରେ ଧୋନି ଚତୁର୍ଥ ଭାରତୀୟ




**ଚେନ୍ନାଇ,୨୫।୪/ଏଜେନ୍ସି:** ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) କ୍ୟାପ୍ଟେନ୍ ମହେନ୍ଦ୍ର ସିଂହ ଧୋନି ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଧୋନିଙ୍କର ଏହା ୪୦୦ତମ ଟି-୨୦ ମ୍ୟାଚ୍ ହୋଇଥିବା ବେଳେ ଏହି ଉପଲବ୍ଧି ହାସଲ କରିବାରେ ସେ ଓଭରଅଲ୍ ୨୫ତମ ଖେଳାଳି ହୋଇଛନ୍ତି। କ୍ରିକେଟ୍‌ର ଏହି ଛୋଟ ଫର୍ମାଟ୍‌ରେ ୪୦୦ ମ୍ୟାଚ୍ ଖେଳିବାରେ ଧୋନି ଚତୁର୍ଥ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ରୋହିତ ଶର୍ମା, ଦିନେଶ କାର୍ତ୍ତିକ ଓ ବିରାଟ କୋହଲି ଏହି ଉପଲବ୍ଧି ହାସଲ କରିସାରିଛନ୍ତି। ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ଟି-୨୦ ମ୍ୟାଚ୍ ଖେଳିବା ରେକର୍ଡ ରୋହିତ ଶର୍ମାଙ୍କ ନାମରେ ରହିଛି। ସେ ବର୍ତ୍ତମାନ ସୁଦ୍ଧା ୪୫୬ ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି। ଏହି ମାଳାରେ ଦିନେଶ କାର୍ତ୍ତିକ (୪୧୨) ଦ୍ୱିତୀୟ ଏବଂ ବିରାଟ କୋହଲି (୪୦୭) ତୃତୀୟ ସ୍ଥାନରେ ରହିଛନ୍ତି। ଏବେ ଧୋନିଙ୍କ ନାମ ମଧ୍ୟ ଏହି ସୂଚୀରେ ସାମିଲ ହୋଇଛି।

## ଆର୍‌ସିବି ନାମରେ ଅଲୋଡ଼ା ରେକର୍ଡ

**ବେଙ୍ଗାଲୁରୁ,୨୫।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନର୍ ୪୨ତମ ମ୍ୟାଚ୍ ଗୁରୁବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଥିଲା। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ଆର୍‌ସିବିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହା ଚଳିତ ସିଜନ୍‌ରେ ଆର୍‌ସିବିର ଘରୋଇ ଷ୍ଟାଡିୟମ୍‌ରେ ଚତୁର୍ଥ ଟସ୍ ପରାଜୟ ଥିଲା। ଏହା ସହିତ ଟିମ୍ ନାମରେ ଏକ ଅଲୋଡ଼ା ରେକର୍ଡ ହୋଇଛି। କୌଣସି ଏକ ପଡ଼ିଆରେ ସର୍ବାଧିକ ଥର ଟସ୍ ହାରିବାରେ ଆର୍‌ସିବି ପ୍ରଥମ ଟିମ୍ ହୋଇଛି। ବେଙ୍ଗାଲୁରୁରେ ଟିମ୍ ମୋଟ ୫୮ ଥର ଟସ୍ ହାରିଛି। ଏହି ମାମଲାରେ କୋଲ୍‌କାତା ନାଇଟ୍ ରାଇଡର୍ସ ଦ୍ୱିତୀୟ ସ୍ଥାନରେ ରହିଛି। ଇତିମଧ୍ୟରେ କୋଲ୍‌କାତା ଘରୋଇ ପଡ଼ିଆରେ ୫୧ ଥର ଟସ୍ ହାରିଛି। ଏହି ସୂଚୀର ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ (୪୫) ଏବଂ ଚେନ୍ନାଇ ସୁପର୍ କିଙ୍ଗ୍‌ସ (୩୬) ରହିଛନ୍ତି।

## ମହମ୍ମଦ ଶମୀଙ୍କ ନୂଆ କୀର୍ତ୍ତିମାନ



**ଚେନ୍ନାଇ,୨୫।୪/ଏଜେନ୍ସି:** ଚେନ୍ନାଇ ବିପକ୍ଷ ଶୁକ୍ରବାରର ଆଇପିଏଲ୍ ମ୍ୟାଚ୍‌ରେ ହାଇଦ୍ରାବାଦ ଫାଷ୍ଟ ବୋଲର୍ ମହମ୍ମଦ ଶମୀ ଏକ ନୂଆ କୀର୍ତ୍ତିମାନ କରିଛନ୍ତି। ଏହା ଏପରି ଏକ ରେକର୍ଡ, ଯାହା ଭାଙ୍ଗିବା ତ ଦୂରର କଥା କୌଣସି ବୋଲର୍ ଏହାର ସମକକ୍ଷ ହେବା ମଧ୍ୟ ବଡ଼ କଥା। ସେ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ୱିକେଟ୍ ହାସଲ କରିଛନ୍ତି। ଏହା ସହିତ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ସର୍ବାଧିକ ୱିକେଟ୍ ଅକ୍ତିଆର କରିବାରେ ପ୍ରଥମ ବୋଲର୍ ହୋଇଛନ୍ତି। ଏହି ମ୍ୟାଚ୍‌ରେ ଚେନ୍ନାଇ ଓପ୍ନର୍ ଶେଖ୍ ରଶିଦ୍‌ଙ୍କୁ ସ୍ଲିପ୍‌ରେ ଅଭିଷେକ ଶର୍ମାଙ୍କ ଦ୍ୱାରା କ୍ୟାଚ୍ କରାଇବା ସହିତ ଶମୀ ଏହି ରେକର୍ଡର ଅଧିକାରୀ ହୋଇଛି। ଶମୀ ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ଚାରିଥର ପ୍ରଥମ ବଲ୍‌ରେ ୱିକେଟ୍ ହାସଲ କରିଛନ୍ତି। ଏହା ପୂର୍ବରୁ ଶମୀ ୨୦୧୪ରେ ପ୍ରଥମ ଥର ପାଇଁ ପ୍ରଥମ ବଲ୍‌ରେ ଜ୍ୟାକ୍ କାଲିସ୍‌ଙ୍କୁ ଆଉଟ୍ କରିଥିଲେ। ଏହାପରେ ୨୦୨୨ରେ କେଏଲ୍ ରାହୁଲ ଏବଂ ୨୦୨୩ରେ ଫିଲ୍ ସଲ୍ଟଙ୍କୁ ପ୍ରଥମ ବଲ୍‌ରେ ପ୍ୟାଭିଲିୟନ୍ ଫେରାଇଥିଲେ। ଆଇପିଏଲ୍‌ରେ ଟ୍ରେଣ୍ଟ୍ ବୋଲ୍ଟ, ଭୁବନେଶ୍ୱର କୁମାର, ଲାସିଥ୍ ମାଲିଙ୍ଗା, ଡର୍କ ନେନ୍ସ ଓ ଉମେଶ ଯାଦବ ଦୁଇଥର ଲେଖାଏ ପ୍ରଥମ ବଲ୍‌ରେ ୱିକେଟ୍ ହାସଲ କରିଛନ୍ତି।

### କାମିନ୍ଦୁ ମେଣ୍ଡିସ୍ ଓ ନୀତୀଶ ରେଡ୍ଡୀଙ୍କ ସଂଘର୍ଷପୂର୍ଣ୍ଣ ଇନିଂସ୍

# ଚେନ୍ନାଇକୁ ୫ ୱିକେଟ୍‌ରେ ହରାଇଲା ହାଇଦ୍ରାବାଦ

**ଚେନ୍ନାଇ,୨୫।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ର ୪୩ତମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ୫ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)କୁ ହରାଇ ଦେଇଛି। ଶୁକ୍ରବାର ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦକୁ ବିଜୟ ପାଇଁ ୧୫୫ ରନ୍‌ର ଆବଶ୍ୟକତା ଥିବାବେଳେ ଟିମ୍ ଏହାକୁ ୧୮.୪ ଓଭର୍‌ରେ ହାସଲ କରିନେଇଛି। ଚଳିତ ସିଜନ୍‌ରେ ଏହା ୯ ମ୍ୟାଚ୍‌ରୁ ଚେନ୍ନାଇର ସପ୍ତମ ପରାଜୟ ହୋଇଥିବା ବେଳେ ଟିମ୍ ପଏଣ୍ଟ୍ ଟେବଲ୍‌ର ସର୍ବନିମ୍ନରେ ରହିଛି। ସେହିପରି ସମାନ ସଂଖ୍ୟକ ମ୍ୟାଚ୍‌ରୁ ଏହା ହାଇଦ୍ରାବାଦର ତୃତୀୟ ବିଜୟ। ଏହା ସହିତ ଟିମ୍ ପ୍ଲେଅଫ୍ ଖେଳିବା ଆଶା ଉଜ୍ଜୀବିତ ରଖିଛି।

୧୫୫ ରନ୍ ଲକ୍ଷ୍ୟର ପିଛା କରୁଥିବା ହାଇଦ୍ରାବାଦକୁ ଦ୍ୱିତୀୟ ବଲ୍‌ରେ ହିଁ ଝଟ୍‌କା ଲାଗିଥିଲା। ଅଭିଷେକ ଶର୍ମା ଖାତା ଖୋଲିବାକୁ ପୂର୍ବରୁ ଖଲିଲ ଅହମଦ୍‌ଙ୍କ ବଲ୍‌ରେ ଆୟୁଷ ମାହାତ୍ରେଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ଟ୍ରାଭିସ୍ ହେଡ୍ (୧୯) ଅଂଶୁଲ କମ୍ବୋଜଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ହେନ୍‌ରିକ୍ କ୍ଲାସେନ୍ ୭ ରନ୍ କରିଥିବା ବେଳେ ଜାଡ଼େଜାଙ୍କ ବଲ୍‌ରେ ଦୀପକ ହୁଡ୍ଡାଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଈଶାନ୍ କିଶନ୍ ୩୪ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୪୪ ରନ୍ କରି ନୁର୍ ଅହମଦ୍‌ଙ୍କ ବଲ୍‌ରେ ସାମ୍ କରନ୍‌ଙ୍କ ହାତରେ ଧରାପଡ଼ିଥିଲେ। ଅନିକେତ୍ ବର୍ମା ୧୯ ରନ୍ କରି ନୁର୍ ଅହମଦ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୧୦୬ ରନ୍‌ରେ ୫ ୱିକେଟ୍‌ର ପତନ ପରେ କାମିନ୍ଦୁ ମେଣ୍ଡିସ୍ ଓ ନୀତୀଶ କୁମାର ରେଡ୍ଡୀ ଅବିଭାଜିତ ୬ଷ୍ଠ ୱିକେଟ୍ ପାଇଁ ୪୯ ରନ୍ ଯୋଡ଼ି ଟିମ୍‌କୁ ୧୮.୪ ଓଭର୍‌ରେ ରୋମାଞ୍ଚକର ବିଜୟ ଦେଇଛନ୍ତି। ମେଣ୍ଡିସ୍ ୨୨ ବଲ୍‌ରେ ୩ ଚୌକା ସହାୟତାରେ ୩୨ ଏବଂ ନୀତୀଶ ରେଡ୍ଡୀ ୧୩ ବଲ୍‌ରେ ୨ ଚୌକା ସହାୟତାରେ ୧୯ ରନ୍ କରି ଅପରାଜିତ ଫେରିଥିଲେ। ଚେନ୍ନାଇ ପକ୍ଷରୁ ନୁର୍ ଅହମଦ ଦୁଇଟି ୱିକେଟ୍ ନେଇଥିବା ବେଳେ ଖଲିଲ ଅହମଦ, ଅଂଶୁଳ କମ୍ବୋଜ ଓ ରବୀନ୍ଦ୍ର ଜାଡ଼େଜାଙ୍କୁ ୧-୧ ସଫଳତା ମିଳିଥିଲା।



ଟସ୍ ହାରି ବ୍ୟାଟିଂ କରିଥିବା ଚେନ୍ନାଇ ପ୍ରଥମରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ବଲ୍‌ରେ ଶେଖ୍ ରଶିଦ୍ (୦)ଙ୍କୁ ଅଭିଷେକ ଶର୍ମାଙ୍କ ହାତରେ କ୍ୟାଚ୍ କରାଇ ମହମ୍ମଦ ଶମୀ ଚେନ୍ନାଇକର ପ୍ରଥମ ଝଟ୍‌କା ଦେଇଥିଲେ। ଏହାପରେ ୧୭ ବର୍ଷୀୟ ଆୟୁଷ ମାହାତ୍ରେ ସାମ୍ କରନ୍‌ଙ୍କ ସହ ମିଶି ଦ୍ୱିତୀୟ ୱିକେଟ୍ ପାଇଁ ୨୯ ରନ୍ ଯୋଡ଼ିଥିଲେ। ସାମ୍ କରନ୍ (୯)ଙ୍କୁ ଆଉଟ୍ କରି ହର୍ଷଲ୍ ପଟେଲ୍ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ଲୟରେ ଥିବା ଆୟୁଷ ନିଜ ଇନିଂସ୍‌କୁ ବଡ଼ କରିପାରି ନଥିଲେ। ୧୯ ବଲ୍‌ରେ ୬ ଚୌକା ସହାୟତାରେ ୩୦ ରନ୍ କରିଥିବା ବେଳେ ହାଇଦ୍ରାବାଦ କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସ ତାଙ୍କୁ ବିଦା କରିଥିଲେ। ଆୟୁଷଙ୍କ ଆଉଟ୍ ବେଳକୁ ଚେନ୍ନାଇ ସ୍କୋର୍ ୩ ୱିକେଟ୍‌ରେ ୪୭ ରନ୍ ହୋଇଥିଲା। ଏହାପରେ ଡେଭାଲ୍ଡ ବ୍ରେଭିସ୍ ଓ ରବୀନ୍ଦ୍ର ଜାଡ଼େଜା ଇନିଂସ୍ ଆଗେଇ ନେଇଥିଲେ। ତେବେ କାମିନ୍ଦୁ ମେଣ୍ଡିସ୍ ନିଜ ସ୍ପିନ୍‌ରେ ଜାଡ଼େଜାଙ୍କୁ ଫସାଇଥିଲେ। ଜାଡ଼େଜା ଗୋଟିଏ ଲେଖାଏ ଛକା ଓ ଚୌକା ସହାୟତାରେ ୧୭ ବଲ୍‌ରେ ୨୧ ରନ୍ କରିଥିଲେ। ଜାଡ଼େଜାଙ୍କ ଆଉଟ୍ ପରେ ବ୍ରେଭିସ୍ କେତେକ ବଡ଼ ଶଟ୍ ଖେଳିଥିଲେ। ଚେନ୍ନାଇ ପକ୍ଷରୁ ଡେବ୍ୟୁ ମ୍ୟାଚ୍ ଖେଳୁଥିବା ବ୍ରାଭିସ୍‌ଙ୍କୁ ହର୍ଷଲ୍ ପଟେଲ୍ ବିଦା କରିଥିଲେ। ବ୍ରେଭିସ୍ ୨୫ ବଲ୍‌ରେ ଗୋଟିଏ ଚୌକା ଓ ଚାରି ଛକା ସହାୟତାରେ ସର୍ବାଧିକ ୪୨ ରନ୍ କରିଥିଲେ। ଏହାପରେ ଶିଭମ୍ ଦୁବେ (୧୨) ଓ କ୍ୟାପ୍ଟେନ୍ ଧୋନି (୬) ଶସ୍ତାରେ ପ୍ୟାଭିଲିୟନ୍ ଫେରିଥିଲେ। ଇମ୍ପାକ୍ଟ ପ୍ଲେୟର୍ ଭାବେ ଆସିଥିବା ଅଂଶୁଳ କମ୍ବୋଜ (୨) ଓ ନୁର୍ ଅହମଦ୍ (୨) ଯଥାକ୍ରମେ କମିନ୍ସ ଓ ହର୍ଷଲ୍‌ଙ୍କ ଶିକାର ହୋଇଥିଲେ। ଶେଷ ଆଡ଼କୁ ଦୀପକ ହୁଡ୍ଡା ଉପଯୋଗୀ ୨୨ ରନ୍ କରି ଚେନ୍ନାଇକୁ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ହାଇଦ୍ରାବାଦ ପକ୍ଷରୁ ହର୍ଷଲ୍ ପଟେଲ୍ ସର୍ବାଧିକ ୪ ୱିକେଟ୍ ନେଇଥିବା ବେଳେ ପ୍ୟାଟ୍ କମିନ୍ସ ଓ ଜୟଦେବ ଉନାଦକଟ୍‌ଙ୍କୁ ୨-୨ ସଫଳତା ମିଳିଥିଲା। କାମିନ୍ଦୁ ମେଣ୍ଡିସ ଓ ମହମ୍ମଦ ଶମୀ ୧-୧ ୱିକେଟ୍ ନେଇଥିଲେ।

### ଆଇସିସି ଟୁର୍ଣ୍ଣାମେଣ୍ଟ୍‌ରେ ବି ପାକିସ୍ତାନ ସହ ଖେଳିବନି ଭାରତ

## ଆଇସିସିକୁ ପତ୍ର ଲେଖିଲା ବିସିସିଆଇ

**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ମଙ୍ଗଳବାର ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କୀ ଆକ୍ରମଣ ପରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏକ ବଡ଼ ପଦକ୍ଷେପ ନେଇଛି। ପୂର୍ବରୁ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ କ୍ରିକେଟ୍ ଖେଳୁନଥିବା ଭାରତ ଏବେ ଆଇସିସି ଟୁର୍ଣ୍ଣାମେଣ୍ଟ୍‌ରେ ମଧ୍ୟ ପାକିସ୍ତାନ ବିପକ୍ଷରେ କୌଣସି ମ୍ୟାଚ୍ ନଖେଳିବାକୁ ନିଷ୍ପତ୍ତି ନେଇଛି। କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ଏ ନେଇ ବିସିସିଆଇ ଆଇସିସିକୁ ପତ୍ର ଲେଖି ଭାରତ ଓ ପାକିସ୍ତାନକୁ କୌଣସି ଟୁର୍ଣ୍ଣାମେଣ୍ଟ୍‌ର ଗୋଟିଏ ଗ୍ରୁପ୍‌ରେ ନରଖିବାକୁ ଦାବି କରିଛି। ମିଡିଆ ରିପୋର୍ଟ ଅନୁସାରେ ଆଇସିସି ଟୁର୍ଣ୍ଣାମେଣ୍ଟ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ମ୍ୟାଚ୍ ହେବ ବିସିସିଆଇ ଚାହୁଁନାହିଁ। ଉଭୟ ଟିମ୍‌କୁ ଅତିକମ୍‌ରେ ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଗ୍ରୁପ୍‌ରେ ନରଖିବାକୁ ବିସିସିଆଇ ପତ୍ରରେ ଦର୍ଶାଇଛି। ଯଦି ଦୁଇ ଟିମ୍ ସେମିଫାଇନାଲ୍ ଓ ଫାଇନାଲ୍‌ରେ ପହଞ୍ଚନ୍ତି ତେବେ କଥା ଅଲଗା।



ଆଇସିସିର ପରବର୍ତ୍ତୀ ବଡ଼ ଟୁର୍ଣ୍ଣାମେଣ୍ଟ ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ମାସରେ ଭାରତରେ ଆୟୋଜିତ ହେବ। ଏଥିପାଇଁ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଛି। ସେହିପରି ପୁରୁଷ କ୍ରିକେଟ୍‌ରେ ଆଇସିସି ଟୁର୍ଣ୍ଣାମେଣ୍ଟ ଟି-୨୦ ବିଶ୍ୱକପ୍ ୨୦୨୬ ଫେବୃଆରୀ ଓ ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବ। ତେବେ ଏହା ପୂର୍ବରୁ ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ଏସିଆ କପ୍ ବିସିସିଆଇ ପାଇଁ ବଡ଼ ଚିନ୍ତାର କାରଣ ହେବ। ଏଥିରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଟି ମ୍ୟାଚ୍‌ର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ଏବେ ଗ୍ରୁପ୍-ଏ'ରେ ୟୁଏଇ ଓ ହଂକଂ ସହିତ ସ୍ଥାନ ପାଇଛନ୍ତି। ଭାରତ ଏସିଆ କପ୍‌ର ଆୟୋଜକ ହୋଇଥିବା ବେଳେ ପୂରା ଟୁର୍ଣ୍ଣାମେଣ୍ଟ ନ୍ୟୁଟ୍ରାଲ୍ ଭେନ୍ୟୁରେ ହେବାର ସମ୍ଭାବନା ରହିଛି। ଏବେ ଦେଖିବାର ଅଛି ଭାରତ ଓ ପାକିସ୍ତାନ ଏସିଆ କପ୍‌ର ଗୋଟିଏ ଗ୍ରୁପ୍‌ରେ ରହୁଛନ୍ତି କି ଏହାକୁ ନେଇ କୌଣସି ନିଷ୍ପତ୍ତି ହେଉଛି। କାରଣ ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟ୍‌ର କାର୍ଯ୍ୟସୂଚୀ ଘୋଷଣା ହୋଇନାହିଁ। ଏହା ମେ' ସୁଦ୍ଧା ଘୋଷଣା ହେବାର ସମ୍ଭାବନା ରହିଛି। ତେବେ ଏହା ବିସିସିଆଇ ଓ ପିସିବି ମଧ୍ୟରେ କିପରି ତାଳମେଳ ହେଉଛି ତା' ଉପରେ ନିର୍ଭର କରିବ।


### ଏସିଆନ୍ ଜୁନିୟର୍ ବକ୍ସିଂ

## ସେମିରେ ଖୁସି ଓ ଟିକମ୍‌ଙ୍କ ସମେତ ୯ ଭାରତୀୟ

**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ଖୁସି ଚାନ୍ଦ ଏବଂ ଟିକମ୍ ସିଂହଙ୍କ ସମେତ ୯ ଭାରତୀୟ ବକ୍ସର୍ ଜୋର୍ଡାନ୍ ରାଜଧାନୀ ଅମ୍ମାନ୍‌ରେ ଚାଲିଥିବା ଏସିଆନ୍ ଅଣ୍ଡର-୧୫ ଓ ଅଣ୍ଡର-୧୭ ବକ୍ସିଂ ଚାମ୍ପିଅନ୍‌ଶିପ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୨୦୨୪ ଆବୁଧାବି ଏସିଆନ୍ ସ୍କୁଲ୍ ବକ୍ସିଂ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଖୁସି (୪୬ କିଗ୍ରା) ଅଣ୍ଡର-୧୭ ମହିଳା କ୍ୱାର୍ଟର୍ ଫାଇନାଲ୍ ବାଉଟ୍‌ରେ ଭିଏତ୍‌ନାମ୍‌ର ଏନ୍‌ଗୁଏନେ୍ ଥି ହୋଙ୍ଗ୍ ୟେନ୍‌ଙ୍କୁ ଆର୍‌ଏସ୍‌ସିରେ ହରାଇ ଦେଇଛନ୍ତି। ସେହିପରି ଟିକମ୍ (୫୨ କିଗ୍ରା) ଅନ୍ତିମ ୮ରେ ପାଲେଷ୍ଟାଇନ୍‌ର ଓଥମାନ୍ ଡିଆବ୍‌ଙ୍କୁ ଆର୍‌ଏସ୍‌ସିରେ ମାତ୍ ଦେଇ ଅଣ୍ଡର-୧୭ ପୁରୁଷ ବର୍ଗର ପରବର୍ତ୍ତୀ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି।


ଅନ୍ୟ ପୁରୁଷ ବର୍ଗ କ୍ୱାର୍ଟର୍ ଫାଇନାଲ୍‌ରେ ଆମ୍ବେକର ମେତେଇ (୪୮ କିଗ୍ରା), ଉଧମ ସିଂହ (୫୪ କିଗ୍ରା) ଏବଂ ରାହୁଲ ଗରିୟା (୫୭ କ୍ରିଗ୍ରା) ୫-୦ ସର୍ବସମ୍ମତ ନିଷ୍ପତ୍ତିରେ ବିଜୟୀ ହୋଇଥିବା ବେଳେ ଅମନ୍ ଦେବ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଜୋର୍ଡାନ୍‌ର ଓସାମାହ ଅଲ୍-ଖଲ୍‌ଦିଙ୍କୁ ୩-୨ରେ ହରାଇ ଦେଇଛନ୍ତି। ମହିଳା ବର୍ଗରେ ଜିୟା (୪୮ କିଗ୍ରା) ଭିଏତ୍‌ନାମ୍‌ର ଥି ରୁ ନା ଡିନ୍‌ଙ୍କୁ ୫-୦ରେ ଏବଂ ଜନ୍ନତ (୫୪ କିଗ୍ରା) ୟୁକ୍ରେନ୍‌ର ଅନ୍‌ହେଲିନା ରୁମିଆଣ୍ଟସେଭାଙ୍କ ବିପକ୍ଷରେ ୪-୧ରେ ବିଜୟୀ ହୋଇଛନ୍ତି।

## ଗଜ୍ ଟେଷ୍ଟ୍‌ରେ ଜାଡ଼େଜାଙ୍କ ବ୍ୟାଟ୍ ବିଫଳ



**ଚେନ୍ନାଇ,୨୫।୪/ଏଜେନ୍ସି:** ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଚେନ୍ନାଇ ଓ ହାଇଦ୍ରାବାଦ ଆଇପିଏଲ୍ ମ୍ୟାଚ୍‌ରେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଅମ୍ପାୟାର୍‌ଙ୍କ ନିରୀକ୍ଷଣରେ ସିନିୟର୍ ଖେଳାଳି ରବୀନ୍ଦ୍ର ଜାଡ଼େଜାଙ୍କ ବ୍ୟାଟ୍ ଗଜ୍ ଟେଷ୍ଟ୍‌ରେ ବିଫଳ ହେବା ପରେ ତାଙ୍କୁ ଅନ୍ୟ ଏକ ବ୍ୟାଟ୍ ନେଇ ଖେଳିବାକୁ ପଡ଼ିଥିଲା। ପଞ୍ଚମ ଓଭର୍‌ରେ ସାମ୍ କରନ୍‌ଙ୍କ ଆଉଟ୍ ପରେ ଜାଡ଼େଜା ବ୍ୟାଟିଂ ପାଇଁ ଆସିଥିବା ବେଳେ ଏହି ଘଟଣା ଘଟିଥିଲା। ଜାଡ଼େଜା ପଡ଼ିଆରେ ପହଞ୍ଚିବା ପରେ ଫିଲ୍ଡ ଅମ୍ପାୟାର୍ ଷ୍ଟାଣ୍ଡାର୍ଡ ବ୍ୟାଟ୍ ଗଜ୍ ଦ୍ୱାରା ତାଙ୍କ ବ୍ୟାଟ୍‌ର ପରୀକ୍ଷା କରିଥିଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟ୍ ଏହି ପରୀକ୍ଷଣରେ ସଫଳ ହୋଇନଥିଲା ଏବଂ ଅମ୍ପାୟାର୍ ଜାଡ଼େଜାଙ୍କୁ ବ୍ୟାଟ୍ ବଦଳାଇବା ପାଇଁ କହିଥିଲେ। ଏହାପରେ ଚେନ୍ନାଇ ଡଗ୍‌ଆଉଟ୍‌ରୁ ଏକ ବ୍ୟାଟ୍ ଆସିବା ପରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଜାଡ଼େଜା ମ୍ୟାଚ୍‌ରେ ୧୭ ବଲ୍‌ରୁ ୨୧ ରନ୍ କରିଥିଲେ।

## କେକେଆର୍‌ରେ ଯୋଗଦେଲେ ଉମ୍‌ରାନ୍ ମଲିକ୍



ଖେଳିବା ନେଇ ସଂଶୟ

**କୋଲ୍‌କାତା,୨୫।୪/ଏଜେନ୍ସି:** ଭାରତୀୟ ଫାଷ୍ଟ ବୋଲର୍ ଉମ୍‌ରାନ୍ ମଲିକ୍ ଶନିବାରର ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ପୂର୍ବରୁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଟିମ୍‌ରେ ଯୋଗ ଦେଇଛନ୍ତି। ତେବେ ଟିମ୍ ପକ୍ଷରୁ ତାଙ୍କର ଖେଳିବା ନେଇ ସଂଶୟ ଦେଖାଦେଇଛି। କାରଣ ଟିମ୍ ତାଙ୍କ ସ୍ଥାନରେ ବଦଳ ଖେଳାଳି ଘୋଷଣା କରିସାରିଛି। ଆହତ ସମସ୍ୟା କାରଣରୁ ଉମ୍‌ରାନ୍ ମାର୍ଚ୍ଚରେ ପୂରା ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଥିଲେ। ଏହାପରେ କେକେଆର୍ ତାଙ୍କ ସ୍ଥାନରେ ଫାଷ୍ଟ ବୋଲର୍ ଚେତନ୍ ସାକାରିୟାଙ୍କୁ ଟିମ୍‌ରେ ସାମିଲ କରିଥିଲା। ଅବଶ୍ୟ ସାକାରିୟାଙ୍କୁ ଏବେ ସୁଦ୍ଧା ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ମିଳିନାହିଁ। କେକେଆର୍ ଉମ୍‌ରାନ୍‌ଙ୍କୁ ମୋ ଅକ୍ସନ୍‌ରେ ୭୫ ଲକ୍ଷ ଟଙ୍କାରେ ନିଜ ସହିତ ସାମିଲ କରିଥିଲା। ଏହା ପୂର୍ବରୁ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟିମ୍‌ର ସଦସ୍ୟ ଥିଲେ। କିନ୍ତୁ ଅକ୍ସନ୍ ପୂର୍ବରୁ ହାଇଦ୍ରାବାଦ ତାଙ୍କୁ ରିଲିଜ୍ କରିଦେଇଥିଲା। ୨୦୨୧ରେ ଆଇପିଏଲ୍ ଡେବ୍ୟୁ କରିଥିବା କଶ୍ମୀରର ଏହି ବୋଲର୍ ନିଜ ଫାଷ୍ଟ ବୋଲିଂକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷିତ କରିଥିଲେ। କିନ୍ତୁ ଆହତ ସମସ୍ୟା ନେଇ ସେ ଏତେ ସଂଘର୍ଷ କରିଥିଲେ ଯେ ପରବର୍ତ୍ତୀ ଚାରିଟି ସିଜନ୍‌ରେ ମାତ୍ର ୨୬ ମ୍ୟାଚ୍ ଖେଳିଛନ୍ତି। ୨୦୨୨କୁ ଛାଡ଼ିଦେଲେ ଉମ୍‌ରାନ୍ କେବେ ବି ପୂରା ଆଇପିଏଲ୍ ସିଜନ୍ ଖେଳିପାରି ନାହାନ୍ତି। ସେହିପରି ଉମ୍‌ରାନ୍ ଶେଷଥର ପାଇଁ ୨୦୨୩ରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏହାପରେ ସେ ଆଉ ଭାରତୀୟ ଟିମ୍‌କୁ ଫେରିପାରି ନାହାନ୍ତି। ତେବେ କେକେଆର୍ ତାଙ୍କୁ ଟିମ୍‌ରେ କିପରି ଫିଟ୍ କରୁଛି ତାହା ଦେଖିବାକୁ ବାକି ରହିଛି।

### ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍

# ୫୯ ଜଣିଆ ଭାରତୀୟ ଟିମ୍ ଘୋଷିତ

- ଭାଗ ନେବେନି ନୀରଜ ଚୋପ୍ରା
- ଅନିମେଷ, ସାବ୍‌ଲେ ଓ ଚିତ୍ରାଭେଲ୍ ସାମିଲ
- ଶଟ୍‌ପୁଟର୍ ତେଜିନ୍ଦରପାଲ୍ ସିଂହ ତୁର୍ ବାଦ୍

**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ସାଉଥ୍ କୋରିଆର ଗୁମିରେ ମେ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ -୨୦୨୫ ପାଇଁ ଭାରତୀୟ ଆଥ୍‌ଲେଟିକ୍ସ ମହାସଂ (ଏଏଫ୍‌ଆଇ) ୫୯ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଚାମ୍ପିଅନ୍‌ଶିପ୍ ପାଇଁ ନିକଟରେ କୋଚିରେ ସମାପ୍ତ ଫେଡେରେସନ୍ କପ୍‌ରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ପ୍ରାୟ ସମସ୍ତ ଆଥ୍‌ଲେଟ୍‌ଙ୍କୁ ଟିମ୍‌ରେ ସାମିଲ୍ କରାଯାଇଛି। ତେବେ ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଏହି ଚାମ୍ପିଅନ୍‌ଶିପ୍‌ରେ ଭାଗନେବେ ନାହିଁ। ଭୁବନେଶ୍ୱରରେ ଆୟୋଜିତ ୨୦୧୭ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ନୀରଜ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇନାହାନ୍ତି। ସେବେଠାରୁ ତାଙ୍କ ନଜର ଡାଏମଣ୍ଡ୍ ଲିଗ୍ ପ୍ରତିଯୋଗିତା, ବିଶ୍ୱ ଚାମ୍ପିଅନ୍‌ଶିପ୍ ଏବଂ ଅଲିମ୍ପିକ୍ସ ଉପରେ ରହିଆସିଛି। ଚଳିତ ଥର ମଧ୍ୟ ସେ ଡାଏମଣ୍ଡ ଲିଗ୍ ଏବଂ ସେପ୍ଟେମ୍ବରରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନ୍‌ଶିପ୍ ଖେଳିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେହିପରି ମେ ୨୪ରୁ ବେଙ୍ଗାଲୁରୁରେ ହେବାକୁ ଥିବା ଏନ୍‌ସି କ୍ଲାସିକ୍ ଉପରେ ତାଙ୍କ ନଜର ରହିଛି। ଫେଡେରେସନ୍ କପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ଗତ ଥରର ସ୍ୱର୍ଣ୍ଣ ପଦକ ବିଜେତା ଜାତୀୟ ରେକର୍ଡଧାରୀ ଶଟ୍‌ପୁଟର୍ ତେଜିନ୍ଦରପାଲ୍ ସିଂହ ତୁର୍‌ଙ୍କୁ ମଧ୍ୟ ଟିମ୍‌ରେ ସ୍ଥାନ ମିଳିନାହିଁ। ସେହିପରି ନିଜ ଜାତୀୟ ରେକର୍ଡରେ ସୁଧାର କରିବା ସତ୍ତ୍ୱେ ପୋଲ୍‌ଭଲ୍ଟ ଖେଳାଳି ଦେବ କୁମାର ମୀଣାଙ୍କୁ ଟିମ୍‌ରେ ସୁଯୋଗ ମିଳିନାହିଁ। କାରଣ ତାଙ୍କ ପ୍ରୟାସ ଏଏଫ୍‌ଆଇ ଦ୍ୱାରା ନିର୍ଦ୍ଧାରିତ ଏସିଆନ୍ ଚାମ୍ପିଅନ୍‌ଶିପ୍ ପାତ୍ରତା ସ୍ତରରୁ କମ୍ ରହିଛି।





ଅନ୍ୟପକ୍ଷରେ ଫେଡେରେସନ୍ କପ୍‌ରେ ଭାଗ ନେଇନଥିଲେ ମଧ୍ୟ ଅବିନାଶ ସାବ୍‌ଲେ (ପୁରୁଷ ୩୦୦୦ ମିଟର ଷ୍ଟିପିଲ୍ ଚେଜ୍), ପାରୁଲ ଚୌଧୁରୀ (ମହିଳା ୩୦୦୦ ମିଟର ଷ୍ଟିପିଲ୍ ଚେଜ୍) ଏବଂ ଗୁଲ୍‌ବୀର ସିଂହ (୫୦୦୦ ମି. ଓ ୧୦୦୦୦ ମି.)ଙ୍କ ପରି ଶୀର୍ଷସ୍ଥାନୀୟ ଆଥ୍‌ଲେଟ୍‌ଙ୍କୁ ଟିମ୍‌ରେ ସାମିଲ୍ କରାଯାଇଛି।

ଫେଡେରେସନ୍ କପ୍‌ରେ ପୁରୁଷ ୨୦୦ ମିଟର୍‌ରେ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଥିବା ଓଡ଼ିଆ ଧାବକ ଅନିମେଷ କୁଜୁର ଏବଂ ନିଜ ଜାତୀୟ ରେକର୍ଡ ସମକକ୍ଷ ହୋଇଥିବା ଟ୍ରିପଲ୍ ଜମ୍ପର୍ ପ୍ରବୀଣ ଚିତ୍ରାଭେଲ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ଏହା ବ୍ୟତୀତ ମହିଳା ଜାଭେଲିନ୍ ଥ୍ରୋ ଜାତୀୟ ରେକର୍ଡଧାରୀ ଅନୁ ରାଣୀଙ୍କୁ ମଧ୍ୟ ଟିମ୍‌ରେ ସାମିଲ କରାଯାଇଛି। ସେ ମାର୍ଚ୍ଚରେ ଇଣ୍ଡିଆନ୍ ଓପନ୍ ଥ୍ରୋ (ମୁମ୍ବାଇ) ପ୍ରତିଯୋଗିତାରେ ୫୮.୮୨ ମିଟର ପ୍ରୟାସ ଆଧାରରେ ଟିମ୍‌ରେ ସ୍ଥାନ ପକ୍କା କରିଛନ୍ତି।

## ଆଇପିଏଲ୍ ୨୦୨୫: ପ୍ଲେଅଫ୍ ରେସ୍‌ରୁ ରାଜସ୍ଥାନ ବାଦ୍



**ନୂଆଦିଲ୍ଲୀ,୨୫।୪/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୨୦୨୫ ସିଜନ୍ ଏବେ ରୋମାଞ୍ଚକର ମୋଡ଼୍‌ରେ ପହଞ୍ଚିଥିବା ବେଳେ ପ୍ଲେଅଫ୍ ଲଢ଼େଇ ରୋଚକ ହେବାରେ ଲାଗିଛି। ଗୁରୁବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଠାରୁ ପରାଜିତ ହେବାପରେ ରାଜସ୍ଥାନ ରୟାଲ୍ସ ଟିମ୍ ପ୍ଲେଅଫ୍ ରେସ୍‌ରୁ ବାଦ୍ ପଡ଼ିଛି। ଏବେ ୯ଟି ବାକି ରହିଥିବା ବେଳେ ଶୁକ୍ରବାର ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପରେ ଆଉ ଏକ ଟିମ୍‌ର ରାସ୍ତା ବନ୍ଦ ହୋଇଯିବ। ରାଜସ୍ଥାନ ରୟାଲ୍ସ ପରବର୍ତ୍ତୀ ସମସ୍ତ ମ୍ୟାଚ୍‌ରେ ବିଜୟୀ ହେଲେ ଟିମ୍‌ର ପଏଣ୍ଟ ୧୪ ହେବ। କିନ୍ତୁ ବର୍ତ୍ତମାନ ଛଅଟି ଏପରି ଟିମ୍ ରହିଛନ୍ତି, ଯେଉଁମାନେ ୧୬ କିମ୍ବା ଏହାଠାରୁ ଅଧିକ ପଏଣ୍ଟ ହାସଲ କରିପାରନ୍ତି। ୧୬ ପଏଣ୍ଟ୍‌ରେ ପହଞ୍ଚିବା ପାଇଁ ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଆର୍‌ସିବିକୁ ବାକି ଥିବା ମ୍ୟାଚ୍‌ରୁ ମାତ୍ର ଦୁଇଟି ଲେଖାଏ ବିଜୟ ଆବଶ୍ୟକ। ସେହିପରି ପ୍ଲେଅଫ୍‌ରେ ସ୍ଥାନ ହାସଲ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ, ପଞ୍ଜାବ କିଙ୍ଗ୍‌ସ ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ୩ଟି ଲେଖାଏ ବିଜୟର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ନିଜର ବାକି ୬ ମ୍ୟାଚ୍‌ରୁ ପାଞ୍ଚଟି ଜିତିଲେ ୧୬ ପଏଣ୍ଟ୍‌ରେ ପହଞ୍ଚିପାରିବ। ସେହିପରି ଚେନ୍ନାଇ ଓ ହାଇଦ୍ରାବାଦର ଅବସ୍ଥା ମଧ୍ୟ ରାଜସ୍ଥାନ ରୟାଲ୍ସ ସହ ସମାନ। ଆଜିର ପରାଜିତ ଟିମ୍ ସର୍ବାଧିକ ୧୪ ପଏଣ୍ଟ୍‌ରେ ପହଞ୍ଚିପାରିବ। ଯଦିଓ ବିଜୟୀ ଟିମ୍ ପାଇଁ ପ୍ଲେଅଫ୍ ଦ୍ୱାର ଖୋଲା ରହିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra